

ସ୍ୱିଟୀ କୁଜୁର ଯୁ-୧୮ ଭାରତୀୟ ଦଳର ଅଧିନାୟିକା

▸ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-324 •SATURDAY •23 MAY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୨୪ •ଶନିବାର •୨୩ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦






| CHSE +2 Result Analysis | > 95% | > 90% | > 500 | > 80% | > 60% | Total Appeared |
|---|---|---|---|---|---|---|
| SCIENCE | 20 | 51 | 86 | 105 | 200 | 204 |
| COMMERCE | 02 | 06 | 11 | 12 | 25 | 26 |

## ବିଶ୍ୱର ସବୁଠାରୁ ୫୦ଟି ଗରମ ସହର ଏବେ ଭାରତରେ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ସାରା ଦେଶରେ ଗ୍ରୀଷ୍ମ ପ୍ରବାହର କୋପ ଜାରି ରହିଥିବା ବେଳେ ଏକ ଚାଞ୍ଚଲ୍ୟକର ତଥା ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଆଜି ସକାଳର ପାଣିପାଗ ତାଲିକା ଅନୁଯାୟୀ ବିଶ୍ୱର ସବୁଠାରୁ ଉତ୍ତପ୍ତ ୫୦ଟି ସହର ମଧ୍ୟରୁ ସମସ୍ତ ସହର କେବଳ ଭାରତରେ ହିଁ ରହିଛି। ପାଣିପାଗ ଟ୍ରାକର୍ ଆପ୍ 'ଏକ୍ୟୁଆଇ.ଇନ୍'ର ସୂଚନା ଅନୁଯାୟୀ, ଓଡ଼ିଶାର ବଲାଙ୍ଗୀର ସହର ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ସାରା ବିଶ୍ୱରେ ସବୁଠାରୁ ଗରମ ସହର ଭାବେ ରେକର୍ଡ ହୋଇଛି। ପଶ୍ଚିମ ଓଡ଼ିଶାର ବଲାଙ୍ଗୀର-ଟିଟଲାଗଡ଼ ଅଞ୍ଚଳ ସବୁବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଜଣାଶୁଣା। ଆଜି ଏହା ବିଶ୍ୱର ସର୍ବାଧିକ ଉତ୍ତପ୍ତ ସ୍ଥାନ ପାଲଟିଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଏବଂ ଉତ୍ତର ପ୍ରଦେଶର ପ୍ରୟାଗରାଜ ୪୪ ଡିଗ୍ରୀ ସେଲସିୟସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ବିହାର, ଛତିଶଗଡ଼, ତେଲେଙ୍ଗାନା, ହରିୟାଣା ଏବଂ ମଧ୍ୟପ୍ରଦେଶର ଅନେକ ସହର ଏହି ତାଲିକାରେ ଅଛନ୍ତି। ବିଶ୍ୱର ଏହି ୫୦ଟି ସହର ମଧ୍ୟରୁ ଅଧାରୁ ଅଧିକ ସହର କେବଳ ଉତ୍ତର ପ୍ରଦେଶରୁ ରହିଛି, ଯେଉଁଥିରେ ବାରାଣସୀ, ବାନ୍ଦା, ବରେଲି ଏବଂ ଅଯୋଧ୍ୟା ସାମିଲ ଅଛନ୍ତି। ଆଗାମୀ ଦିନରେ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଟପିଯାଇପାରେ ବୋଲି ଚେତାବନୀ ଦିଆଯାଇଛି।

## ଏଭରେଷ୍ଟ ଶିଖରରୁ ଫେରିବା ବେଳେ ଜୀବନ ହାରିଲେ ଦୁଇ ଭାରତୀୟ ପର୍ବତାରୋହୀ

କାଠମାଣ୍ଡୁ, ୨୨।୫(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ସଫଳତାର ସହ ଫେରୁଥିବା ସମୟରେ ଦୁଇ ଜଣ ଭାରତୀୟ ପର୍ବତାରୋହୀଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଅରୁଣ ତିୱାରୀ ଏବଂ ସନ୍ଦୀପ ଆରେ। ଏଭରେଷ୍ଟ ଜୟ କରିବାର ଅପାର ଆନନ୍ଦ ମଧ୍ୟରେ ଏହି ଦୁର୍ଘଟଣା ସମଗ୍ର ପର୍ବତାରୋହଣ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ନେପାଳ ପର୍ବତାରୋହଣ ସଂଘର ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଏଭରେଷ୍ଟ ଶିଖର ଛୁଇଁବା ପରେ ତଳକୁ ଓହ୍ଲାଇବା ସମୟରେ ଉଭୟ ପର୍ବତାରୋହୀ ଅତ୍ୟଧିକ କ୍ଲାନ୍ତ ହୋଇ ପଡ଼ିଥିଲେ। ଅରୁଣ ତିୱାରୀ ହିଲାରୀ ଷ୍ଟେପ୍ ନିକଟରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ ଏବଂ ସେଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଅନ୍ୟପଟେ, ସନ୍ଦୀପ ଆରେଙ୍କୁ ସ୍ଥାନୀୟ ଗାଇଡ୍ ବା ଶେରପାମାନେ ଉଦ୍ଧାର କରି ଦ୍ୱିତୀୟ ଶିବିର ପର୍ଯ୍ୟନ୍ତ ଆଣିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅତି ପ୍ରତିକୂଳ ପରିବେଶରେ ଶେରପାମାନେ ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏଭରେଷ୍ଟ ଆରୋହଣ ପାଇଁ ନେପାଳ ସରକାର ରେକର୍ଡ ସଂଖ୍ୟକ ୪୯୩ଟି ଅନୁମତିପତ୍ର ଜାରି କରିଛନ୍ତି, ଯାହା ଗତ ସାତ ଦଶନ୍ଧି ମଧ୍ୟରେ ସର୍ବାଧିକ। ନିକଟରେ ଗୋଟିଏ ଦିନରେ ୨୭୪ ଜଣ ପର୍ବତାରୋହୀ ଶୀର୍ଷରେ ପହଞ୍ଚି ଏକ ନୂତନ ଇତିହାସ ରଚିଛନ୍ତି।

## ପାକିସ୍ତାନ ଓ ବାଂଲାଦେଶ ସୀମାରେ ଲାଗିବ 'ସ୍ମାର୍ଟ ବର୍ଡର' ବ୍ୟବସ୍ଥା: ଅମିତ ଶାହ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିନ ଘୋଷଣା କରିଛନ୍ତି ଯେ ଆସନ୍ତା ବର୍ଷ ମଧ୍ୟରେ ପାକିସ୍ତାନ ଏବଂ ବାଂଲାଦେଶ ସହ ଜଡ଼ିତ ପ୍ରାୟ ୬,୦୦୦ କିଲୋମିଟରର ଦୀର୍ଘ ସୀମାରେ ଏକ ଅତ୍ୟାଧୁନିକ 'ସ୍ମାର୍ଟ ବର୍ଡର' ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଦିଲ୍ଲୀରେ ଆୟୋଜିତ ବିଏସ୍ଏଫ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି। ଅନୁପ୍ରବେଶ ଏବଂ ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଏହି ପ୍ରକଳ୍ପ ଅଧୀନରେ ଡ୍ରୋନ୍, ରାଡାର୍ ଏବଂ ସ୍ମାର୍ଟ କ୍ୟାମେରା ଭଳି ଆଧୁନିକ ବ୍ୟବସ୍ଥା ସାହାଯ୍ୟରେ ଦିନରାତି ସୀମା ଉପରେ ନଜର ରଖାଯିବ। ଏହାଦ୍ୱାରା ଭାରତର ସୀମା ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇପାରିବ। ଅନୁପ୍ରବେଶକୁ କେବଳ ଏକ ସୁରକ୍ଷା ସମସ୍ୟା ନୁହେଁ, ବରଂ ସୀମାନ୍ତ ଅଞ୍ଚଳର ଜନସଂଖ୍ୟାର ସନ୍ତୁଳନ ବଦଳାଇବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ଗୃହମନ୍ତ୍ରୀ କହିଛନ୍ତି। ସୀମାନ୍ତ ଅଞ୍ଚଳରେ ହେଉଥିବା ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ ନଜର ରଖିବା ପାଇଁ ଗୃହ ମନ୍ତ୍ରଣାଳୟ ଶୀଘ୍ର ଏକ 'ଡେମୋଗ୍ରାଫି ମିଶନ' ଆରମ୍ଭ କରିବ। ଗୋରୁ ଚୋରା ଚାଲାଣ ଏବଂ ଅନୁପ୍ରବେଶ ରୋକିବା ପାଇଁ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ସରକାରଙ୍କ ସହ ମିଶି ବିଏସ୍ଏଫ୍ କାର୍ଯ୍ୟ କରିବ। ଗୃହ ମନ୍ତ୍ରଣାଳୟ ଶୀଘ୍ର ଏହି ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବ। ଦେଶରେ ଥିବା ପ୍ରତ୍ୟେକ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର କରାଯିବ ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଜୁନ୍ ୧୮ ରେ ୨୬ଟି ରାଜ୍ୟସଭା ଆସନ ପାଇଁ ମତଦାନ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଦେଶର ଆଠଟି ରାଜ୍ୟରେ ଖାଲି ପଡ଼ିବାକୁ ଥିବା ୨୬ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ସୂଚୀ ପ୍ରକାଶ ପାଇଛି। ଆସନ୍ତା ଜୁନ୍ ୧୮ ତାରିଖରେ ଏହି ସମସ୍ତ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ସଭ୍ୟମାନଙ୍କ ଛଅ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହେଉଥିବାରୁ ଏବଂ କେତେକ ସ୍ଥାନରେ ଇସ୍ତଫା ଜନିତ କାରଣରୁ ଏହି ଉପ-ନିର୍ବାଚନ କରାଯାଉଛି। ଏହି ନିର୍ବାଚନରେ ଦେଶର ଅନେକ ପ୍ରଭାବଶାଳୀ ଏବଂ ବରିଷ୍ଠ ରାଜନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। କାର୍ଯ୍ୟକାଳ ଶେଷ ହେଉଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ, ବରିଷ୍ଠ ନେତା ଦିଗ୍‌ବିଜୟ ସିଂହ, କେନ୍ଦ୍ର ମନ୍ତ୍ରୀ ଜର୍ଜ କୁରିଆନ୍ ଏବଂ ରବନୀତ ସିଂହ ବିଟ୍ଟୁ।



■ ଦେବେଗୌଡ଼ା, ଖାଡ଼୍‌ଗେଙ୍କ କାର୍ଯ୍ୟକାଳ ଶେଷ ହେବ

ଏହି ରାଜନୈତିକ ମହାରଥୀମାନଙ୍କ ଆସନ ଖାଲି ହେବାକୁ ଥିବାରୁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଏବେଠାରୁ ଗଣିତ ଆରମ୍ଭ ହୋଇଗଲାଣି। ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ, ୨୪ଟି ନିୟମିତ ଆସନ ଆନ୍ଧ୍ରପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ ଏବଂ ମିଜୋରାମରେ ରହିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ଏବଂ ତାମିଲନାଡୁରେ ଦୁଇଟି ଆସନ ପାଇଁ ଉପ-ନିର୍ବାଚନ ହେବ। ମହାରାଷ୍ଟ୍ରରେ ଜାତୀୟତାବାଦୀ କଂଗ୍ରେସ ଦଳର ନେତ୍ରୀ ସୁନେତ୍ରା ପାୱାର ବିଧାନସଭାକୁ ନିର୍ବାଚିତ ହେବା ପରେ ଏବଂ ତାମିଲନାଡୁରେ ଏଆଇଏଡିଏମ୍‌କେ ସଦସ୍ୟ ଭି. ଷନ୍ମୁଗମଙ୍କ ଇସ୍ତଫା ପରେ ଏହି ଆସନଗୁଡ଼ିକ ଖାଲି ପଡ଼ିଥିଲା। ଏହି ସମଗ୍ର ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ତାମିଲନାଡୁର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେଠାରେ ଅଭିନେତାରୁ ସାଂସଦ ସାଜିଥିବା ବିଜୟ ଏବଂ ତାଙ୍କ ନୂତନ ଦଳ 'ତାମିଲଗା ଭେଟ୍ରି କାଜାଗାମ' (ଟିଭିକେ) ଉପରେ ସମସ୍ତଙ୍କ ନଜର ରହିଛି। ସେ ପ୍ରଥମ ଥର ପାଇଁ ରାଜ୍ୟସଭାରେ ପ୍ରବେଶ କରିବାକୁ ଚେଷ୍ଟା କରିବେ ନା କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ସହଯୋଗ କରିବେ, ସେ ନେଇ ସସପେନ୍ସ ଜାରି ରହିଛି।

## ଭୟ ଓ ପ୍ରତାରଣା ଅଭିଯୋଗରେ ଟିଏମସି ନେତା ଗିରଫ

କୋଲକାତା, ୨୨।୫(ଏଜେନ୍ସି): ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ପରେ ତୃଣମୂଳ କଂଗ୍ରେସ (ଟିଏମସି) ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା, ଚାକିରି କରାଇଦେବା ନାଁରେ ପ୍ରତାରଣା ଏବଂ ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ପ୍ରଭାବିତ କରିବା ଅଭିଯୋଗରେ ପୋଲିସ ଆଜି ଟିଏମସି ଶ୍ରମିକ ସଂଗଠନର ନେତା ଶେଖ୍ ୱାସୁଲଙ୍କୁ ଗିରଫ କରିଛି। ପୋଲିସ ସୂତ୍ର ଅନୁଯାୟୀ, ଦୁର୍ଗାପୁର-ଫରିଦପୁର ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଲାଉଦୋହା ଅଞ୍ଚଳରେ ଚଢ଼ାଉ କରି ୱାସୁଲଙ୍କୁ ଗିରଫ କରିଥିଲା।

## ମୋଦୀ ସରକାରଙ୍କ ୧୨ ବର୍ଷ: ୨୨ଟି ପ୍ରମୁଖ ସଫଳତା ପ୍ରଚାର କରିବ ଏନଡିଏ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ୧୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ଶାସକ ଦଳ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଜନସମ୍ପର୍କ ଅଭିଯାନ ଆରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସାଂସଦମାନେ ଜନସାଧାରଣଙ୍କ ପାଖକୁ ଯାଇ ସରକାରଙ୍କ '୨୨ଟି ପ୍ରମୁଖ ସଫଳତା' ବିଷୟରେ ଅବଗତ କରାଇବେ। ଏହି ପ୍ରଚାର ଅଭିଯାନକୁ ୫ଟି ମୁଖ୍ୟ ଭାଗରେ ବିଭକ୍ତ କରାଯାଇଛି, ଯାହା ମାଧ୍ୟମରେ ସରକାରଙ୍କ ଗତ ୧୨ ବର୍ଷର କାର୍ଯ୍ୟକାଳକୁ ତୃଣମୂଳ ସ୍ତରରେ ପହଞ୍ଚାଯିବ।

## ମୋଦୀଙ୍କୁ 'ଝାଲ୍‌ମୁଢ଼ି' ଖୁଆଇଥିବା ଦୋକାନୀଙ୍କୁ ହତ୍ୟା ଧମକ

କୋଲକାତା, ୨୨।୫(ଏଜେନ୍ସି): ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜ ଦୋକାନରୁ ପ୍ରସିଦ୍ଧ 'ଝାଲ୍‌ମୁଢ଼ି' ଖୁଆଇ ରାତାରାତି ଚର୍ଚ୍ଚାକୁ ଆସିଥିବା ବ୍ୟବସାୟୀ ବିକ୍ରମ ସାଉଙ୍କୁ ଏବେ ପାକିସ୍ତାନ ଏବଂ ବାଂଲାଦେଶରୁ ହତ୍ୟା ଧମକ ମିଳୁଥିବା ଅଭିଯୋଗ ହୋଇଛି। ବିକ୍ରମ ଏବଂ ତାଙ୍କ ପରିବାରକୁ ବିଦେଶୀ ନମ୍ବରରୁ କ୍ରମାଗତ ଭାବେ ଫୋନ୍ ଏବଂ ଭିଡିଓ କଲ୍ ମାଧ୍ୟମରେ ବୋମାମାଡ଼ କରି ଉଡ଼ାଇ ଦେବାକୁ ଧମକ ଦିଆଯାଉଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ୧୦ ବର୍ଷ ତଳର ସ୍ଥିତି ଫେରିଲା

## ଆମେରିକା ଏଚ୍-୧ବି ଭିସା ପଞ୍ଜୀକରଣରେ ୩୮.୫% ହ୍ରାସ

ୱାସିଂଟନ୍, ୨୨।୫(ଏଜେନ୍ସି): ଆମେରିକା ଆସନ୍ତା ଆର୍ଥିକ ବର୍ଷ ୨୦୨୭ ପାଇଁ ଏଚ୍-୧ବି ଭିସା ପଞ୍ଜୀକରଣ ସଂଖ୍ୟା ପ୍ରକାଶ କରିଛି, ଯେଉଁଥିରେ ଗତ ବର୍ଷ ତୁଳନାରେ ୩୮.୫ ପ୍ରତିଶତର ବଡ଼ ହ୍ରାସ ଦେଖିବାକୁ ମିଳିଛି। ଆମେରିକା ମହାକାଶ ଓ ନାଗରିକତ୍ୱ ସେବା (ୟୁଏସ୍‌ସିଆଇଏସ୍)ର ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୬ରେ ଏହି ସଂଖ୍ୟା ୩, ୪୩, ୯୮୧ ଥିବା ବେଳେ ୨୦୨୭ରେ ଏହା ମାତ୍ର ୨, ୧୧, ୬୦୦ କୁ ଖସି ଆସିଛି। ଇମିଗ୍ରେସନ ଆଟର୍ଣ୍ଣି ଏମିଲି ନିଉମ୍ୟାନଙ୍କ କହିବା ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ଏବଂ ଆମେରିକା ବାହାରୁ ଆବେଦନ କରୁଥିବା ବ୍ୟକ୍ତିଙ୍କ ଉପରେ ଲଗାଯାଇଥିବା ୧, ୦୦, ୦୦୦ ଆମେରିକୀୟ ଡଲାରର ମୋଟା ଅଙ୍କର ଫି' ଯୋଗୁଁ ଆବେଦନ ସଂଖ୍ୟା ଏତେ କମିଛି। ଚଳିତ ବର୍ଷ ଲଟେରୀ ବଦଳରେ ପ୍ରଥମ ଥର ପାଇଁ 'ଯୋଗ୍ୟତା ଓ ଦରମା' ଆଧାରରେ ପ୍ରାର୍ଥୀ ଚୟନ କରାଯାଇଛି। ଫଳରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା (ମାଷ୍ଟର୍ସ ଡିଗ୍ରୀ କିମ୍ବା ତାଠାରୁ ଅଧିକ) ଏବଂ ଅଧିକ ଦରମା ପାଉଥିବା ୭୧.୫% ଆବେଦନକାରୀ ଉପକୃତ ହୋଇଛନ୍ତି। ଏହାଦ୍ୱାରା କମ୍ ଦରମା ପାଉଥିବା ସ୍ୱଳ୍ପ ଅଭିଜ୍ଞ ବିଦେଶୀ ଶ୍ରମିକଙ୍କ ପ୍ରବେଶ ବନ୍ଦ ହେବ ଏବଂ ସ୍ଥାନୀୟ ଆମେରିକୀୟ କର୍ମଚାରୀଙ୍କ ଚାକିରି ସୁରକ୍ଷିତ ରହିବ ବୋଲି ୟୁଏସ୍‌ସିଆଇଏସ୍ କହିଛି।

## ୨୬ରେ ଦିଲ୍ଲୀରେ କ୍ୱାଡ୍ ବୈଠକ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଆସନ୍ତା ମେ ୨୬ ତାରିଖରେ ନୂଆଦିଲ୍ଲୀରେ 'କ୍ୱାଡ୍' ସଦସ୍ୟ ଦେଶଗୁଡ଼ିକର ବିଦେଶ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ନିମନ୍ତ୍ରଣ କ୍ରମେ ଆମେରିକାର ନୂତନ ବିଦେଶ ସଚିବ ମାର୍କ ରୁବିଓ, ଅଷ୍ଟ୍ରେଲିଆର ବିଦେଶ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବିଦେଶ ମନ୍ତ୍ରୀ ତୋଶିମିତ୍ସୁ ମୋତେଗି ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତ କରିବେ। ଆମେରିକା ବିଦେଶ ସଚିବ ଭାବେ ରୁବିଓଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ବୈଠକରେ ଏକ ମୁକ୍ତ ଏବଂ ଖୋଲା ଇଣ୍ଡୋ-ପାସିଫିକ୍ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏହା ସହିତ ୧ ଜୁଲାଇ ୨୦୨୫ରେ ୱାସିଂଟନ୍‌ରେ ହୋଇଥିବା ଆଲୋଚନାକୁ ଆଗକୁ ବଢ଼ାଯିବ। ଚାରି ଦେଶର ନେତାମାନେ ବାଣିଜ୍ୟ, ଶକ୍ତି ସୁରକ୍ଷା, ପ୍ରତିରକ୍ଷା ସହଯୋଗ ଏବଂ ଅନ୍ୟାନ୍ୟ ପ୍ରାଥମିକତା ପ୍ରସଙ୍ଗରେ ମତାମତ ବିନିମୟ କରିବେ। କ୍ୱାଡ୍‌ର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ପ୍ରଗତି ସମୀକ୍ଷା କରାଯିବା ସହ ବର୍ତ୍ତମାନର ଆନ୍ତର୍ଜାତୀୟ ପରିସ୍ଥିତି ଓ ପାରସ୍ପରିକ ସ୍ୱାର୍ଥ ରକ୍ଷା ଉପରେ ଆଲୋଚନା ହେବ।




## ଚନ୍ଦ୍ରଯାନ-୩କୁ ଆମେରିକାର ସର୍ବୋଚ୍ଚ ମହାକାଶ ସମ୍ମାନ

ୱାଶିଂଟନ/ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ଐତିହାସିକ ଚନ୍ଦ୍ର ଅଭିଯାନ 'ଚନ୍ଦ୍ରଯାନ-୩' ପୁଣି ଥରେ ବିଶ୍ୱ ଦରବାରରେ ଦେଶର ଗୌରବ ବଢ଼ାଇଛି। ଆମେରିକୀୟ ବିମାନ ଚାଳନା ଏବଂ ମହାକାଶ ବିଜ୍ଞାନ ସଂସ୍ଥାନ ପକ୍ଷରୁ ଚନ୍ଦ୍ରଯାନ-୩କୁ ପ୍ରତିଷ୍ଠିତ '୨୦୨୬ ଗୋଡାର୍ଡ ଆଷ୍ଟ୍ରୋନେଟିକ୍ସ ଆୱାର୍ଡ' ବା ଗୋଡାର୍ଡ ମହାକାଶ ବିଜ୍ଞାନ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ମେ ୨୧ ତାରିଖରେ ୱାଶିଂଟନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଭାରତକୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି, ଯାହା ଭାରତର ବୈଜ୍ଞାନିକ ସଫଳତାର ଏକ ଅନନ୍ୟ ପ୍ରମାଣ। ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରଯାନ-୩ ବିଶ୍ୱର ପ୍ରଥମ ମହାକାଶଯାନ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ଅବତରଣ କରି ଇତିହାସ ରଚିଥିଲା। ଏହି ସଫଳତା ଏବଂ ମହାକାଶ ବିଜ୍ଞାନ ପ୍ରତି ଅତୁଳନୀୟ ଅବଦାନ ପାଇଁ ଇସେଆକୁ ଏହି ପୁରସ୍କାର ମିଳିଛି। ୱାଶିଂଟନରେ ଆୟୋଜିତ ଭବ୍ୟ ସମ୍ମିଳନୀରେ ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଇସେଆ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଚନ୍ଦ୍ରର ଦକ୍ଷିଣ ମେରୁ, ଯାହା ପୂର୍ବରୁ ସମ୍ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ଏବଂ ଅନାବିଷ୍କୃତ ଥିଲା, ସେଠାରୁ ଚନ୍ଦ୍ରଯାନ-୩ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଠାଇଛି। ଏହି ଅଭିଯାନ ଚନ୍ଦ୍ର ମାଟିରେ ଅନେକ ମୂଲ୍ୟବାନ ରାସାୟନିକ ଉପାଦାନର ଉପସ୍ଥିତି ନିଶ୍ଚିତ କରିଛି। ଏହି ଆବିଷ୍କାର ଆଗାମୀ ଦିନରେ ଚନ୍ଦ୍ର ପୃଷ୍ଠରେ ମାନବ ବସତି ସ୍ଥାପନ ଏବଂ ବିଭିନ୍ନ ଶିଳ୍ପ କାରଖାନା ନିର୍ମାଣ କରିବାରେ ବେଶ୍ ସହାୟକ ହେବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି। ଏଥିସହ ଭାରତ ଓ ଆମେରିକା ମଧ୍ୟରେ ମହାକାଶ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ଭାରତୀୟ ରାଷ୍ଟ୍ରଦୂତ ପ୍ରକାଶ କରିଛନ୍ତି। ଆଧୁନିକ ରକେଟ୍ ବିଜ୍ଞାନର ଜନକ ରବର୍ଟ ଏଚ୍. ଗୋଡାର୍ଡଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମହାକାଶ ବିଜ୍ଞାନ ଏବଂ ରକେଟ୍ ପ୍ରଦ୍ୟୋଗିକୀ କ୍ଷେତ୍ରରେ ବିଶେଷ ସଫଳତା ପାଇଁ ଏହାକୁ ଆମେରିକାର ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ଭାବେ ଗଣନା କରାଯାଏ। ୧୯୭୫ ମସିହାରୁ ଏହି ପୁରସ୍କାରର ପରିସରକୁ ବ୍ୟାପକ କରାଯାଇ ବିଶ୍ୱର ଶ୍ରେଷ୍ଠ ମହାକାଶ ଅଭିଯାନଗୁଡ଼ିକୁ ସମ୍ମାନିତ କରାଯାଉଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-324 ♦SATURDAY ♦23 MAY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୨୪ ♦ଶନିବାର ♦୨୩ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

# ଘୂର୍ଣ୍ଣିବଳୟ ସକ୍ରିୟ; ୨୮ରେ ଲଘୁଚାପ

■ ଭୁବନେଶ୍ୱର, ୨୨।୫ (ସମିସ): ଆସନ୍ତା ସପ୍ତାହରେ ରାଜ୍ୟରେ ଲଘୁଚାପ ଜନିତ ବର୍ଷା ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆସନ୍ତା ୨୮ ଓ ୨୯ ବେଳକୁ ଏହାଦ୍ୱାରା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ବେଳେ ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି ବୋଲି ଆଇଏମଡି ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକଙ୍କ ଅନୁଯାୟୀ ଏକାଧିକ ବିଶ୍ୱସ୍ତରୀୟ ସାଂଖ୍ୟିକ ମଡେଲଗୁଡ଼ିକର ସଦ୍ୟତମ ଆକଳନରୁ ଜଣାପଡୁଛି ଯେ ଭାରତୀୟ ମହାସାଗରୀୟ ଅବବାହିକାରେ ମୌସୁମୀ ଅନୁକୂଳ ବାୟୁମଣ୍ଡଳୀୟ ସ୍ଥିତି ଦ୍ରୁତ ବେଗରେ ସୁଦୃଢ଼ ହେବାରେ ଲାଗିଛି। ବିଗତ ୪୮ ଘଣ୍ଟା ମଧ୍ୟରେ, ମଡେଲଗୁଡ଼ିକର ସମୀକ୍ଷା ବଙ୍ଗୋପସାଗରରେ ଏକ ସୁସଂଗଠିତ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଦିଗରେ ନିଶ୍ଚିତ ସଙ୍କେତ ଦେଇଛି। ▶ପୃଷ୍ଠା-୭

## ଅଧା ରହିଗଲା ମୁଣ୍ଡନ ଭୋଜି

# ଅଟୋ-ବସ୍ ଧକ୍କା; ୬ ମୃତ



- ବସ୍ ଡ୍ରାଇଭର ଫେରାର, ହେଲ୍ପର ଅଟକ
- ଶୋକାକୁଳ ପରିବେଶରେ ଶବଦାହ
- ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ଏମ୍‌କେସିଜିରେ ଆହତଙ୍କୁ ଭେଟିଲେ ମନ୍ତ୍ରୀ

■ ବ୍ରହ୍ମପୁର/ପୁରୁଷୋତ୍ତମପୁର/କୋଦଳା, ୨୨।୫ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗି-ଶିକୁଳା ରାସ୍ତାର ଲଡକାପଲ୍ଲୀଠାରେ ଶୁକ୍ରବାର ଏକ ବସ୍ ଓ ଅଟୋ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୬ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗୋଳନ୍ଥରା ଥାନା ଚିକିଟି ବ୍ଲକ ଏରେଣ୍ଡା ଗ୍ରାମର ମଲ୍ଲୀ ବେହେରା (୭୫), ନରସିଂହ ବେହେରା(୫୦), ଲିଳାବତି ବେହେରା (୪୫), ରତନୀ ବେହେରା(୪୬), ପୁରୁଷୋତ୍ତମପୁରର ସ୍ନେହା ବେହେରା (୧୦), କିରଣ ବେହେରା (୧୦)। ଗୁରୁତର ମାନେ ହେଲେ ଅଳକା ବେହେରା (୧୭) କନକ ବେହେରା (୬୦) ଭାଗ୍ୟ ବେହେରା (୫୫) ଝିଲି ବେହେରା (୪୦), ଗୀତାଞ୍ଜଳି ବେହେରା ଓ ଅଟୋ ଡ୍ରାଇଭର ବାବୁ ପ୍ରଧାନ ଆହତ ହୋଇଛନ୍ତି।

ସୂଚନା ଅନୁସାରେ, ଗୋଳନ୍ଥରା ଥାନା ଏରେଣ୍ଡା ଗ୍ରାମ ଏକ ପରିବାର ଏକ ଯାତ୍ରୀବାହୀ ଅଟୋ ନଂ ଓଡି ୩୨ଇ ୪୫୩୬ ଯୋଗେ ସିଂହାସିନୀ ମନ୍ଦିରରେ ସମ୍ପର୍କୀୟ ଛୁଆର ମାନସିକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେବାକୁ ପୁରୁଷୋତ୍ତମପୁର ଚାଙ୍ଗୁଡିପଦର ସାହି ଝିଆରୀ ଘରକୁ ଆସିଥିଲେ। ସେଠାରୁ ଝିଆରୀର ଝିଅ ସ୍ନେହା ବେହେରା, ଶାଶୁଙ୍କୁ ସାଙ୍ଗରେ ନେଇ ସମସ୍ତେ ଅଟୋରେ ସିଂହାସିନୀ ପୀଠକୁ ଭୋଜିରେ ଯୋଗଦେବାକୁ ଯାଇଥାନ୍ତେ। ହେଲେ ବିପରୀତ ଦିଗ କୋଦଳାରୁ ପୁରୁଷୋତ୍ତମପୁର ▶ପୃଷ୍ଠା-୭

## ସଂରକ୍ଷଣ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ପ୍ରଶ୍ନ

# ଆଇଏଏସ୍ ଅଫିସରଙ୍କ ପିଲା କାହିଁକି ଚାହୁଁଛନ୍ତି ସଂରକ୍ଷଣ



■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ପଛୁଆ ବର୍ଗ ମଧ୍ୟରେ ଥିବା ଆର୍ଥିକ ଓ ସାମାଜିକ ସ୍ତରରେ ସମୃଦ୍ଧ ପରିବାର (କ୍ରିମିଲେୟାର) ମାନଙ୍କୁ କ୍ରମାଗତ ଭାବେ ସଂରକ୍ଷଣ ସୁବିଧା ଯୋଗାଇଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ବଡ଼ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ୍ ବି. ଭି. ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ କହିଛନ୍ତି ଯେ, ଯେଉଁ ପରିବାରଗୁଡ଼ିକ ସଂରକ୍ଷଣ ମାଧ୍ୟମରେ ସାମାଜିକ ଓ ଆର୍ଥିକ ସ୍ତରରେ ସମୃଦ୍ଧ ହୋଇସାରିଛନ୍ତି, ସେମାନେ ଧୀରେ ଧୀରେ ଏହି ବ୍ୟବସ୍ଥାରୁ ବାହାରିଯିବା ଉଚିତ। ଅଦାଲତ ମୌଖିକ ଭାବେ ପ୍ରଶ୍ନ କରିଛନ୍ତି ଯେ, ଯଦି ଜଣେ ପିଲାଙ୍କର ବାପା ଏବଂ ମା' ଉଭୟ ଉଚ୍ଚ ପଦସ୍ଥ ସରକାରୀ ଚାକିରିଆ (ଆଇଏଏସ୍ ଅଫିସର) ଅଟନ୍ତି, ତେବେ ସେମାନଙ୍କ ପିଲାମାନଙ୍କ ପାଇଁ ପୁଣି ସଂରକ୍ଷଣର ଆବଶ୍ୟକତା କାହିଁକି ରହିଛି? ଶିକ୍ଷାଗତ ଏବଂ ଆର୍ଥିକ ସଶକ୍ତିକରଣ ଆସିବା ପରେ ସାମାଜିକ ସ୍ଥିତିରେ ସୁଧାର ଆସିଥାଏ। ଯଦି ଏଭଳି ସ୍ୱଚ୍ଛଳ ପରିବାରର ପିଲାମାନେ ପୁଣି ସଂରକ୍ଷଣ ସୁବିଧା ଖୋଜିବେ, ତେବେ ଦେଶ କେବେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାରୁ ▶ପୃଷ୍ଠା-୭

# କକ୍ରୋଚ୍ ଜନତା ପାର୍ଟି ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେଙ୍କୁ ହତ୍ୟା ଧମକ



## 'ଆମେରିକାରେ ବି ମାରିଦେବୁ'

■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ମିଳିଥିବା ସେ ଅଭିଯୋଗ କରିଛନ୍ତି। ନିଜ ଏକ୍ସ (ଟୁଇଟର) ଆକାଉଣ୍ଟରେ କିଛି ହ୍ୱାଟ୍ସଆପ୍ ମେସେଜ୍‌ର ସ୍କ୍ରିନସଟ୍ ସେୟାର କରି ସେ ଏହି ସୂଚନା ଦେଇଛନ୍ତି। ଟଙ୍କା ନେଇ ଆକାଉଣ୍ଟ ବନ୍ଦ କରିବାକୁ ତାଙ୍କୁ ଧମକ ଦିଆଯାଇଛି। ଅଭିଜିତଙ୍କୁ ହିନ୍ଦୀରେ ଆସିଥିବା ଏକ ମେସେଜ୍‌ରେ ଲେଖାଅଛି, "ଶୁଣ, ଆକାଉଣ୍ଟ ବନ୍ଦ କରିବା ପାଇଁ ତୁମକୁ ଟଙ୍କା ମିଳିଯିବ। ନଚେତ୍ ଆମେ ତୁମକୁ ଆମେରିକାରେ ଥିଲେ ବି ମାରି ଦେଇପାରିବୁ।' ଅନ୍ୟ ଏକ ମେସେଜ୍‌ରେ ଲେଖାଯାଇଛି ଯେ, "ଆମ ପାଖରେ ତୁମର ନମ୍ବର ଅଛି ଏବଂ ତୁମର ଘର ଖୋଜିବା ପାଇଁ ଆମକୁ ଆଦୌ ସମୟ ଲାଗିବ ନାହିଁ।' ଏହି ସ୍କ୍ରିନସଟ୍ ଗୁଡ଼ିକୁ ସେୟାର କରି ଅଭିଜିତ ଏକ୍ସ'ରେ ଲେଖିଛନ୍ତି, "ବର୍ତ୍ତମାନ ମୋତେ ହତ୍ୟା ଧମକ ମିଳୁଛି।' ନିଜର ବ୍ୟଙ୍ଗାତ୍ମକ ପୋଷ୍ଟ ଓ ଭିନ୍ନ ଅନ୍ଦାଜ ପାଇଁ ଅନ୍‌ଲାଇନ ଦୁନିଆରେ ଚର୍ଚ୍ଚାରେ ଥିବା ଅଭିଜିତଙ୍କୁ ଏଭଳି ସୀମାପାର କିମ୍ବା ଅଜ୍ଞାତ ସ୍ଥାନରୁ ଆସୁଥିବା ଧମକ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

# ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି

## ୨୭ ଯାଏଁ ନିସ୍ତାର ନାହିଁ
## ଝାରସୁଗୁଡ଼ାରେ ୪୫.୨ ଡିଗ୍ରୀ

■ ଭୁବନେଶ୍ୱର, ୨୨।୫ (ସମିସ): ଅସହ୍ୟ ତାତି ଓ ଗୁଳୁଗୁଳିରେ ରାଜ୍ୟବାସୀ ସନ୍ତୁଳି ହେଉଥିବା ବେଳେ ଆସନ୍ତା ୨୭ ତାରିଖ ଯାଏଁ ଏଥିରୁ ନିସ୍ତାର ମିଳିବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏ ନେଇ ପୂର୍ବାନୁମାନ ପ୍ରକାଶ ପାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ଭଦ୍ରକ, କେନ୍ଦ୍ରାପଡା, ସୁନ୍ଦରଗଡ, ବରଗଡ, ଅନୁଗୋଳ, ସୋନପୁର, ବୌଦ୍ଧ ଓ ନୟାଗଡରେ ପ୍ରବଳ ତାତି ଅନୁଭୂତ ହେବ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ହିଟ ୱେଭ ସତର୍କତା ଜାରି କରାଯାଇଛି। ସେହିପରି ସମ୍ବଲପୁର, ବଲାଙ୍ଗିର ପରି ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କରେ ରାତିରେ ଉଷ୍ମତା ଅନୁଭୂତ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବାଲେଶ୍ୱର, ଯାଜପୁର, ଜଗତସିଂହପୁର, କେନ୍ଦୁଝର, କଟକ, ଦେବଗଡ, ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ଅର୍ଥାତ୍ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ରବିବାର ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାରେ ହିଟ ୱେଭ ପରିସ୍ଥିତି ପୂର୍ବାନୁମାନ କରି ସଂପୃକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ▶ପୃଷ୍ଠା-୭

## +୨ ପରୀକ୍ଷାର ବିଚିତ୍ର ମୂଲ୍ୟାୟନ

# ୧୦୦ରୁ ମିଳିଲା ୧୦୨

## ମୁଦ୍ରଣଗତ ତ୍ରୁଟି କହିଲା ସିଏଚ୍‌ଏସ୍‌ଇ

■ ଭୁବନେଶ୍ୱର, ୨୨।୫ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ମୂଲ୍ୟାଙ୍କନ ପ୍ରକ୍ରିୟାରେ ସାଙ୍ଘାତିକ ତ୍ରୁଟି ପଦାକୁ ଆସିଛି। କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ର ଇଂରାଜୀ ବିଷୟରେ ମୋଟ୍ ୧୦୦ ମାର୍କରୁ ୧୦୨ ପାଇବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମୋଟ୍ ମାର୍କ ଠାରୁ ଜଣେ ପରୀକ୍ଷାର୍ଥୀ ଅଧିକ ମାର୍କ କିପରି ପାଇଲେ ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଥିବାବେଳେ ଆଉକିଛି ଏହାକୁ ବେପରୁଆ ଓ ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନର ପ୍ରତିଫଳନ ବୋଲି ଅଭିଯୋଗ କରିଛନ୍ତି। ଘଟଣା ପଦାକୁ ଆସିବା ପରେ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ପଷ୍ଟିକରଣ ରଖାଯାଇଛି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ, ଏହି ବିଷୟରେ ପରିଷଦ ଅବଗତ ଅଛି। ମୁଦ୍ରଣଗତ ତ୍ରୁଟି କାରଣରୁ ସମୁଦାୟ ନମ୍ବର ଠାରୁ ଅଧିକ ମାର୍କ ରହିଛି। ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଥିବା ▶ପୃଷ୍ଠା-୭





# ସିଟି କଟକ

## ସିଏମ୍‌ସିର ୪୦ତମ କାଉନସିଲ ବୈଠକ

# ବର୍ଷା ପୂର୍ବରୁ ପଙ୍କ ଉଦ୍ଧାର ନେଇ ଉଦ୍‌ବେଗ

କଟକ,୨୨।୫(ସମିସ)



କଟକ ମହାନଗର ନିଗମ (ସିଏମସି)ର ୪୦ତମ ସାଧାରଣ ଅଧିବେଶନ ତଥା କାଉନସିଲ ବୈଠକ ମେୟର, କମିଶନର, ସମସ୍ତ ୱାର୍ଡର କର୍ପୋରେଟର ଏବଂ ବିଧାୟକମାନଙ୍କ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ଏହି ବୈଠକରେ ମୁଖ୍ୟତଃ ପ୍ରାକ୍-ମୌସୁମୀ ପ୍ରସ୍ତୁତି, ଜଳ ନିଷ୍କାସନ ଏବଂ ଡେଙ୍ଗୁ ମୁକାବିଲା ଉପରେ ସରଗରମ ଆଲୋଚନା ହୋଇଛି। ଏହା ସହିତ ସହରର ବୁଲା ଗୋରୁଗାଈ, କୁକୁରଙ୍କ ପ୍ରାଦୁର୍ଭାବ କମାଇବା, ସରକାରୀ ଖର୍ଚ୍ଚକାଟ ଏବଂ ଅଘୋଷିତ ବିଦ୍ୟୁତ କାଟ ସମେତ ପାନୀୟ ଜଳ ଯୋଗାଣ ଭଳି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବୈଠକ ବେଶ୍ ଉଷ୍ମ ରହିଥିଲା।

### ପ୍ରସ୍ତୁତ ରଖାଯିବ ୩୦୦ ପମ୍ପ

ତେବେ ସହରବାସୀଙ୍କୁ ଆଶ୍ୱାସନା ଦେଇ ମେୟର କହିଛନ୍ତି ଯେ ପ୍ରବଳ କିମ୍ବା ଲଗାଣ ବର୍ଷା ହେଲେ ମଧ୍ୟ କଟକ ସହର ଅଧଘଣ୍ଟାରୁ ଦୁଇ ଘଣ୍ଟା ଭିତରେ ସମ୍ପୂର୍ଣ୍ଣ ଜଳମୁକ୍ତ ହୋଇଯିବ। ବର୍ଷା ପୂର୍ବରୁ ସମସ୍ତ ସଫେଇ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷା ଜଳ ନିଷ୍କାସନ ପାଇଁ ୨୫୦ଟି ପମ୍ପ ସେଟ୍ ବ୍ୟବହାର ହେଉଥିବା ବେଳେ ଚଳିତ ବର୍ଷ ସହରର ବିଭିନ୍ନ ସ୍ଥାନରେ ୩୦୦ଟି ପମ୍ପ ସେଟ୍ ସଜାଗ ରଖାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ମେୟରଙ୍କ ଜରିମାନା ପ୍ରସ୍ତାବ ନାକଚ, ଗୃହୀତ ହେଲା ଖର୍ଚ୍ଚକାଟ ନିୟମ

ବୈଠକରେ ମେୟର ଏକ ନୂଆ ପ୍ରସ୍ତାବ ଆଗତ କରିଥିଲେ ଯେ, ଯଦି କୌଣସି ବ୍ୟକ୍ତି ବେଆଇନ ଭାବେ ରାସ୍ତା ଅବରୋଧ କରନ୍ତି, ରାସ୍ତା କିମ୍ବା ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତି କିମ୍ବା ବେଆଇନ ପାର୍କିଂ କରନ୍ତି, ତେବେ ସେମାନଙ୍କ ଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବ।

**▸▸ ପ୍ରବଳ ବର୍ଷା ହେଲେ ବି ଘଣ୍ଟାଏ ଭିତରେ ନିଷ୍କାସନ କରାଯିବ: ମେୟର**

ମାତ୍ର ସହରବାସୀଙ୍କ ସମସ୍ୟା ନ ଶୁଣି ଏବଂ ସେମାନଙ୍କୁ ପ୍ରଥମେ ସଚେତନ ନ କରି ହଠାତ୍ ଏଭଳି କଠୋର ନିୟମ ଲାଗୁ କରିବା ଅନୁଚିତ ହେବ ବୋଲି ସମସ୍ତ କର୍ପୋରେଟର ଦାବି କରିଥିଲେ। ଫଳରେ ମେୟରଙ୍କ ଏହି ଜରିମାନା ପ୍ରସ୍ତାବ ଗୃହିତ ହୋଇପାରି ନାହିଁ। ତୈଳ ସଙ୍କଟର ମୁକାବିଲା ଓ ସରକାରୀ ଖର୍ଚ୍ଚକାଟ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବ ଉପରେ କାଉନସିଲ୍ ସହମତି ପ୍ରକାଶ କରିଛି। ଏଣିକି ନିର୍ଦ୍ଦିଷ୍ଟ କିଛି ଦିନମାନଙ୍କରେ ସିଏମସିର ଅଧିକାରୀ ଓ କର୍ମଚାରୀ ସରକାରୀ ଗାଡ଼ି ବ୍ୟବହାର କରିବେ ନାହିଁ। ଗାଡ଼ି ସଂଖ୍ୟା କମାଯିବା ସହ ପର୍ଯ୍ୟାୟକ୍ରମେ ପେଟ୍ରୋଲ-ଡିଜେଲ ଗାଡ଼ି ପରିବର୍ତ୍ତେ ବ୍ୟାଟେରୀ ଚାଳିତ ଇଭି ଗାଡ଼ିର ବ୍ୟବହାର କରାଯିବା ନେଇ ପ୍ରସ୍ତାବ ଗୃହିତ ହୋଇଛି।

### ନାଳ ସଫେଇରେ ବିଳମ୍ବ: ଏଜେନ୍ସି ଉପରେ କ୍ଷୋଭ

ମୌସୁମୀ ଆଗମନକୁ ଆଉ ମାତ୍ର ଅଳ୍ପ କିଛି ଦିନ ବାକି ଥିବା ବେଳେ କଟକ ସହରର ୫୯ଟି ୱାର୍ଡ ମଧ୍ୟରୁ ଅନେକ ସ୍ଥାନରେ ପଙ୍କ ଉଦ୍ଧାର ଓ ନାଳ ସଫେଇ କାର୍ଯ୍ୟ ସଠିକ୍ ଢଙ୍ଗରେ ଶେଷ ହୋଇ ନ ଥିବା ନେଇ ନିର୍ବାଚିତ ଜନପ୍ରତିନିଧିମାନେ ବୈଠକରେ ତଥ୍ୟ ରଖିଥିଲେ। ଡ୍ରେନ୍ ଭାଙ୍ଗିଯିବା ଓ ନାଳ ସଫେଇ ଅଧାପନ୍ତରିଆ ରହିବା ପ୍ରସଙ୍ଗ ଉଠାଇ ଉଭୟ କଂଗ୍ରେସ ଓ ବିଜେପି ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ପଙ୍କ ଉଦ୍ଧାର ଦାୟିତ୍ୱରେ ଥିବା ଠିକା ସଂସ୍ଥା ବା ଏଜେନ୍ସିଗୁଡ଼ିକ କାହାରି କଥା ଶୁଣୁନାହାନ୍ତି ଏବଂ ସେମାନେ ସିଏମସି ପ୍ରଶାସନର ନିୟନ୍ତ୍ରଣ ବାହାରେ ଅଛନ୍ତି ବୋଲି କର୍ପୋରେଟରମାନେ ଅଭିଯୋଗ ଆଣିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନାରେ ଅନିୟମିତତା ଏବଂ ବାୟୋ-ମାଇନିଂ ଟେଣ୍ଡର ବାତିଲ ହେବା ପ୍ରସଙ୍ଗ ନେଇ ବିଜେଡି କର୍ପୋରେଟରମାନେ କ୍ଷୋଭ ପ୍ରକାଶ କରିଥିଲେ।

### ବୁଲା କୁକୁର, ଗୋରୁ ସମସ୍ୟା

ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଏବଂ ଲୋକଙ୍କ ସୁରକ୍ଷା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ସିଏମସି ପ୍ରଶାସନ ଏଯାଏଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ସବୁ ଦଳର କର୍ପୋରେଟର ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ସହରରେ ବୁଲା ଗୋରୁଗାଈ ଓ କୁକୁରଙ୍କ ପ୍ରାଦୁର୍ଭାବ କମାଇବା ପାଇଁ ଆଗାମୀ ଦିନରେ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ପାଟରା ସାହିରେ ରଜ ମହୋତ୍ସବ ପ୍ରସ୍ତୁତି

**କଟକ,୨୨।୫(ସମିସ):** କଟକ ପାଟରା ସାହିର ଦୁଇ ଅଗ୍ରଣୀ ଅନୁଷ୍ଠାନ 'ମା ବୁଢୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ' ଓ 'ଜୟ ମହାବୀର ଯୁବକ ସଂଘ'ର ମିଳିତ ଉଦ୍ୟମରେ ଚଳିତ ବର୍ଷର ରଜ ମହୋତ୍ସବକୁ ଧୁମଧାମରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ହରି ନାରାୟଣ ବେବର୍ତ୍ତାଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି ତିନିଦିନିଆ ରଜୋତ୍ସବ ଅବସରରେ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହା ସହିତ ସ୍ଥାନୀୟ ଝିଅ ଓ ବୋହୂମାନଙ୍କ ମଧ୍ୟରେ ଝୋଟି, ମୁରୁଜ, ମେହେନ୍ଦି, ମ୍ୟୁଜିକ ଚେୟାର, କବାଡି, ହୁଳହୁଳି ଏବଂ ଶଙ୍ଖନାଦ ଭଳି ବିଭିନ୍ନ ପାରମ୍ପରିକ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଉଭୟ ଅନୁଷ୍ଠାନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ସ୍ଥାନୀୟ କର୍ପୋରେଟର ବଟକୃଷ୍ଣ ସାହୁ, ଅକ୍ଷୟ ସାହୁ, ସୁଧୀର ରାଉତ, ବିବେକାନନ୍ଦ ସାହୁ, ପ୍ରଫୁଲ୍ଲ ଲେଙ୍କା, ବିଶ୍ୱମ୍ବର ପାତ୍ର, ରାଜକିଶୋର ବେହେରା, ଦେବେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ପ୍ରିୟରଞ୍ଜନ ମହାପାତ୍ର, ଗଣେଶ ଲେଙ୍କା, ବିଷ୍ଣୁ ଚରଣ ସାହୁ ଏବଂ ଜ୍ଞାନେନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସଦସ୍ୟ ଯୋଗଦେଇଥିଲେ। ଶ୍ରୀଧର ରାୟ ଧନ୍ୟବାଦ ଦେଇଥିଲେ।

## ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ

**କଟକ,୨୨।୫(ସମିସ):** ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ଧାମ ଡୁଡୁୱାଲା ଧର୍ମଶାଳା ପୁରୀଠାରେ ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ରାଧାବଲ୍ଲଭ ମଠର ମହନ୍ତ ପୂଜ୍ୟ ସ୍ୱାମୀ ରାମକୃଷ୍ଣ ଦାସ ମହାରାଜ, ସ୍ୱାମୀ ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ, ସ୍ୱାମୀ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜ, ମୁଖ୍ୟ ଉପଦେଷ୍ଟା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ଶ୍ରୀମନ୍ଦିର ସେବାୟତ ଜଗନ୍ନାଥ ପୂଜା ପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ପଣ୍ଡା, ସୁଦର୍ଶନ ପୂଜାପଣ୍ଡା, ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ଗୋପାଳ ଖୁଣ୍ଟିଆ, ବଳଭଦ୍ର ମହାପାତ୍ର, ଶରତ ମହାନ୍ତି, ଡଃ ଭାସ୍କର ମିଶ୍ର, ବିଶ୍ୱନାଥ ସାମନ୍ତରା, କୃଷ୍ଣଚନ୍ଦ୍ର ସାମନ୍ତରା, ବିରେନ୍ଦ୍ର ନାରାୟଣ ଗୋଚ୍ଛିକାର, ଜଗନ୍ନାଥ ଖୁଣ୍ଟିଆ, ଗଙ୍ଗାଧର ପ୍ରତିହାରୀ, ଉପ ଆରକ୍ଷୀ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଆରପିଏଫ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ପୁରୀ ଏସପି ପ୍ରତୀକ ସିଂହ, ଡଃ ସୌମ୍ୟଦର୍ଶନ ନାୟକ, ଡଃ ଦେବାଶିଷ ଜ୍ୟୋତ୍ସ୍ନୀ, ଶିକ୍ଷାବିତ ଡଃ ପ୍ରଭୁଚରଣ ମହାନ୍ତି, ବିଶିଷ୍ଟ ଅର୍ଥନୀତିଜ୍ଞ ସମୀର ପରିଜା ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ସଂସାରରେ ସୁସ୍ଥ ସମାଜ ଗଠନ କରିବା ପାଇଁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚେତନାକୁ ନିଜ ଜୀବନରେ ଆଚରଣ କରିବା ଉଦ୍ଦେଶ୍ୟରେ ହେଉଥିବା ଏହି ବିଶାଳ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## 'ଜାଗା ମିଶନ'ରେ ବାସଗୃହ ପାଇଲେ ୧୨ ପରିବାର



**କଟକ,୨୨।୫(ସମିସ):** କଟକ ମହାନଗର ନିଗମର ୨ନଂ ୱାର୍ଡର କର୍ପୋରେଟର ପୁଷ୍ପିତା ମହାନ୍ତି ଏବଂ ମେୟର ସୁବାସ ସିଂହଙ୍କ ମିଳିତ ପ୍ରଚେଷ୍ଟାରେ ୧୨ଟି ଗୃହହୀନ ପରିବାର ସ୍ଥାୟୀ ଆଶ୍ରୟ ପାଇବାରେ ସକ୍ଷମ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୯ ଅଗଷ୍ଟ ୨୦୨୨ରେ କଟକ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ବାସଗୃହ ଉଚ୍ଛେଦ ହେବା ପରେ ଏହି ପରିବାରଗୁଡ଼ିକ ଦୀର୍ଘ ଦିନ ଧରି ଗୃହବିହୀନ ଜୀବନ କାଟୁଥିଲେ ଏବଂ କେତେକ ପରିବାର ସିଏମସିର ଟ୍ରାଞ୍ଜିଟ୍ ହାଉସରେ ମଧ୍ୟ ଆଶ୍ରୟ ନେଇଥିଲେ। ପରିବାରଗୁଡ଼ିକର ସ୍ଥାୟୀ ପୁନର୍ବାସ ଅନୁରୋଧକୁ ରକ୍ଷା କରି ସରକାରଙ୍କ "ଜାଗା ମିଶନ" ଯୋଜନା ଅନ୍ତର୍ଗତ ତ୍ରିଶୂଳିଆ ନିକଟସ୍ଥ ନରଣପୁର ଅଞ୍ଚଳରେ ଏହି ୧୨ ପରିବାରଙ୍କୁ ସ୍ଥାୟୀ ବାସଗୃହ ଆବଣ୍ଟନ କରାଯାଇଛି। ଘର ପାଇବା ପରେ ଆଜି ଅପରାହ୍ନରେ ବୀଣାପାଣି ପତି, କାନନବାଳା ପାଢ଼ୀ, ସୁଦାମ ନାୟକଙ୍କ ସମେତ ସମସ୍ତ ପରିବାରର ସଦସ୍ୟ କର୍ପୋରେଟର ଶ୍ରୀମତୀ ମହାନ୍ତିଙ୍କ ସହ ଗଡ଼ଖାଇସ୍ଥିତ ମେୟରଙ୍କ ସରକାରୀ ବାସଭବନରେ ଭେଟି ସେମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। ଜନପ୍ରତିନିଧିମାନଙ୍କର ଏଭଳି ସେବା ମନୋଭାବକୁ ସ୍ଥାନୀୟ ଜନସାଧାରଣ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି।

## ସୁଜଲ୍ ସ୍ୱାଇଁଙ୍କୁ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ'



କଟକ,୨୨।୫(ସମିସ): କଟକ ମହାବିଦ୍ୟାଳୟର ଯୁବ ରେଡକ୍ରସ ୟୁନିଟ୍ ସଦସ୍ୟା ସୁଜଲ୍ ସ୍ୱାଇଁଙ୍କୁ ଚଳିତ ବର୍ଷର ରାଜ୍ୟସ୍ତରୀୟ 'ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। ରକ୍ତଦାନ, ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନିଃସ୍ୱାର୍ଥପର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଭୁବନେଶ୍ୱରର ଜୟଦେବ ଭବନଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଜଲଙ୍କ ଏହି ଗୌରବମୟ ସଫଳତା ପାଇଁ କଟକ ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷା ଡକ୍ଟର ରୁନୁବାଳା ମହାରଣା ଏବଂ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧାପିକା ଡକ୍ଟର ପ୍ରଣତୀ ପଟ୍ଟନାୟକ ଯୋଗଦେଇ ସୁଜଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ରେଡକ୍ରସ ଅଫିସର କୁମାର ପ୍ରଦୀପ୍ତ ମିଶ୍ର, ଅଧ୍ୟାପକ ଡ. ମହମ୍ମଦ ଖୁର୍ସିଦ୍, ଅଧ୍ୟାପକ ମଣ୍ଟୁ ଜେନା ଓ ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ୟୁନିଟ୍ ସଦସ୍ୟା ପ୍ରିୟା ମଲ୍ଲିକ, ଲିପି କାଣ୍ଡି, ରଜନୀ ପାତ୍ର ଓ ପ୍ରସାଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ ପାଇଁ ଉଦ୍ୟମ

**■ ଜ୍ଞାନ ଭାରତମ୍ ମିଶନ ପକ୍ଷରୁ ସର୍ଭେ ଆରମ୍ଭ**

କଟକ,୨୨।୫(ସମିସ): କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଥିବା 'ଜ୍ଞାନ ଭାରତମ ମିଶନ' ମାଧ୍ୟମରେ ଓଡ଼ିଶା ସମେତ ସାରା ଦେଶରେ ଥିବା ବିରଳ ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ସର୍ଭେ ଏବଂ ଦସ୍ତାବିଜକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତର ପୁରାତନ ଜ୍ଞାନ ପରମ୍ପରାକୁ ଆଧୁନିକ ଡିଜିଟାଲ ମାଧ୍ୟମରେ ସୁରକ୍ଷିତ ରଖିବା ଏହି ମିଶନର ମୁଖ୍ୟ ଲକ୍ଷ୍ୟ। ଏହି ଯୋଜନା ଅଧୀନରେ ରାଜ୍ୟର ବିଭିନ୍ନ ପୁରାତନ ଅନୁଷ୍ଠାନ, ମଠ, ମନ୍ଦିର, ପୁସ୍ତକାଳୟ, ଅଭିଲେଖାଗାର ଏବଂ ବ୍ୟକ୍ତିଗତ ସ୍ତରରେ ସଂରକ୍ଷିତ ଥିବା ସମସ୍ତ ପ୍ରାଚୀନ ଗ୍ରନ୍ଥ ଓ ପୋଥିଗୁଡ଼ିକୁ ମିଶନ ପକ୍ଷରୁ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ଆପ୍ ଜରିଆରେ ପଞ୍ଜୀକରଣ କରାଯିବ। ମିଶନ ଦ୍ୱାରା ଏହି ଅମୂଲ୍ୟ ସମ୍ପଦଗୁଡ଼ିକର କେବଳ ଡିଜିଟାଇଜେସନ କରାଯିବ ଏବଂ ମୂଳ ପାଣ୍ଡୁଲିପି କିମ୍ବା ତାଳପତ୍ର ପୋଥିଗୁଡ଼ିକ ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ନିକଟରେ ହିଁ ସୁରକ୍ଷିତ ରହିବ। ଏହି ବୃହତ ପ୍ରକ୍ରିୟା ଦ୍ୱାରା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଜ୍ଞାନ ପରମ୍ପରା ଆଗାମୀ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ହୋଇପାରିବ। କଟକ ଜିଲ୍ଲା ମଧ୍ୟରେ ଯଦି କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କ ନିକଟରେ ଏଭଳି ପ୍ରାଚୀନ ସାହିତ୍ୟ ବା ପୋଥି ରହିଛି, ତେବେ ସେମାନଙ୍କୁ ତୁରନ୍ତ କଟକ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଏହି ଜାତୀୟ ସର୍ଭେ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ନନ୍ଦନକାନନରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

**ବାରଙ୍ଗ,୨୨।୫(ସମିସ):** ସାରା ବିଶ୍ୱରେ ମେ ୨୨ ତାରିଖକୁ 'ଅନ୍ତର୍ଜାତୀୟ ଜୈବିକ ବିବିଧତା ଦିବସ' ଭାବେ ପାଳନ କରାଯାଉଥିବା ବେଳେ ଏହି ଅବସରରେ ନନ୍ଦନକାନନ ପ୍ରାଣୀ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିସରରେ "ବାୟୋବ୍ଲିଟ୍ଜ ୨୦୨୬' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ନନ୍ଦନକାନନ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଜୈବିକ ବିବିଧତା ଚିହ୍ନଟ ପାଇଁ ଏକ ସ୍ୱତନ୍ତ୍ର ୨୪ ଘଣ୍ଟିଆ ଡକ୍ୟୁମେଣ୍ଟେସନ୍ ଇଭେଣ୍ଟର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ୧୬ଟି ବିଭିନ୍ନ ପ୍ରତିଷ୍ଠାନର ପ୍ରାୟ ୭୦ ଜଣ ପ୍ରତିନିଧି ସାମିଲ ହୋଇଥିଲେ, ଯେଉଁଥିରେ ଛାତ୍ରଛାତ୍ରୀ, ଗବେଷକ, ବନ୍ୟପ୍ରାଣୀ ଉତ୍ସାହୀ ଏବଂ ନନ୍ଦନକାନନର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଭୟାରଣ୍ୟରେ ପ୍ରାଣୀ ଓ ଉଦ୍ଭିଦର ସଠିକ୍ ଗଣନା ତଥା ଚିହ୍ନଟୀକରଣ ପାଇଁ କ୍ୟାମେରା ଟ୍ରାପ୍, ଜିପିଏସ୍ ଡିଭାଇସ୍ ସମେତ ଇ-ବାର୍ଡ, ମର୍ଲିନ୍ ଏବଂ ଆଇ-ନାଚ୍ୟୁରାଲିଷ୍ଟ ଭଳି ଆଧୁନିକ ସିଟିଜେନ୍ ସାଇନ୍ସ ଆପ୍ଲିକେସନ୍ ବ୍ୟବହାର କରାଯାଇଥିଲା। ସର୍ଭେ ପାଇଁ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ସମଗ୍ର ଅଭୟାରଣ୍ୟରେ ନିୟୋଜିତ କରାଯାଇଥିଲା। ଏହି ଟିମ୍‌ଗୁଡ଼ିକ ପକ୍ଷୀ, କୀଟପତଙ୍ଗ, ସରୀସୃପ, ଉଭୟଚର, ସ୍ତନ୍ୟପାୟୀ ପ୍ରାଣୀ, କବକ ଏବଂ ବିଭିନ୍ନ ପ୍ରଜାତିର ଉଦ୍ଭିଦଗୁଡ଼ିକର ସବିଶେଷ ତଥ୍ୟ ରେକର୍ଡ କରିଥିଲେ। ଏହି କାର୍ଯ୍ୟକ୍ରମ ବୈଜ୍ଞାନିକ ପର୍ଯ୍ୟବେକ୍ଷଣ ଏବଂ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ସହ ଅଭୟାରଣ୍ୟ ଅଞ୍ଚଳର ଏକ ମୂଲ୍ୟବାନ ଜୈବ ବିବିଧତା ଡାଟାବେସ୍ ପ୍ରସ୍ତୁତ କରିବାରେ ବେଶ୍ ସହାୟକ ହୋଇଛି।

**ଆଠଗଡ଼ ବିଧାୟକଙ୍କୁ ଆକ୍ରମଣ ଘଟଣା**

## ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ



**କଟକ,୨୨।୫(ସମିସ):** ଆଠଗଡ ବିଧାୟକ ରାଜା ସ୍ୱାଇଁଙ୍କ ଗାଡି ଉପରକୁ ଆକ୍ରମଣ ଘଟଣାରେ ବିଜେଡିର ଏକ ପ୍ରତିନିଧି ଦଳ ଆଜି ସନ୍ଧ୍ୟାରେ କଟକ ଗ୍ରାମାଞ୍ଚଳ ଏସପିଙ୍କୁ ଭେଟିଛନ୍ତି। ଟିଗିରିଆ ବ୍ଲକ୍ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସରପଞ୍ଚ ପ୍ରତାପ ଜେନା, ବେଣୁଧର ସାହୁ, ବିଜୟ ବଳିୟାରସିଂହ ଓ ସମିତିସଭ୍ୟଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ଏସ୍‌ପିଙ୍କୁ ଭେଟି ଆକ୍ରମଣରେ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଜଣାଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫଦାରୀ ଦାବି କରିବା ସହ ଟିଗିରିଆ ଅଞ୍ଚଳରେ ଶାନ୍ତିର ବାତାବରଣକୁ ଅଶାନ୍ତ କରିବାକୁ ଚେଷ୍ଟା କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେଡିର ଏହି ପ୍ରତିନିଧିମଣ୍ଡଳୀ ଦାବି ଜଣାଇଛି। ଯଦି ପୁଲିସ ତୁରନ୍ତ କୌଣସି ପଦକ୍ଷେପ ନେବାରେ ବିଫଳ ହୁଏ, ତେବେ ବିଜେଡି ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ଦାବି ଜଣାଇଛି।

## କଟକ ନଗର କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ



**କଟକ,୨୨।୫(ସମିସ):** କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ସାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। କଟକ ମାଛୁଆ ବଜାରସ୍ଥିତ ଶହୀଦ ପାର୍କ ପ୍ରାଙ୍ଗଣରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କର ଦେଶ ପ୍ରତି ଥିବା ଅବଦାନ ଓ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭାରତରେ ଆଇଟି, ଟେଲିକମ୍ ବିପ୍ଳବର ପ୍ରତିଷ୍ଠା ଏବଂ ପଞ୍ଚାୟତରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ବରିଷ୍ଠ ନେତା ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ପ୍ରଧାନ, ହରିଶଙ୍କର ରାଉତ, ନିର୍ମଳ ସ୍ୱାଇଁ, ଜଗନ୍ନାଥ ସାହୁ, କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ପ୍ରାକ୍ତନ କର୍ପୋରେଟର ହିମାଂଶୁ ରାଉତ୍ ଓ ପ୍ରଶାନ୍ତ ଭୋଇ, ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଓ ଯୁବ ଆଇନଜୀବୀ ରାଜୀବ ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**■ ବିଶ୍ୱ ଦରବାରରେ ଚମକିଲା କଟକ ରୁପା ତାରକସୀ**

## ନରୱେ ରାଜାଙ୍କୁ ପ୍ରଧାନମନ୍ତ୍ରୀ ଦେଲେ ସିଲଭର ସିଟିର ବୋଇତ ଉପହାର



**କଟକ, ୨୨।୫(ସମିସ):** ହଜାର ବର୍ଷର ଐତିହାସିକ ସହର କଟକର ପ୍ରସିଦ୍ଧ ପାରମ୍ପରିକ ରୁପା ତାରକସୀ କଳା ଏବେ ଅନ୍ତର୍ଜାତୀୟ ସ୍ତରରେ ଏକ ବଡ଼ ଉପଲବ୍ଧି ହାସଲ କରିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନରୱେ ଗସ୍ତ ସମୟରେ ସେଠାକାର ରାଜାଙ୍କୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ପ୍ରତୀକ ସ୍ୱରୂପ ଏକ ରୂପା ତାରକସୀ 'ବୋଇତ' ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହି ନିଖୁଣ ଏବଂ କଳାତ୍ମକ ବୋଇତକୁ ପ୍ରସ୍ତୁତ କରି ସାରା ବିଶ୍ୱରେ କଟକର ଟେକ ରଖିଛନ୍ତି ଶେଖବଜାର ଅଞ୍ଚଳର ବିଶିଷ୍ଟ କାରିଗର ବିଶ୍ୱନାଥ ଦେ। ଏହି ଖବର ପ୍ରସାରିତ ହେବା ପରେ ଏବେ ସିଲଭର ସିଟି କଟକ ସମେତ ସାରା ରାଜ୍ୟରେ ବିଶ୍ୱନାଥଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି ଏବଂ ସେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି।

### ଚର୍ଚ୍ଚାରେ ତାରକସୀ କାରିଗର ବିଶ୍ୱନାଥ

ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ଉପହାର କେବଳ କଟକର ପୁରାତନ ସାଧବ ପୁଅଙ୍କ ନୌବାଣିଜ୍ୟ ଗୌରବକୁ ପ୍ରତିଫଳିତ କରୁନାହିଁ, ବରଂ ଓଡ଼ିଶାର ହସ୍ତଶିଳ୍ପର ଗୁରୁତ୍ୱକୁ ବିଶ୍ୱ ଦରବାରରେ ଦୁଇଗୁଣିତ କରିଛି। ଏହି ସୂକ୍ଷ୍ମ ରୂପା ବୋଇତ ପ୍ରସ୍ତୁତ କରିବା ପାଇଁ ବିଶ୍ୱନାଥଙ୍କୁ ପ୍ରାୟ ଏକ ମାସ କାଳ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଭବ୍ୟ କୃତି ପଛରେ ତାଙ୍କ ପରିବାର ଏବଂ ସହଯୋଗୀ କାରିଗରମାନଙ୍କର ଅକ୍ଳାନ୍ତ ପରିଶ୍ରମ ତଥା ନିଷ୍ଠା ରହିଥିବା ସେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶାର ଏହି ପାରମ୍ପରିକ କଳାକୁ ଏତେ ବଡ଼ ମଞ୍ଚରେ ସମ୍ମାନିତ କରିଥିବାରୁ ଏହା ସମଗ୍ର କଟକ ସହର ତଥା ରୂପା ସାମଗ୍ରୀ ଶିଳ୍ପ ସହ ଜଡ଼ିତ ସମସ୍ତ କାରିଗର ସମାଜ ପାଇଁ ଏକ ବିରାଟ ଗର୍ବର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ସହରରେ ପାର୍କଗୁଡ଼ିକର ଦୟନୀୟ ସ୍ଥିତିକୁ ନେଇ ହାଇକୋର୍ଟ କ୍ଷୁବ୍ଧ

କଟକ,୨୨।୫(ସମିସ)

କଟକ ସହରରେ ସିଏମସି ଏବଂ ସିଡିଏ ଦ୍ୱାରା ପରିଚାଳିତ ହେଉଥିବା ବିଭିନ୍ନ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଦୟନୀୟ ସ୍ଥିତିକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସହରର ପାର୍କ ଗୁଡ଼ିକରେ ପିଇବା ପାଣି ଏବଂ ସ୍ୱଚ୍ଛ ଶୌଚାଳୟ ଭଳି ପ୍ରାଥମିକ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ ନଥିବା ନେଇ ହାଇକୋର୍ଟ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। କଟକ ସହର ସମସ୍ୟା ସମ୍ପର୍କିତ ମାମଲାର ଶୁଣାଣି କରି ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ସମୟରେ ସିଏମସି ପକ୍ଷରୁ ଅତିରିକ୍ତ କମିଶନର ଏବଂ ସହକାରୀ କମିଶନରଙ୍କ (ଉଦ୍ୟାନ ଓ ବୃକ୍ଷରୋପଣ ଦାୟିତ୍ୱରେ ଥିବା) ଦ୍ୱାରା ଏକ ଅନୁପାଳନ ରିପୋର୍ଟ କୋର୍ଟରେ ଦାଖଲ କରାଯାଇଥିଲା। ମାତ୍ର କୋର୍ଟଙ୍କ ପର୍ଯ୍ୟବେକ୍ଷଣ ଅନୁଯାୟୀ, ଦାଖଲ କରାଯାଇଥିବା ଏହି ରିପୋର୍ଟ ଏବଂ ସହରର ପାର୍କ ଗୁଡ଼ିକର ବାସ୍ତବ ସ୍ଥିତି ମଧ୍ୟରେ ଆକାଶ ପାତାଳ ତଫାତ ରହିଛି। ସିଏମସି ଏବଂ ସିଡିଏ କର୍ତ୍ତୃପକ୍ଷଙ୍କ ଏଭଳି ଉଦାସୀନ ମନୋଭାବକୁ ନେଇ କୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ମାମଲାର ଶୁଣାଣି ସମୟରେ ସିଏମସି ନଗର ଯନ୍ତ୍ରୀ ଅତନୁ କୁମାର ସାମନ୍ତ, ଅତିରିକ୍ତ କମିଶନର ସୋନା ଟୁଡୁ ଏବଂ ସହକାରୀ କମିଶନର କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ଥିଲେ। ନଗର ଯନ୍ତ୍ରୀ ଶ୍ରୀ ସାମନ୍ତ ନିଜେ ସମସ୍ତ ପାର୍କର ପିଇବା ପାଣି ଏବଂ ଶୌଚାଳୟ ସ୍ୱଚ୍ଛତା ବ୍ୟବସ୍ଥାର ବ୍ୟକ୍ତିଗତ ତଦାରଖ କରିବେ ବୋଲି କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜୁ ପଟ୍ଟନାୟକ ପାର୍କରେ ଆଲୋକୀକରଣ ଏବଂ ସଫେଇ ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର ଥିବା ନେଇ ବାର୍ ଆସୋସିଏସନ ପକ୍ଷରୁ ଅଭିଯୋଗ ହେବା ପରେ, ସେଠାରେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସେ କୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ଆଡଭୋକେଟ କମିଟି ଦ୍ୱାରା ସିଡିଏ ସେକ୍ଟର-୧୦ ଏବଂ ସେକ୍ଟର-୧୧ ପାର୍କ ପରିଦର୍ଶନ କରାଯାଇ ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ରିପୋର୍ଟ ସିଏମସିର ଚରମ ଅବହେଳାକୁ ସ୍ପଷ୍ଟ ଭାବେ ପଦାରେ ପକାଇଛି। ସିଏମସି କମିଶନର କିରଣଦୀପ କୌର ସାହୋଟା ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହୋଇ ସ୍ଥିତିର ସମୀକ୍ଷା ପାଇଁ ଆସନ୍ତା ସପ୍ତାହରେ ନିର୍ମାଣ ସଂସ୍ଥା ଓଏସଆଇସି ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଜଣାଇଛନ୍ତି। ଆସନ୍ତା ଜୁଲାଇ ୧୩ ସୁଦ୍ଧା ଏହି ପ୍ରସଙ୍ଗରେ କୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ, ୨୩ରେ ଅନୁଷ୍ଠିତ ହେବ।



**ନାହିଁ ପିଇବା ପାଣି ଓ ଶୌଚାଳୟ ସୁବିଧା**

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-324 ♦SATURDAY ♦23 MAY 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୩୨୪ ♦ଶନିବାର ♦୨୩ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ‘ଅଗ୍ନି-୧’ର ସଫଳ ଉତ୍କ୍ଷେପଣ



■ ବାଲେଶ୍ୱର, ୨୨।୫(ସମିସ): ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ଆଜି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ‘ଅଗ୍ନି-୧’ର ସଫଳ ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ତତ୍ତ୍ୱାବଧାନରେ ଏହି ଉତ୍କ୍ଷେପଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପିଆଇବି ପ୍ରେସ୍ ବିବୃତି ଅନୁଯାୟୀ, ଏହି ଉତ୍କ୍ଷେପଣ ଦ୍ୱାରା କ୍ଷେପଣାସ୍ତ୍ରର ସମସ୍ତ ପରିଚାଳନାଗତ ଓ ବୈଷୟିକ ମାନଦଣ୍ଡ ସଫଳତାର ସହ ପ୍ରମାଣିତ ହୋଇଛି। ଅଗ୍ନି-୧ ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ। ଏହାର ମାରକ କ୍ଷମତା ପ୍ରାୟ ୭୦୦ରୁ ୯୦୦କିମି ଏବଂ ଏହା ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ। ଭାରତୀୟ ସେନାରେ ଏହା ପୂର୍ବରୁ ହିଁ ସାମିଲ ଅଛି। ସେନାର ବ୍ୟବହାରକାରୀ ପରୀକ୍ଷଣ ଭାବେ ନିୟମିତ ଏହି ପ୍ରକାର ଉତ୍କ୍ଷେପଣ କରାଯାଇଥାଏ।

## ହୋଣ୍ଡୁରାସରେ ଭୟାବହ ଗୁଳିକାଣ୍ଡ
## ୬ ପୁଲିସଙ୍କ ସମେତ ୨୫ ମୃତ

■ ଟେଗୁସିଗାଲ୍ପା, ୨୨।୫ (ଏଜେନ୍ସି): ମଧ୍ୟ ଆମେରିକାର ଦେଶ ହୋଣ୍ଡୁରାସରେ ଗୁରୁବାର ଦିନ ଦୁଇଟି ପୃଥକ ସ୍ଥାନରେ ହୋଇଥିବା ସଶସ୍ତ୍ର ଆକ୍ରମଣରେ ୧୯ ଜଣ ବଗିଚା ଶ୍ରମିକ ଏବଂ ୬ ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତିକମରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତର ହୋଣ୍ଡୁରାସର ତ୍ରୁହିଲୋ ସହରରେ ଥିବା ଏକ କୃଷି ଫାର୍ମ ବଗିଚାରେ କିଛି ଦୁର୍ବୃତ୍ତ ଅତର୍କିତ ଭାବେ ଶ୍ରମିକମାନଙ୍କ ଉପରେ ଗୁଳି ଚଳାଇଥିଲେ। ଏଥିରେ ୧୯ ଜଣଙ୍କର ପ୍ରାଣହାନି ଘଟିଛି। ଏହି ଅଞ୍ଚଳରେ ଜମି ମାଲିକାନା ଏବଂ କୃଷି ବିବାଦକୁ ନେଇ ଦୀର୍ଘ ଦିନ ହେବ ହିଂସା ଲାଗି ରହିଛି। ଗୁଆଟେମାଲା ସୀମା ନିକଟବର୍ତ୍ତୀ ଓମୋଆ ସହରରେ ଆତଙ୍କବାଦୀ କିମ୍ବା ଅପରାଧୀମାନେ ପୋଲିସ ଗାଡ଼ି ଉପରକୁ ଗୁଳିମାଡ଼ କରିଛନ୍ତି। ଗ୍ୟାଙ୍ଗ୍ ବିରୋଧୀ ଅପରେସନ୍ ସାରି ଫେରୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା, ଯେଉଁଥିରେ ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ୬ ଜଣ ପୋଲିସ କର୍ମୀ ଶହୀଦ ହୋଇଛନ୍ତି। ହୋଣ୍ଡୁରାସର ସୁରକ୍ଷା ମନ୍ତ୍ରଣାଳୟ ଏହି ଦୁଇଟି ମାମଲାର ଯାଞ୍ଚ ପାଇଁ ଫରେନ୍ସିକ ଏବଂ ଅଭିଯୋଜକ ଦଳକୁ ନିୟୋଜିତ କରିବା ସହ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ଅଧିକ ସେନା ଓ ପୋଲିସ ମୁତୟନ କରିଛି।

## ୨୬ ବର୍ଷ ପରେ ମିଳିଲା ନିଖୋଜ ପରିବାରର ସନ୍ଧାନ
### କେନାଲ୍‌ରୁ ମିଳିଲା ଗାଡ଼ି ସହ ୪ କଙ୍କାଳ

■ ଚଣ୍ଡୀଗଡ଼, ୨୨।୫ (ଏଜେନ୍ସି): ପ୍ରାୟ ୨୬ ବର୍ଷ ପୂର୍ବେ ଏକ ବିବାହ ଭୋଜିରୁ ଫେରିବା ବେଳେ ନିଖୋଜ ହୋଇଯାଇଥିବା ଗୋଟିଏ ପରିବାରର ସନ୍ଧାନ ମିଳିଛି। ପଞ୍ଜାବର ରୂପନଗର ଜିଲ୍ଲା କିରାତପୁର ସାହିବ୍ ନିକଟସ୍ଥ ଭାକ୍ରା କେନାଲ୍ ଭିତରୁ ଏକ ପୁରୁଣା ମାରୁତି ଓମ୍ନି ଗାଡ଼ି ସହ ୪ ଜଣଙ୍କର କଙ୍କାଳ ଉଦ୍ଧାର କରାଯାଇଛି। ୨୦୦୦ ମସିହା ଅକ୍ଟୋବର ୨୦ ତାରିଖରେ କୋଟଲା ଗ୍ରାମର ମୁନିଲାଲ, ତେଜ୍ ରାମ, ସୁରଜିତ ସିଂହ ଏବଂ ୮ ବର୍ଷର ଶିଶୁ ବିବାହ ଉତ୍ସବରୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ରାଜ୍ୟରୁ ବୁଡ଼ାଳି ଆଣି ଖୋଜାଖୋଜି କରିଥିଲେ ମଧ୍ୟ ଗାଡ଼ି କିମ୍ବା ମଣିଷଙ୍କର କୌଣସି ସନ୍ଧାନ ମିଳିନଥିଲା। ନିକଟରେ ଜଣେ ସ୍ଥାନୀୟ ବୁଡ଼ାଳି କମଲପ୍ରୀତ ସାଇନି କେନାଲ୍‌ର ପ୍ରାୟ ୩୨ ଫୁଟ ଗଭୀର ପାଣି ଭିତରକୁ ଯାଇଥିବା ବେଳେ ସେଠାରେ ବୁଡ଼ି ରହିଥିବା ଏହି ପୁରୁଣା ଗାଡ଼ିଟିକୁ ଦେଖିବାକୁ ପାଇଥିଲେ। ଗାଡ଼ି ଭିତରୁ ମିଳିଥିବା କଙ୍କାଳ ଏବଂ ଏକ ସ୍କୁଲ୍ ପୋଷାକ (ସାର୍ଟ) ସାହାଯ୍ୟରେ ପରିବାର ଲୋକେ ସେମାନଙ୍କୁ ଚିହ୍ନଟ କରିଥିଲେ।

## ଅପହୃତ ଶିଶୁ ଉଦ୍ଧାର ବେଳେ ଚମତ୍କାର
## ୪ ବର୍ଷ ପରେ ମା’କୁ ମିଳିଲା ଅନ୍ୟ ଜଣେ ପୁଅ

■ ଔରଙ୍ଗାବାଦ, ୨୨।୫ (ଏଜେନ୍ସି): ବିହାରର ଔରଙ୍ଗାବାଦ ଜିଲ୍ଲାରେ ଏକ ଅପହୃତ ଶିଶୁକୁ ଉଦ୍ଧାର କରିବା ପାଇଁ ପୁଲିସ ଚଢ଼ାଉ କରିଥିବା ବେଳେ, ସେଠାରୁ ଆଉ ଜଣେ ଶିଶୁ ମିଳିଛି ଯିଏ କି ଗତ ୨୦୨୨ ମସିହାରୁ ନିଖୋଜ ଥିଲା। ଏହି ସଫଳ ଅପରେସନ ଯୋଗୁଁ ଦୀର୍ଘ ଦିନ ଧରି ଅଲଗା ହୋଇଯାଇଥିବା ଦୁଇଜଣ ମା’ ସେମାନଙ୍କ ସନ୍ତାନଙ୍କୁ ଫେରି ପାଇଛନ୍ତି। ଗତ ମେ କ ୧୬ ତାରିଖରେ ଆଦ୍ୱିକ ନାମକ ଜଣେ ୪ ବର୍ଷର ଶିଶୁ ଅପହରଣ ହୋଇଥିଲା। ପୁଲିସ ତଦନ୍ତ କରି ଓବ୍ରା ଅଞ୍ଚଳର ରଞ୍ଜୁ ଦେବୀ ନାମକ ଜଣେ ମହିଳା ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଆଦ୍ୱିକକୁ ସଫଳତାର ସହ ଉଦ୍ଧାର କରିଥିଲା। ଚଢ଼ାଉ ସମୟରେ ପୁଲିସ ସେହି ଘରେ ଆଉ ଜଣେ ଶିଶୁକୁ ଦେଖିବାକୁ ପାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ମହିଳା ଜଣକ ତାକୁ ନିଜ ପୁଅ ବୋଲି ଦାବି କରିଥିଲେ। ମାତ୍ର ଅଧିକ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ ସେହି ପିଲାଟି ହେଉଛି ଶିବମ୍, ଯାହାକୁ ୪ ବର୍ଷ ପୂର୍ବେ (୨୦୨୨ରେ) ବଟ ସାବିତ୍ରୀ ପୂଜା ସମୟରେ ଏକ ମନ୍ଦିରରୁ ଅପହରଣ କରାଯାଇଥିଲା।

# ସୋସିଆଲ ମିଡିଆରେ ‘କକ୍ରୋଚ୍’ ବନାମ ‘ଓଗି’ ଲଢ଼େଇ

■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ଇଣ୍ଟରନେଟ୍ ଦୁନିଆରେ ବର୍ତ୍ତମାନ ଦୁଇଟି କାଳ୍ପନିକ ଓ ଆଭାସୀ (ଭର୍ଚୁଆଲ) ଦଳ ମଧ୍ୟରେ ଏକ ଅଦ୍ଭୁତ ରାଜନୈତିକ ଲଢେଇ ଦେଖିବାକୁ ମିଳୁଛି। ଲୋକପ୍ରିୟ କାର୍ଟୁନ୍ ଶୋ’ ‘ଓଗି ଆଣ୍ଡ ଦି କକ୍ରୋଚେସ୍’ ଦ୍ୱାରା ଅନୁପ୍ରାଣିତ ହୋଇ ସୋସିଆଲ ମିଡିଆରେ ‘କକ୍ରୋଚ୍ ଜନତା ପାର୍ଟି’ (ସିଜେପି)ର ପ୍ରତିଦ୍ୱନ୍ଦ୍ୱୀ ଭାବେ ‘ଓଗି ଜନତା ପାର୍ଟି’ (ଓଜେପି) ମଇଦାନକୁ ଓହ୍ଲାଇଛି। ଏହି ଦୁଇ ପକ୍ଷ ମଧ୍ୟରେ ଚାଲିଥିବା ବ୍ୟଙ୍ଗାତ୍ମକ ପ୍ରତିଯୋଗିତା ଏବେ ଏକ ବଡ଼ ମିମ୍ ଆନ୍ଦୋଳନର ରୂପ ନେଇଛି। ନବଗଠିତ ଓଗି ଜନତା ପାର୍ଟି, କକ୍ରୋଚ୍ ଜନତା ପାର୍ଟିର ଉଦ୍ଦେଶ୍ୟ, ପ୍ରଚାର ଶୈଳୀ ଏବଂ ତାଙ୍କର







ରାଜନୈତିକ ସଂପୃକ୍ତି ଉପରେ ପ୍ରଶ୍ନ ଉଠାଇ ନିଜକୁ ଏକ ଶକ୍ତିଶାଳୀ ବିରୋଧୀ ଭାବେ ଉପସ୍ଥାପନ କରିଛି। ଏହି ଦୁଇ ଦଳ ମଧ୍ୟରେ ଚାଲିଥିବା ମଜାଦାର ବାଦବିବାଦ ଏବଂ କଟାକ୍ଷ ଭରା ପୋଷ୍ଟଗୁଡ଼ିକ ୟୁଜର୍ସମାନଙ୍କୁ ବେଶ୍ ଆକୃଷ୍ଟ କରୁଛି। ଇନଷ୍ଟାଗ୍ରାମ ଏବଂ ଏକ୍ସ ପ୍ଲାଟଫର୍ମ ଏବେ ଏହି ଦୁଇ ଦଳର ମିମ୍ସ, ଜୋକ୍ସ ଏବଂ ନକଲି ରାଜନୈତିକ ବିତର୍କରେ ସମ୍ପୂର୍ଣ୍ଣ ଭରିଯାଇଛି। ବାସ୍ତବ ଦୁନିଆର ରାଜନୀତିରୁ ଦୂରରେ ଥିବା ଏହି ଡିଜିଟାଲ୍ ଲଢେଇ ମନୋରଞ୍ଜନର ଏକ ବଡ଼ ମାଧ୍ୟମ ପାଲଟିଛି। ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି ଏବଂ ନିଜ ପସନ୍ଦର କାର୍ଟୁନ୍ ଚରିତ୍ରର ଦଳକୁ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି। ଓଗି ବିଶେଷ କରି ପିଲାମାନଙ୍କର ପ୍ରିୟ ଆନିମେସନ୍ ଶୋ’ ଓଗି ଆଣ୍ଡ ଦି କକ୍ରୋଚେସ୍’ର ମୁଖ୍ୟ ଚରିତ୍ର, ଯିଏ କି ଏକ ନୀଳ ରଙ୍ଗର ବିଲେଇ। ଏହି ଶୋ’ଟି ଭାରତରେ ମଧ୍ୟ ବେଶ୍ ଲୋକପ୍ରିୟ।

## ସରକାରଙ୍କୁ ନିଯୁକ୍ତି ଆଶାୟୀଙ୍କ ଚେତାବନୀ
# ଖାଇଯିବେ ‘ଅସରପା’

### ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ପାଇଁ ତୀବ୍ର ଅସନ୍ତୋଷ
### ଅନିଶ୍ଚିତତାରେ ପୁଲିସ୍ ଏସ୍ଆଇ ଓ ପିଇଓ ପରୀକ୍ଷା




■ ଭୁବନେଶ୍ୱର, ୨୨।୫ (ସମିସ): ଓଡ଼ିଶାରେ ଆରମ୍ଭ ହୋଇଛି କକ୍ରୋଚ କ୍ରେଜ୍। ଉଚ୍ଚ ଶିକ୍ଷିତ ଯୁବକଯୁବତୀମାନେ ନିଜକୁ କକ୍ରୋଚ୍ ବା ଅପରପା ବୋଲି କହିବା ସହ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ବହୁ ବର୍ଷ ଧରି ଶିଥିଳ ପଡ଼ିଥିବା ନିଯୁକ୍ତି ପ୍ରକ୍ରିୟା ସାରିବା ସହ ନୂତନ ବିଜ୍ଞପ୍ତି ପ୍ରକାଶ କରିବାକୁ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଯୁକ୍ତି ନ ଦେଲେ ଅସରପା ପରି ସରକାରଙ୍କୁ ମଧ୍ୟ ରାଜ୍ୟର ଶିକ୍ଷିତ ଯୁବକଯୁବତୀମାନେ ଖାଇଯିବେ ବୋଲି ରୋକଠୋକ୍ କହିଛନ୍ତି।

ରାଜ୍ୟରେ ପ୍ରାୟ ହଜାରେ ପୁଲିସ୍ ଏସ୍ଆଇ ନିଯୁକ୍ତି ପାଇଁ ୨୦୨୫ ଜାନୁଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚାକିରି ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ଚାକିରି ବିକ୍ରି ଗ୍ୟାଙ୍ଗ ଧରାପଡ଼ିଥିଲା। ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଅଭିଯୋଗ ହେବା ପରେ ସିବିଆଇ ତଦନ୍ତ ଭାର ନେଇଛି। ପ୍ରାୟ ଦେଢ଼ ବର୍ଷ ପରେ ମଧ୍ୟ ପୁନଃ ପରୀକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେଉ ନାହାନ୍ତି। ଫଳରେ ପ୍ରାୟ ୧ଲକ୍ଷ ୫୬ ହଜାର ଆଶାୟୀ ଅନିଶ୍ଚିତତାରେ କାଳାତିପାତ କରୁଛନ୍ତି। ଗ୍ରାମ ରୋଜଗାର ସେବକ (ଜିଆର୍ଏସ୍) ନିଯୁକ୍ତି ପାଇଁ ସରକାର ପ୍ରାୟ ଦୁଇ ବର୍ଷ ତଳେ ଆହ୍ୱାନ କରିଥିଲେ। ରାଜ୍ୟର ପ୍ରାୟ ୨ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ଅଫ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିଥିଲେ। ମାତ୍ର ଏଯାଏଁ ଏହାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଅନୁରୂପ ଭାବେ ଏସ୍ଏସ୍ବି ଅଧ୍ୟାପକ ପଦ ପାଇଁ ପ୍ରାୟ ୮୦ ହଜାର ଆଶାୟୀ ଆବେଦନ କରି ପରୀକ୍ଷା ଅପେକ୍ଷାରେ ରହିଛନ୍ତି। ମାତ୍ର ଏହି ନିଯୁକ୍ତି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବା ଦର୍ଶାଇ ସରକାର ପରୀକ୍ଷା କରିବାକୁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏପରିକି ଆଡଭୋକେଟ୍ ଜେନେରାଲ୍ ସରକାରଙ୍କ ପକ୍ଷ ମଧ୍ୟ କୋର୍ଟରେ ରଖୁ ନ ଥିବା ଅଭିଯୋଗ ହୋଇଛି। ଜାଣିଶୁଣି ନିଯୁକ୍ତି ପ୍ରକ୍ରିୟାକୁ ବିଳମ୍ବ କରିବା ପାଇଁ ଏହା ସରକାରୀ ପ୍ରାୟୋଜିତ କାର୍ଯ୍ୟ। ସରକାର ଯଦି ନିଜର ▸ପୃଷ୍ଠା-୭

### ବଦଳିଲା ତାରିଖ
## ଜୁନ ୨୮ରେ ହେବ ଓଟିଇଟି

■ କଟକ, ୨୨।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ୍ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ପୁଣି ଘୁଞ୍ଚାଯାଇ ଆସନ୍ତା ଜୁନ୍ ୨୮ରେ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର୍-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର୍-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଅଛି। ଆସନ୍ତା ଜୁନ୍ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ଡିଏମ୍ଏଫ୍ ଆକାଉଣ୍ଟରୁ ୯ କୋଟି ଠକେଇ ମାମଲା
# ଛତିଶଗଡ଼ରୁ ଆଉ ଦୁଇ ଗିରଫ

■ ବାରିପଦା, ୨୨।୫ (ସମିସ): ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ବ୍ୟାଙ୍କ ଆକାଉଣ୍ଟରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲୁ) ଛତିଶଗଡ଼ରୁ ଆଉ ୨ ଠକଙ୍କୁ ଗିରଫ କରିଛି। ସେମାନେ ହେଲେ, ଛତିଶଗଡ଼ର ରଏ ଆସୋସିଏଟ୍ସ ଏବଂ ଏସଏସ୍ ଟ୍ରେଡର୍ସର ସ୍ୱତ୍ୱାଧିକାରୀ ସୁରଜିତ ରଏ ଓ ସମୀର ଶ୍ରୀବାସ୍ତବ। ସେଠାକାର ପୁଲିସ ସହାୟତାରେ ଇଓଡବ୍ଲୁ ଦୁହିଁଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲେ। ପରେ ଦୁହିଁଙ୍କୁ ଟ୍ରାନଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ଉଭୟଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି।





ଏହାକୁ ମିଶାଇ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ପଶ୍ଚିମବଙ୍ଗର ହାୱଡ଼ାସ୍ଥିତ ନଳପୁର ଅଞ୍ଚଳର ଅଜମିର ମଣ୍ଡଳ ଓ ମଧ୍ୟପ୍ରଦେଶ ରାଜ୍ୟରୁ ପୋମେଶ ତମ୍ବାରେ ଏବଂ ଛତିଶଗଡ଼ର ମିଶ୍ର ଏଣ୍ଟରପ୍ରାଇଜେସ୍ ଓ ମହାକାଳ କନଷ୍ଟ୍ରକ୍ସନ୍‌ର ମାଲିକ ବ୍ରଜେଶ କୁମାର ମିଶ୍ରଙ୍କୁ ଇଓଡବ୍ଲୁ ଗିରଫ କରିଛି।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଡିଆରଡିଏ ଅଧୀନରେ କାର୍ଯ୍ୟରତ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍)ର ବ୍ୟାଙ୍କ ଆକାଉଣ୍ଟ ବାରିପଦାସ୍ଥିତ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରେ ରହିଛି। ଉକ୍ତ ଶାଖାରୁ ଗତ ୨୦୨୪ ଏପ୍ରିଲ ୧୦ ତାରିଖଠାରୁ ୧୮ ତାରିଖ ମଧ୍ୟରେ ରହସ୍ୟଜନକ ଭାବେ ୪ଗୋଟି ଚେକ୍‌ରେ ମୋଟ ୯କୋଟି ୫୬ଲକ୍ଷ ୭୬ହଜାର ୬୦୦ଟଙ୍କା ଉଠାଣ ହୋଇଥିଲା। ଏହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ବ୍ୟାଙ୍କର ତତ୍କାଳୀନ ମୁଖ୍ୟ ପରିଚାଳକ ସୁଜାତା କାନୁନଗୋ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଏହାର ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟଶାଖାର ମୁଖ୍ୟ ମହାପ୍ରବନ୍ଧକଙ୍କ ସମେତ ଦୁଇ ଅଧିକାରୀ ଏବଂ ଦୁଇ କର୍ମଚାରୀ (କ୍ଲର୍କ) ମୋଟ ୫ଜଣଙ୍କୁ ବଦଳି କରାଯାଇଥିଲା।

# ଅଂଶୁଘାତରେ ୧୬ ଜଣଙ୍କ ମୃତ୍ୟୁ !
### ସରକାର ମାନିଲେ ୩

■ ଭୁବନେଶ୍ୱର, ୨୨।୫ (ସମିସ): ରାଜ୍ୟରେ ଆକାଶରୁ ମୁଣ୍ଡଫଟା ଗ୍ରୀଷ୍ମ ବର୍ଷୁଥିବା ବେଳେ ଏଯାବତ୍ ୧୬ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମାତ୍ର ସରକାରୀ ଭାବେ ଅଂଶୁଘାତ ମୃତକଙ୍କ ସଂଖ୍ୟା ୩ ବୋଲି କୁହାଯାଇଛି । ବଲାଙ୍ଗିର, ସୁନ୍ଦରଗଡ ଓ ସୁବର୍ଣ୍ଣପୁରରେ ଜଣେ ଲେଖାଏଁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଏସଆରସିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୋଟ ୧୬ଟି ଅଂଶୁଘାତ ଜନିତ ଅଭିଯୋଗ ସରକାରଙ୍କ ନିକଟରେ ହସ୍ତଗତ ହୋଇଛି। ତନ୍ମଧ୍ୟରୁ ୩ଟି ଅଂଶୁଘାତଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ହୋଇଥିବା ବେଳେ ବାକି ୧୩ଟି ଅଭିଯୋଗର ତଦାରଖ କରାଯାଉଛି। ଲୋକେ ସଚେତନ ଥିବାରୁ ଚଳିତ ବର୍ଷ ଅଂଶୁଘାତ ମୃତ୍ୟୁସଂଖ୍ୟା କମିଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

SIKSHA ‘O’ ANUSANDHAN
SAAT-2026
Empowering students for a brighter future
NURSING PROGRAMMES
■ B.Sc. (Nursing) (Basic)
■ B.Sc. (Nursing) (Post Basic)
■ M.Sc. (Nursing)
APPROVAL & RECOGNITIONS
■ Approved by UGC, ONMRC and INC
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 15th Best in University Category
■ 15st Best in Medical Category
■ 09th Best in Dental Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT,
Please visit: www.soa.ac.in

## ସରକାରଙ୍କ ନୂଆ ବଦଳି ନୀତି
# ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି

### ଗୋଟିଏ ରାଜସ୍ୱ ଜିଲ୍ଲାରେ ୬ବର୍ଷ ରହିବେ ଗ୍ରୁପ୍ ‘ଏ’ ଓ ‘ବି’ ଅଧିକାରୀ
### ଗୋଟିଏ ଅଫିସରେ ଗ୍ରୁପ୍ ସି କର୍ମଚାରୀ ରହିପାରିବେ ସର୍ବାଧିକ ୬ ବର୍ଷ

■ ଭୁବନେଶ୍ୱର, ୨୨।୫ (ସମିସ): ରାଜ୍ୟ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ ତଥା ସ୍ୱଚ୍ଛ କରିବା ପାଇଁ ପୂର୍ବରୁ ପ୍ରଚଳିତ ବଦଳି ନୀତିରେ ସଂଶୋଧନ କରିଛନ୍ତି ସରକାର। ଏହି ବଦଳି ନୀତିକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ବିଭାଗର ସଚିବ, ବିଭାଗୀୟ ମୁଖ୍ୟ, ଆରଡିସି ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ନୂତନ ନୀତି ଅନୁଯାୟୀ ବଦଳି ଆଦେଶ ପ୍ରକାଶ ପାଇବା ପରେ କର୍ମଚାରୀମାନେ ତୁରନ୍ତ ଏହାକୁ ପାଳନ କରିବେ। କୌଣସି ପ୍ରକାରର ବିଳମ୍ବ, ଟାଳଟୁଳ ନୀତି ଓ ରାଜନୀତିକ ଚାପକୁ ଗ୍ରହଣ କରାଯିବ ନାହିଁ। ସେଥିପାଇଁ ଏଣିକି ପ୍ରତ୍ୟେକ ବଦଳି ଅର୍ଡରରେ ହିଁ ସମ୍ପୃକ୍ତ କର୍ମଚାରୀଙ୍କ ରିଲିଭିଂ ଓ ନୂଆ ସ୍ଥାନରେ ଜଏନିଂ ସମୟସୀମା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯିବ। ବଦଳି ଅର୍ଡରରେ କେଉଁ କର୍ମଚାରୀ ବା ଅଧିକାରୀ କାହାକୁ ଦାୟିତ୍ୱ ହସ୍ତାନ୍ତର କରିବେ ତାହା ମଧ୍ୟ ସ୍ପଷ୍ଟ ଉଲ୍ଲେଖ ରହିବ। ଯଦି କୌଣସି ବିଶେଷ କାରଣରୁ ତାହା ଉଲ୍ଲେଖ ନଥିବ, ତା’ହେଲେ ସମ୍ପୃକ୍ତ କର୍ମଚାରୀ ନିଜର ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅନ୍ୟ ଜଣେ ସମପଦବୀର ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନୂଆ ସ୍ଥାନକୁ ଯିବେ। ପୁନଶ୍ଚ ଅନେକ ବିଭାଗ ନିଜ ମନଇଚ୍ଛା ବର୍ଷର ଯେକୌଣସି ସମୟରେ ବଦଳି ଉପରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ସାଧାରଣ ବଦଳି କେବଳ ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ତାରିଖ ମଧ୍ୟରେ କରାଯିବ। ଯଦି ଏହି ସମୟ ବାହାରେ କୌଣସି ବଦଳି ଜରୁରୀ ହୁଏ, ତେବେ ବଦଳି କରୁଥିବା ଅଧିକାରୀଙ୍କୁ ତାଙ୍କର ଉପରିସ୍ଥ ଅଧିକାରୀଙ୍କଠାରୁ ଆଗୁଆ ଲିଖିତ ମଞ୍ଜୁରୀ ନେବା ବାଧ୍ୟତାମୂଳକ ହେବ। ଏହି ନିୟମଟି ସବୁ ବର୍ଗର ଚାକିରି କ୍ଷେତ୍ରରେ ସମାନ ଭାବେ ଲାଗୁ କରାଯାଇଛି। ସାଧାରଣ ନିୟମ ଅନୁଯାୟୀ ଜଣେ ଅଧିକାରୀ ଗୋଟିଏ ସ୍ଥାନରେ ୩ବର୍ଷର କାର୍ଯ୍ୟକାଳ ପୂରଣ କରିବା ପରେ ହିଁ ବଦଳି ପାଇଁ ଯୋଗ୍ୟ ବିବେଚିତ ▸ପୃଷ୍ଠା-୭

ସକାଳ
THE SAKALA

# ସମ୍ପାଦକୀୟ



ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ;ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।
-ଭିକ୍ଟର ହ୍ୟୁଗୋ

## 'କ୍ୱାଡ୍'ର ଅସ୍ତିତ୍ୱ ସଙ୍କଟ

ଆମେରିକା, ଅଷ୍ଟ୍ରେଲିଆ, ଭାରତ ଓ ଜାପାନ୍‌କୁ ନେଇ ୨୦୧୭ରେ ଗଠିତ 'କ୍ୱାଡ୍' ଏବେ ବସ୍ତୁତଃ ପ୍ରାସଙ୍ଗିକତା ଓ ଗୁରୁତ୍ୱ ହରାଇବାକୁ ଯାଉଛି। ଏହି ଚତୁଃରାଷ୍ଟ୍ରୀୟ ମେଣ୍ଟର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ଆଧିପତ୍ୟକୁ ପ୍ରତିହତ କରି ସାମରିକ-ବାଣିଜ୍ୟକୁ ଆହୁରି ଅଧିକ ଗତିଶୀଳ କରିବା। ଗତ 'କ୍ୱାଡ୍' ଶୀର୍ଷବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚୀନ୍‌କୁ ପରୋକ୍ଷ ଚେତାବନୀ ଦେଇ କହିଥିଲେ ଯେ ଚୀନ୍ ଅର୍ଥନୀତି ଓ ବୈଷୟିକ ଜ୍ଞାନକୌଶଳରେ ସେମାନଙ୍କର, ବିଶେଷକରି ଆମେରିକାର ଧୈର୍ଯ୍ୟର ପରୀକ୍ଷା ନେଉଛି। ଚୀନ ଯେଉଁ କୂଟନୈତିକ ଚାଲ ଖେଳୁଛି ସେଥିରେ ବିରାମ ଲାଗିବା ଦରକାର। 'କ୍ୱାଡ୍'ରୁ ଚୀନ୍‌କୁ ପରୋକ୍ଷ ଚେତାବନୀ ଦିଆଯାଇଥିଲା ଯେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି, ସୁରକ୍ଷା, ନିରାପତ୍ତା, ସମୃଦ୍ଧି, ସ୍ଥିରତା, ସମାବେଶୀ ବିକାଶକୁ ଅଗ୍ରାଧିକାର ଦିଆଯିବ। ଜାତିସଂଘ ଦ୍ୱାରା ପ୍ରଣୀତ 'ପାରାବାର ନୀତି'କୁ ସମସ୍ତେ ସମ୍ମାନ ଜଣାଇବା ଉଚିତ। କିନ୍ତୁ ଏବେ 'କ୍ୱାଡ୍'ର ଅସ୍ତିତ୍ୱ ଓ ପ୍ରଭାବ ହ୍ରାସ ସହିତ ଏହା ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇଥିବା ପରି ଅନୁଭୂତ ହେଉଛି।

୨୦୨୧ରେ 'କ୍ୱାଡ୍'ରାଷ୍ଟ୍ରୀୟ ଶୀର୍ଷ ନେତୃସ୍ତରୀୟ ବୈଠକରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ଏହି ମେଣ୍ଟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ କ୍ୱାଡ୍‌ର ୬ଟି ଶୀର୍ଷସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୨୦୨୪ରେ ଥିଲା ଏହାର ଶେଷ ଶୀର୍ଷବୈଠକ। ୨୦୨୫ ଶେଷ ଭାଗ କିମ୍ବା ୨୦୨୬ ଆଦ୍ୟଭାଗରେ ପରବର୍ତ୍ତୀ ବୈଠକ ପାଇଁ ଯୋଜନା ହୋଇଥିଲେ ମଧ୍ୟ ଆମେରିକାର ଅନାଗ୍ରହ ଯୋଗୁଁ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ଆପାତତଃ କେବଳ ଏହାକୁ ଜୀବନ୍ତ ରଖିବା ପାଇଁ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ପରବର୍ତ୍ତୀ ବୈଦେଶିକ ସଚିବସ୍ତରୀୟ ବୈଠକ ଆଗାମୀ ସପ୍ତାହରେ ଭାରତରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏ ସମ୍ପର୍କରେ କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଆମେରିକା ଏବେ ମଧ୍ୟପ୍ରାଚ୍ୟ ଭୂରାଜନୀତିରେ ଅଧିକ ଆଗ୍ରହ ପ୍ରକାଶ କରୁଥିବାରୁ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ତା' ପାଇଁ ସେତେଟା ଗୁରୁତ୍ୱ ରଖେ ନାହିଁ। ଏହାଛଡ଼ା 'ଅପରେସନ୍ ସିନ୍ଦୂର' ପରେ ଆମେରିକାର ଏସୀୟ ରଣନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି।। ଭାରତଠାରୁ ଦୂରେଇ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ପାକିସ୍ତାନ ଆଡ଼କୁ ଅଧିକ ଢଳୁଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳିରେ ଆମେରିକାର ଏହି ନୀତିଗତ ପରିବର୍ତ୍ତନ ଚୀନ୍‌କୁ ସୁହାଇଛି ଏବଂ ଭାରତର ସ୍ୱାର୍ଥ ବିପକ୍ଷରେ ଯାଉଛି। ଟ୍ରମ୍ପଙ୍କ ନିକଟରେ ଚୀନ୍ ଗସ୍ତ ଏ ଦିଗରେ ଏକ ସଙ୍କେତ ଦେଇଛି। ଇତିମଧ୍ୟରେ, ବିଶେଷକରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପୃଷ୍ଠଭୂମିରେ, ନାଟୋ ପ୍ରାସଙ୍ଗିକତା ହରାଉଛି। ତେଣୁ ଆମେରିକା ଚୀନ୍ ସହିତ ଆଉ ଅଧିକ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ନ କରି ବାଣିଜ୍ୟ ସହଯୋଗୀ ଭାବରେ ସମ୍ପର୍କର ପୁନର୍ଗଠନ ଚାହୁଁଛି। ଏହି କାରଣରୁ 'କ୍ୱାଡ୍' ଆଉ ଆମେରିକା ପାଇଁ ସେତେ ଅଧିକ ଗୁରୁତ୍ୱ ବହନ ନ କରିବା ସ୍ୱାଭାବିକ।

ଅପରପକ୍ଷରେ 'କ୍ୱାଡ୍' ସହିତ ସମାନ୍ତରାଳ ଭାବେ ଆମେରିକା ନେତୃତ୍ୱରେ ଅଷ୍ଟ୍ରେଲିଆ ଓ ବ୍ରିଟେନ୍‌କୁ ନେଇ 'ଆଉକୁସ୍' ନାମରେ ଏକ ତ୍ରିରାଷ୍ଟ୍ରୀୟ ମେଣ୍ଟ ଗଠନ ହୋଇସାରିଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମରିକ-ବାଣିଜ୍ୟ ବିକାଶ। ଏଥିସହିତ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଆମେରିକା ନେତୃତ୍ୱରେ 'ଭାରତ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସମୃଦ୍ଧି ମଞ୍ଚ (ଆଇପିଇଏଫ୍)' ଗଠନ ପାଇଁ ଟୋକିଓରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତେଣୁ ଆମେରିକା ପାଇଁ ଭାରତ କିମ୍ବା 'କ୍ୱାଡ୍' ଆଉ ଆଗଭଳି ଅଧିକ ପ୍ରାସଙ୍ଗିକ ହୋଇ ରହିନାହିଁ। ଅପରପକ୍ଷରେ 'କ୍ୱାଡ୍', 'ଆଉକସ୍' ଓ 'ଆଇପିଇଏଫ୍'କୁ ପ୍ରତିହତ କରିବା ପାଇଁ ଚୀନ୍ ଦକ୍ଷିଣ ସାଗରରୁ ତା'ର ବାଣିଜ୍ୟ କାରବାରକୁ ଆଫ୍ରିକା ମହାଦେଶ ବା ଆରବ ସାଗର ମୁହାଁ କରିଛି। ସମୟ ଓ ଫାଇଦା ଅନୁଯାୟୀ ଆମେରିକା ତା'ର ବୈଦେଶିକ କୂଟନୀତି ଓ ରଣନୀତିରେ ମଧ୍ୟ ପରିବର୍ତ୍ତନ କରିଚାଲିଛି। ରାଷ୍ଟ୍ରପତି ପରିବର୍ତ୍ତନ ସହିତ ଆମେରିକା ଏସିଆରେ ଶାନ୍ତି ବଦଳରେ ଯୁଦ୍ଧ ଚାହୁଁଛି।

ସମ୍ପ୍ରତି ବିଶ୍ୱ ଏଭଳି ଏକ ଅସ୍ଥିର ଓ ଅଶାନ୍ତ ପରିସ୍ଥିତି ଦେଇ ଗତିକରୁଛି, ଯେଉଁଠାରେ ଆଣବିକ ଅସ୍ତ୍ର ପ୍ରୟୋଗ ଓ ଧ୍ୱଂସର ଆଶଙ୍କା ପ୍ରତି ମୁହୂର୍ତ୍ତରେ ରହିଛି। ମାନବ ସଭ୍ୟତା ପ୍ରତି ବିପଦ ଘନେଇ ଆସୁଛି। ଏହି ପରିପ୍ରେକ୍ଷୀରେ ସାମରିକ ମେଣ୍ଟ ତୁଳନାରେ ବହୁପାକ୍ଷିକ ସୌହାର୍ଦ୍ଦ୍ୟର ମେଣ୍ଟ ଅଧିକ ଗୁରୁତ୍ୱପୂର୍ଣ୍ଣ। ତଟରକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ 'କ୍ୱାଡ୍ ଆଟ୍ ସି ସିପ୍ ଅବଜରଭର ମିଶନ୍', ସାମୁଦ୍ରିକ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଯୋଜନା, ସେମିକଣ୍ଡକ୍ଟର ଶିଳ୍ପର ବିକାଶ ପାଇଁ ସହମତି, ଜାତିସଂଘ ସୁରକ୍ଷା ପରିଷଦର ପୁନର୍ବିନ୍ୟାସ ପାଇଁ ମତୈକ, 'ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକଚର'ର ନବଉନ୍ମେଷ, ନୌବାଣିଜ୍ୟରେ ସମୃଦ୍ଧି ଓ ନିରାପତ୍ତା ପାଇଁ ମୈତ୍ରୀ(ମାରିଟାଇମ୍ ଇନିଟିଏଟିଭ୍ ଫର ଟ୍ରେନିଂ ଇନ୍ ଦ ଇଣ୍ଡୋ-ପାସିଫିକ୍) ର ଯେଉଁ ପରିକଳ୍ପନା 'କ୍ୱାଡ୍'ରେ ଜନ୍ମ ନେଇଥିଲା ତାହା ବିଶ୍ୱର ଭବିଷ୍ୟତ ପାଇଁ ଅପରିହାର୍ଯ୍ୟ। କିନ୍ତୁ ଯୁଦ୍ଧଖୋର ଆମେରିକାକୁ ଏ କଥା ବୁଝାଇବ କିଏ?

# ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନର ଭିନ୍ନ ଦୃଷ୍ଟିକୋଣ

ରଞ୍ଜନ କୁମାର ରାୟ

ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ହେଉଥିବା ଲାଭ ଓ କ୍ଷତିକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କିମାରେ। ଉତ୍ତର ଆମେରିକା ୩ଟି ଦେଶ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଏଥର ଫିଫା ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ ହେବାକୁ ଯାଉଥିବା ବେଳେ ଏଭଳି ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଖେଳ ସାରା ବିଶ୍ୱକୁ ଏକାଠି କରିବାରେ କେବେ ବି ବିଫଳ ହୁଏ ନାହିଁ। କ୍ରୀଡ଼ା ପ୍ରତିଯୋଗିତା ଜାତୀୟ ଏକତା ଓ ଅନନ୍ୟ ପରିଚୟ ସୃଷ୍ଟି ପାଇଁ ଏକ ମଞ୍ଚ ପ୍ରଦାନ କରେ। ଅଲିମ୍ପିକ୍ସ, ଫିଫା ବିଶ୍ୱକପ୍ ଆଦି ବିଭିନ୍ନ କ୍ରୀଡ଼ାର ଅନ୍ତର୍ଜାତୀୟ ଆୟୋଜନ ଅର୍ଥନୈତିକ ଦୃଷ୍ଟିରୁ ବ୍ୟୟବହୁଳ ହେଲେ ମଧ୍ୟ ସମ୍ପୃକ୍ତ ଦେଶର ସାମାଜିକ, ଭୌଗୋଳିକ ଓ ସାଂସ୍କୃତିକ ବିକାଶରେ ଉଲ୍ଲେଖନୀୟ ଅବଦାନ ରହିଥାଏ।

ଯେତେବେଳେ କୌଣସି ଏକ ଦେଶ ବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରେ, ସେତେବେଳେ ପ୍ରଥମେ ଦାୟିତ୍ୱରେ ଥିବା କମିଟି ନିକଟରେ ବିଡ୍ ମୂଲ୍ୟାଙ୍କନ, ପ୍ରସ୍ତୁତି ଓ ଦାଖଲ କରିବା ପାଇଁ ଲକ୍ଷ ଲକ୍ଷ ଡଲାର ନିବେଶ କରିବାକୁ ପଡ଼ିଥାଏ। ଅନୁମାନ କରାଯାଏ ଯେ ଦେଶଗୁଡ଼ିକ ଯୋଜନା, ପରାମର୍ଶଦାତା ନିଯୁକ୍ତି, କାର୍ଯ୍ୟକ୍ରମ ଆୟୋଜନ ଓ ଆବଶ୍ୟକୀୟ ଯାତ୍ରା ପାଇଁ ପ୍ରାୟ ୫୦ ନିୟୁତରୁ ୧୦୦ ନିୟୁତ ଡଲାର ଖର୍ଚ୍ଚ କରନ୍ତି। ଆୟୋଜକ ଭାବେ ମନୋନୀତ ହେବା ପରେ ଦେଶକୁ ସମସ୍ତ ଉତ୍ସବ ଆୟୋଜନ କରିବା ପାଇଁ ଏକ ବିରାଟ ସ୍ଥାନ ଖୋଜିବାକୁ ପଡ଼ିଥାଏ ଏବଂ ସାଇକେଲିଂ ଟ୍ରାକ୍, ସ୍କି-ଜମ୍ପିଂ ଏରିନା ଭଳି ସମସ୍ତ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଓ ନବୀକରଣ କରିବାକୁ ପଡ଼ିଥାଏ। ଏଥିସହିତ ଅନ୍ୟାନ୍ୟ ସାଧାରଣ ଭିତ୍ତିଭୂମି ଯଥା ନୂତନ ହୋଟେଲ ନିର୍ମାଣ, ପରିବହନ ସେବା ଆୟୋଜନ, ଗମନାଗମନ ସୁବିଧା, ବିମାନବନ୍ଦର ନିର୍ମାଣ ଆଦିରେ ପ୍ରାୟ ୫ ବିଲିୟନରୁ ୫୦ ବିଲିୟନ ଡଲାର ଖର୍ଚ୍ଚ ହୁଏ। ଆଜି ମଧ୍ୟ ରିଓ ଡି ଜେନେରିଓ ୨୦୧୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଯୋଗୁଁ ସମ୍ମୁଖୀନ ହୋଇଥିବା ସମସ୍ତ ଅର୍ଥନୈତିକ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁଛି। ଏହି ବଡ଼ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବ୍ରାଜିଲକୁ ୨୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏହି ଖର୍ଚ୍ଚ ମଧ୍ୟରୁ ଅଧିକାଂଶ ବ୍ରାଜିଲର ଧାର୍ଯ୍ୟ ବଜେଟ୍‌ଠାରୁ ବହୁତ ଅଧିକ ଥିଲା। କିନ୍ତୁ ଜାପାନ, ଆମେରିକା ଭଳି ବିକଶିତ ଦେଶଗୁଡ଼ିକ ପାଇଁ ଆୟୋଜନ ସମ୍ପର୍କିତ ସମସ୍ୟାକୁ ସମ୍ମୁଖୀନ ହେବା ଅପେକ୍ଷାକୃତ ସହଜ ହୋଇଥାଏ।

କେହି କେହି ଯୁକ୍ତି କରନ୍ତି ଯେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଦେଶ ପାଇଁ ଲାଭଦାୟକ ହୋଇପାରେ। ବିଦେଶୀ ପୁଞ୍ଜି ପ୍ରବାହ ବୃଦ୍ଧି ପାଏ, ନିଯୁକ୍ତି ସୃଷ୍ଟି ହୁଏ। ୨୦୨୨ ଗ୍ରୀଷ୍ମ ଋତୁରେ ଦୋହାରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ କାତାର ଓ ଏହାର ଆଞ୍ଚଳିକ ଅର୍ଥନୀତିକୁ ଆଗକୁ ବଢ଼ାଇ ନେବାରେ ବେଶ ସହାୟକ ହୋଇଥିଲା। ଷ୍ଟାଡିୟମର ଭିତ୍ତିଭୂମି, ମେଟ୍ରୋ ସିଷ୍ଟମ, ବିମାନବନ୍ଦର ନିର୍ମାଣରେ ବିଲିୟନ ବିଲିୟନ ଡଲାର ନିବେଶ କରାଯାଇଥିଲା। ଏହା କାତାର ଓ ଏହାର ପଡ଼ୋଶୀ ଦେଶଗୁଡ଼ିକ ପାଇଁ ନିଯୁକ୍ତି ବୃଦ୍ଧି କରିଥିଲା। ଏଥିସହ ବ୍ୟାଙ୍କିଙ୍ଗ ଓ ନିର୍ମାଣ କ୍ଷେତ୍ରରେ ସବୁଠାରୁ ବଡ଼ ସୁଯୋଗ ମିଳିଥିଲା। ଯେଉଁ ଦେଶ ଓ ସହରଗୁଡ଼ିକ ବିଶ୍ୱକୁ ଏକ ମଞ୍ଚ ପ୍ରଦାନ କରିବାକୁ ପଦକ୍ଷେପ ନେବାକୁ ଚାହୁଁଛନ୍ତି, ସେମାନେ ସବୁବେଳେ ସ୍ଥାୟୀ ରଣନୀତି ପ୍ରସ୍ତୁତ କରିବାର ବାଟ ଖୋଜିବା ଉଚିତ, ଯାହା ସେମାନଙ୍କୁ ଋଣରେ ବୁଡ଼ିବାରୁ ରକ୍ଷା କରିପାରିବ। କିନ୍ତୁ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ବିଭିନ୍ନ ଦୃଷ୍ଟିକୋଣରୁ ଗୋଟିଏ ରାଷ୍ଟ୍ରକୁ ସଫଳ କରିବାରେ ସହାୟ ହେବ।

ଏଠାରେ ଓଡ଼ିଶାର ଉଦାହରଣ ନିଆଯାଉ। ରାଜଧାନୀ ଭୁବନେଶ୍ୱର ଓ ରାଉରକେଲାଠାରେ ଦୁଇ ଦୁଇଟି ମେଗା ଅନ୍ତର୍ଜାତୀୟ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩) ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ରାଜ୍ୟ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ମେଗା ପ୍ରତିଯୋଗିତାଗୁଡ଼ିକ କେବଳ କ୍ରୀଡ଼ାର ବିକାଶ କରିନାହିଁ, ବରଂ ରାଜ୍ୟର ଅର୍ଥନୀତି, ପର୍ଯ୍ୟଟନ ଓ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଏହି ସମସ୍ତ ବିଷୟକୁ ନେଇ ଏକ ବିସ୍ତୃତ ଆର୍ଥିକ ଏବଂ ଅଣ-ଆର୍ଥିକ ବିବରଣୀକୁ ନେଇ ଆଲୋଚନା କରିବାର ଆବଶ୍ୟକତା ରହିଛି।

ତତ୍କାଳୀନ ଓଡ଼ିଶା ସରକାର ଏହି ବିଶ୍ୱକପ୍ ଆୟୋଜନ ପାଇଁ ବଜେଟ୍‌ରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଥିଲେ। ୨୦୧୮ ବିଶ୍ୱକପ୍ ତୁଳନାରେ ୨୦୨୩ ବିଶ୍ୱକପ୍‌ରେ ନିବେଶର ପରିମାଣ ପ୍ରାୟ ଷୋହଳ ଗୁଣ ବୃଦ୍ଧି ପାଇଥିଲା। ୨୦୧୮ ହକି ବିଶ୍ୱକପ୍ ପାଇଁ ରାଜ୍ୟ ସରକାର ପ୍ରାୟ ୬୭କୋଟି ଟଙ୍କା ବ୍ୟୟ କରିଥିଲେ। ଏଥିମଧ୍ୟରୁ ୨୫ କୋଟି ଟଙ୍କା ଆୟୋଜନ ଅଧିକାର ଫିସ୍ ବାବଦରେ ପ୍ରଦାନ କରାଯାଇଥିବା ବେଳେ ବାକି ଅର୍ଥ ଷ୍ଟାଡିୟମର ଆଧୁନିକୀକରଣ ଓ ପରିଚାଳନାରେ ଖର୍ଚ୍ଚ ହୋଇଥିଲା। ୨୦୨୩ ହକି ବିଶ୍ୱକପ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାର ପ୍ରାୟ ୧୦୯୮କୋଟି ୪୦ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିଲେ। ଏଥିମଧ୍ୟରୁ ପ୍ରାୟ ୮୭୫ କୋଟି ୭୮ ଲକ୍ଷ ଟଙ୍କା କେବଳ ରାଉରକେଲାରେ ବିଶ୍ୱର ସର୍ବବୃହତ ଆସନ ବିଶିଷ୍ଟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମର ସମ୍ପ୍ରସାରଣ ପାଇଁ ବିନିଯୋଗ ହୋଇଥିଲା। ଖେଳାଳି ଓ ପ୍ରତିନିଧିମାନଙ୍କ ରହଣି ପାଇଁ ଆବାସିକ ଗୃହ ନିର୍ମାଣ ବାବଦରେ ୮୪ କୋଟି ଟଙ୍କା ଏବଂ ମଞ୍ଚ ପରିଚାଳନା, ପରିବହନ ଓ ପ୍ରଚାର ପାଇଁ ୭୫ କୋଟି ଟଙ୍କା ବ୍ୟୟ କରାଯାଇଥିଲା।

ଏହି ଅନ୍ତର୍ଜାତୀୟ ଆୟୋଜନଗୁଡ଼ିକ ଦ୍ୱାରା ରାଜ୍ୟର ଅର୍ଥନୀତି ବିଶେଷ ଭାବେ ଉପକୃତ ହୋଇଛି। ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇଛି। ବିଶ୍ୱକପ୍ ସମୟରେ ବିଦେଶୀ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ କ୍ରୀଡ଼ାପ୍ରେମୀ ଓଡ଼ିଶା ଆସିଥିଲେ। ଏହାଦ୍ୱାରା ହୋଟେଲ୍ ବ୍ୟବସାୟ, ବିମାନ ଓ ସ୍ଥାନୀୟ ପରିବହନ ସେବା, ରେଷ୍ଟୋରାଁ ବ୍ୟବସାୟରେ ଆୟ ବୃଦ୍ଧି ପାଇଥିଲା। ବିଦେଶୀ ପର୍ଯ୍ୟଟକମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ (ଯେପରିକି ସମ୍ବଲପୁରୀ ଶାଢ଼ି, ପଟ୍ଟଚିତ୍ର ଓ ରୁପା ତାରକସି କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ) କ୍ରୟ କରିବା ଫଳରେ ସ୍ଥାନୀୟ କାରିଗର ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଆର୍ଥିକ ଦୃଷ୍ଟିରୁ ବେଶ୍ ଲାଭବାନ୍ ହୋଇଥିଲେ। ଷ୍ଟାଡିୟମ ନିର୍ମାଣ, ସହରର ସୌନ୍ଦର୍ଯ୍ୟକରଣ ଓ ସେବା କ୍ଷେତ୍ରରେ ହଜାର ହଜାର ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ସ୍ଥାୟୀ ଓ ଅସ୍ଥାୟୀ କର୍ମସଂସ୍ଥାନ ସୃଷ୍ଟି ହୋଇଥିଲା।

ଆର୍ଥିକ ଲାଭ ବ୍ୟତୀତ ରାଜ୍ୟ ଦୀର୍ଘକାଳୀନ ଭିତ୍ତିଭୂମି ଓ ସାମାଜିକ ପ୍ରତିଷ୍ଠା କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛି। ଓଡ଼ିଶା ବର୍ତ୍ତମାନ ବିଶ୍ୱର ଏକମାତ୍ର ରାଜ୍ୟ, ଯାହା ପାଖରେ ଦୁଇଟି ଅତ୍ୟାଧୁନିକ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ରହିଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ଅନୁଯାୟୀ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ବିଶ୍ୱର ସର୍ବବୃହତ ଆସନ କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ଆସନଯୁକ୍ତ ହକି ଷ୍ଟାଡିୟମ। ବିଶ୍ୱକପ୍ ଯୋଗୁଁ ଭୁବନେଶ୍ୱର ଓ ରାଉରକେଲା ସହରର ସଡ଼କ ପଥ, ଆଲୋକୀକରଣ ଓ ପରିମଳ ବ୍ୟବସ୍ଥାରେ ବ୍ୟାପକ ବିକାଶ ହୋଇଥିଲା। ରାଉରକେଲାଠାରେ ନୂତନ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବା ଫଳରେ ଯୋଗାଯୋଗ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା।

ଓଡ଼ିଶା ସରକାର କେବଳ ଷ୍ଟାଡିୟମ ନିର୍ମାଣ କରିନାହାନ୍ତି, ବରଂ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ସହ ସହଯୋଗରେ ହକି, ବ୍ୟାଡମିଣ୍ଟନ, ଭାରୋତ୍ତୋଳନ ଓ ଆଥଲେଟିକ୍ସ ପାଇଁ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରିଛନ୍ତି, ଯାହା ଆଗାମୀ ଦିନରେ ଓଡ଼ିଶାରୁ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ। ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଏହି ବିପୁଳ ପୁଞ୍ଜିନିବେଶ କେବଳ କ୍ରୀଡ଼ା ଉତ୍ସବ ମଧ୍ୟରେ ସୀମିତ ନାହିଁ, ବରଂ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ବିଶ୍ୱ ଦରବାରରେ ଓଡ଼ିଶାକୁ ଏକ ସମୃଦ୍ଧ ଏବଂ କ୍ରୀଡ଼ା ପ୍ରତି ଅନୁରକ୍ତ ସନ୍ତୁଳିତ ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିଛି।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

# ଭାରତରେ ପ୍ଲି-ବାର୍ଗେନିଂ: ଆହୁରି ସଂସ୍କାର ଅପେକ୍ଷାରେ

ରାମକୃଷ୍ଣ ପ୍ରଧାନ

ଭାରତର ବର୍ଦ୍ଧିତ ନ୍ୟାୟିକ ମାମଲା ବୋଝ କମାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଇଥିବା 'ପ୍ଲି-ବାର୍ଗେନିଂ'(ଦୋଷ ସ୍ୱୀକାର ପୂର୍ବକ ଦଣ୍ଡ କୋହଳ ବୁଝାମଣା) ବ୍ୟବସ୍ଥା ଦୁଇ ଦଶନ୍ଧି ପରେ ମଧ୍ୟ ଏକ କେବଳ ଏକ ଆଇନଗତ ପାଦଟୀକା ହୋଇ ରହିଯାଇଛି। ୨୦୦୬ ମସିହାରେ ଆପରାଧିକ ଆଇନ (ସଂଶୋଧନ) ଅଧିନିୟମ-୨୦୦୫ ମାଧ୍ୟମରେ ଭାରତୀୟ ଦଣ୍ଡବିଧି ସଂହିତା(ସିଆରପିସି)ରେ ଧାରା ୨୬୫-ଏ ରୁ ୨୬୫-ଏଲ୍ ଯୋଡ଼ା ଯାଇଥିଲା। ଏହାର ଲକ୍ଷ୍ୟ ଥିଲା ବିଚାର ପୂର୍ବରୁ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରି ତୁଳନାତ୍ମକ ଭାବେ କମ୍ ଦଣ୍ଡ ଭୋଗିବ। କିନ୍ତୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସାମ୍ପ୍ରତିକ ଆକଳନ ଅନୁଯାୟୀ, ୨୦୨୨ ମସିହାରେ ମାତ୍ର ୦.୧୧% ଅପରାଧିକ ମାମଲା ଏହି ପଦ୍ଧତିରେ ସମାଧାନ ହୋଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ଏଥିରେ ବିଶେଷ ଅଗ୍ରଗତି ଘଟିନାହିଁ।

ଧାରା ୨୬୫-ଏ ଅନୁଯାୟୀ, ଏହି ବ୍ୟବସ୍ଥା କେବଳ ସେହି ଅପରାଧ ପାଇଁ ପ୍ରଯୁଜ୍ୟ ଯେଉଁଥିରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ କିମ୍ବା ୭ ବର୍ଷରୁ ଅଧିକ ଜେଲ୍ ଦଣ୍ଡର ପ୍ରାବଧାନ ନାହିଁ। ଏଥିସହିତ ଦେଶର ଆର୍ଥିକ ଓ ସାମାଜିକ ସ୍ଥିତିକୁ ପ୍ରଭାବିତ କରୁଥିବା ଅପରାଧ ଏବଂ ମହିଳା ଓ ୧୪ ବର୍ଷରୁ କମ୍ ଶିଶୁଙ୍କ ବିରୋଧରେ ହୋଇଥିବା ଅପରାଧକୁ ଏହି ପରିସରରୁ ବାଦ୍ ଦିଆଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ପରି ଏଠାରେ ବୁଝାମଣା ଅନିୟନ୍ତ୍ରିତ ନୁହେଁ, ବରଂ ସମ୍ପୂର୍ଣ୍ଣ ରୂପେ ଅଦାଲତଙ୍କ ତତ୍ତ୍ୱାବଧାନରେ ହୋଇଥାଏ। ଅଭିଯୁକ୍ତଙ୍କୁ ବିଚାର ଆରମ୍ଭ ପୂର୍ବରୁ ଏକ ଆବେଦନ କରିବାକୁ ପଡ଼େ। ଅଦାଲତର ବନ୍ଦ କୋଠରିରେ ଅଭିଯୁକ୍ତଙ୍କୁ ପଚରାଉଚରା କରି ନିଶ୍ଚିତ କରାଯାଏ ଯେ ଏହି ନିଷ୍ପତ୍ତି ସ୍ୱେଚ୍ଛାକୃତ କି ନୁହେଁ। ଏହାପରେ ଓକିଲ, ପୀଡ଼ିତ ଓ ଅଭିଯୁକ୍ତ ମିଳିତ ଭାବେ ଏକ ସନ୍ତୋଷଜନକ ସମାଧାନରେ ପହଞ୍ଚନ୍ତି। ତଥ୍ୟ ଅନୁଯାୟୀ, ଦାଖଲ ହେଉଥିବା ଆବେଦନ ମଧ୍ୟରୁ ମାତ୍ର ୩୦-୩୫% ସଫଳ ହୋଇଥାଏ। ୨୦୨୨ରେ ମୋଟ ୧.୭ କୋଟି ମାମଲା ମଧ୍ୟରୁ ମାତ୍ର ୧୯, ୧୩୫ଟି ମାମଲାର ସମାଧାନ ପ୍ଲି-ବାର୍ଗେନିଂ ମାଧ୍ୟମରେ ହୋଇଥିଲା। ୨୦୨୩ରେ ଏହି ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇ ୩୫, ୮୮୯ରେ ପହଞ୍ଚିଥିଲେ ହେଁ ତାହା ପର୍ଯ୍ୟାପ୍ତ ନୁହେଁ।

ଏହି ବ୍ୟବସ୍ଥାର ଏକ ବଡ଼ ଦୁର୍ବଳତା ହେଉଛି 'ସାମାଜିକ କଳଙ୍କ'। ପ୍ଲି-ବାର୍ଗେନିଂରେ ଦୋଷ ସ୍ୱୀକାର କଲେ ବ୍ୟକ୍ତିଙ୍କ ନାମରେ ଏକ ଆନୁଷ୍ଠାନିକ ଆପରାଧିକ ରେକର୍ଡ ରହିଯାଏ। ଅପରପକ୍ଷରେ, 'ଭାରତୀୟ ନାଗରିକ ସୁରକ୍ଷା ସଂହିତା'(ବିଏନ୍‌ଏସ୍‌ଏସ୍)ର ଧାରା ୩୫୯ ଅନୁଯାୟୀ 'ଆପୋସ ସମାଧାନ' କଲେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥା'ନ୍ତି। ତେଣୁ ଅନେକ ଅଭିଯୁକ୍ତ ପ୍ଲି-ବାର୍ଗେନିଂ ଅପେକ୍ଷା ଆପୋସ ସମାଧାନକୁ ଅଧିକ ପସନ୍ଦ କରୁଛନ୍ତି।

ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ 'ପ୍ଲି-ବାର୍ଗେନିଂ'ର ସଫଳ ପ୍ରୟୋଗ ପାଇଁ କେବଳ ଆଇନଗତ ପ୍ରାବଧାନ ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ମାନସିକ ଓ ଆନୁଷ୍ଠାନିକ ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରଥମତଃ, ଅଭିଯୁକ୍ତ, ଆଇନଜୀବୀ ଓ ବିଚାରପତିମାନଙ୍କ ମଧ୍ୟରେ ଏହି ବିକଳ୍ପ ସମ୍ପର୍କରେ ସାମୂହିକ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ। ଅନେକ ସମୟରେ ଆଇନଗତ ଜଟିଳତା ଏବଂ ସାମାଜିକ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବାର ଆଶଙ୍କା ଯୋଗୁଁ ସମ୍ପୃକ୍ତ ପକ୍ଷ ଏହାକୁ ଆପଣାଇବାକୁ କୁଣ୍ଠାବୋଧ କରିଥା'ନ୍ତି। ଏହି ଅଭାବକୁ ଦୂର କରିବା ପାଇଁ ପ୍ରତ୍ୟେକ ଅଦାଲତ ପରିସରରେ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ନିୟମିତ ପରାମର୍ଶ ଓ ସଚେତନତା ଶିବିର ଆୟୋଜନ କରାଯିବା ଆବଶ୍ୟକ।

ଦ୍ୱିତୀୟତଃ, ପୁଲିସ ପ୍ରଶାସନ ଓ ସରକାରୀ ଅଭିଯୋଜନ(ପ୍ରସିକ୍ୟୁସନ୍) ବିଭାଗକୁ ଏହି ପ୍ରକ୍ରିୟାରେ ଅଧିକ ସକ୍ରିୟ ଓ ସ୍ୱଚ୍ଛ ଭୂମିକା ନିର୍ବାହ କରିବାକୁ ହେବ। ମାମଲା ପଞ୍ଜୀକୃତ ହେବା ମାତ୍ରେ ହିଁ ଯଦି ଯୋଗ୍ୟ ମାମଲାଗୁଡ଼ିକୁ ଚିହ୍ନଟ କରାଯାଇ 'ପ୍ଲି-ବାର୍ଗେନିଂ' ପାଇଁ ପ୍ରୋତ୍ସାହିତ କରାଯାଏ, ତେବେ ନ୍ୟାୟପାଳିକାର ମୂଲ୍ୟବାନ ସମୟ ଓ ସମ୍ବଳର ଅପଚୟ ରୋକାଯାଇପାରିବ। ଏହାସହିତ ସାମାଜିକ କଳଙ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ଆଇନରେ କେତେକ ଯୁଗୋପଯୋଗୀ ସଂଶୋଧନ କରାଯାଇପାରେ। ଯେପରିକି ଏହି ପ୍ରକ୍ରିୟା ଦ୍ୱାରା ସମାଧାନ ହୋଇଥିବା ମାମଲାର ଅପରାଧିକ ରେକର୍ଡକୁ ଏକ ନିର୍ଦ୍ଦିଷ୍ଟ ଅବଧି ପରେ ସୀମିତ କିମ୍ବା ଗୋପନୀୟ ରଖିବାର ବ୍ୟବସ୍ଥା କରାଯାଇପାରେ।

ପରିଶେଷରେ, କୋଟି କୋଟି ବିଚାରାଧୀନ ମାମଲାର ବିପୁଳ ବୋଝ ତଳେ ଅଣନିଃଶ୍ୱାସୀ ହେଉଥିବା ଆମ ନ୍ୟାୟିକ ସଂରଚନା ପାଇଁ 'ପ୍ଲି-ବାର୍ଗେନିଂ' ଏକ ସଞ୍ଜୀବନୀ ସାବ୍ୟସ୍ତ ହୋଇପାରେ। ମାତ୍ର ଏହାକୁ ମଲାଟବଦ୍ଧ ଆଇନ ପୁସ୍ତକରୁ ବାହାର କରି ବାସ୍ତବତାରେ ରୂପାନ୍ତରିତ କରିବାକୁ ହେଲେ ଦୃଢ଼ ପ୍ରଶାସନିକ ଇଚ୍ଛାଶକ୍ତି ଓ ସାମଗ୍ରିକ ସଂସ୍କାରର ଜରୁରୀ ଆବଶ୍ୟକତା ରହିଛି। ତେବେ ଯାଇ ଭାରତୀୟ ସମ୍ବିଧାନର ମୂଳ ଲକ୍ଷ୍ୟ 'ଶୀଘ୍ର ନ୍ୟାୟ ଏବଂ ସମସ୍ତଙ୍କ ପାଇଁ ନ୍ୟାୟ'ର ସ୍ୱପ୍ନ ସାକାର ହୋଇପାରିବ।

ଦେଶର ବିଭିନ୍ନ ଅଦାଲତରେ ପ୍ରାୟ ୫.୮୮ କୋଟି ମାମଲା ବିଚାରାଧୀନ ଥିବା ବେଳେ କୋର୍ଟର ବୋଝ କମାଇବା ଜରୁରୀ ହୋଇପଡ଼ିଛି। ନୂତନ ବିଏନ୍‌ଏସ୍‌ଏସ୍ ଆଇନରେ ପ୍ରଥମ ଥର ଅପରାଧ କରିଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡାଦେଶକୁ ଏକ-ଷଷ୍ଠାଂଶ (୧/୬) ପର୍ଯ୍ୟନ୍ତ କୋହଳ କରିବାକୁ ପ୍ରାବଧାନ ରଖାଯାଇଛି। ତଥାପି, ବିଶେଷଜ୍ଞଙ୍କ ମତରେ ସାମାଜିକ କଳଙ୍କରୁ ମୁକ୍ତି କିମ୍ବା ନିର୍ଦ୍ଦିଷ୍ଟ ଦଣ୍ଡାଦେଶ ନିୟମାବଳି ବିନା ଏହି ଆଇନ କେବଳ କାଗଜପତ୍ରରେ ସୀମିତ ରହିବ। ପ୍ରଶ୍ନ ଏହା ନୁହେଁ ଯେ ଭାରତକୁ 'ପ୍ଲି-ବାର୍ଗେନିଂ' ଆବଶ୍ୟକ କି ନାହିଁ, ବରଂ ପ୍ରଶ୍ନ ହେଉଛି କେବେ ଆମର ନ୍ୟାୟିକ ବ୍ୟବସ୍ଥା ଏହାକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାକୁ ଇଚ୍ଛାଶକ୍ତି ପ୍ରକାଶ କରିବ।

(ଆଇନଜୀବୀ)
ଛକଡ଼ିପୁର(ଖୋର୍ଦ୍ଧା), ମୋ: ୬୩୭୧୧୯୨୯୭୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

**କ୍ଷୁଦ୍ର ଶିଳାଲେଖ:** ଅଶୋକଙ୍କ ସୁପରିଚିତ ତଥା ବିଖ୍ୟାତ ଚଉଦଟି ଶିଳାଲେଖ ବ୍ୟତୀତ ଅନ୍ୟ ଏକ ପର୍ଯ୍ୟାୟରେ ଏହି କ୍ଷୁଦ୍ର ଶିଳାଲେଖାଗୁଡ଼ିକୁ ବହୁସ୍ଥାନରେ ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସିପାରିଛି। ସେହି ସ୍ଥାନଗୁଡ଼ିକ ହେଲା ଅହରୌରା (ମିର୍ଜାପୁର, ଉତ୍ତର ପ୍ରଦେଶ) ବାହାପୁରୁ (ନୂଆଦିଲ୍ଲୀର କୈଳାସ କଲୋନୀ ନିକଟ), ବଇରାତ (ରାଜସ୍ଥାନ), ଗୁଜରା (ଦାତିଆ, ମଧ୍ୟପ୍ରଦେଶ), ମାସ୍କି (ରାଇଚୁର, କର୍ଣ୍ଣାଟକ), ପାଲକୀଗୁଣ୍ଡ (ଗବୀମଠ ନିକଟ, କର୍ଣ୍ଣାଟକ) ରୂପ ନାଥ (ଜବଲପୁର, ମଧ୍ୟପ୍ରଦେଶ ) ଓ ସହସ୍ରାମ (ଶାହାବାଦ, ବିହାର)। ଏହି କ୍ଷୁଦ୍ର ଶିଳଲେଖଗୁଡ଼ିକର ଏକ ବିଶେଷତ୍ୱ ହେଉଛି ଏଗୁଡ଼ିକ ସବୁ ସମାନ ଧରଣର ନୁହେଁ।

**ଅଶୋକ ଶିଳାଲେଖ:** ପର୍ଯ୍ୟାୟକ୍ରମେ ଚଉଦଗୋଟି ଶିଳାଲିପି ଏହିସବୁ ସ୍ଥାନମାନଙ୍କରୁ ମିଳିଛି - ୟେରାଗୁଡ଼ି (କୁର୍ଣ୍ଣୁଲ, କର୍ଣ୍ଣାଟକ), ଗିରନାର (ଜୁନାଗଡ଼, ଗୁଜରାଟ), କାଲ୍‌ସୀ(ଡେରାଡୁନ୍, ଅବିଭକ୍ତ ଉତ୍ତର ପ୍ରଦେଶ), ପୁରାତନ କାନ୍ଦାହାର (ଆଫଗାନିସ୍ତାନ), ମାନସେହରା (ହଜାରା, ପାକିସ୍ତାନ), ଶାହବାଜଗଢି (ପେଶବାର, ପାକିସ୍ତାନ)ଓ ସୋପାରା (ମହାରାଷ୍ଟ୍ର)।

ଓଡ଼ିଶାର ବୌଦ୍ଧ ପରମ୍ପରା



ଏହି ପର୍ଯ୍ୟାୟର ଦୁଇଗୋଟି ଶିଳାଲେଖ ପ୍ରାଚୀନ କଳିଙ୍ଗ ଅନ୍ତର୍ଗତ ତଥା ବର୍ତ୍ତମାନ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସନ୍ନିକଟ ଅଞ୍ଚଳରୁ ମିଳିପାରିଛି। ଉତ୍ତର ଦିଗରେ ରହିଥିବା ଗୋଟିଏ ଶିଳାଲେଖ କିଟ୍ଟୋଙ୍କ ଦ୍ୱାରା ଖ୍ରୀ ୧୮୩୭ ରେ ଧଉଳି ଗ୍ରାମ ନିକଟରେ (ପ୍ରାଚୀନ ତୋଷାଳୀ ନଗର ଭାବେ ପରିଚିତ) ଅଶ୍ୱତ୍ଥାମା ପାହାଡ଼ରେ ସନ୍ଧାନ କରାଯାଇ ଲୋକଲୋଚନକୁ ଆସିପାରିଥିଲା। ଅଶୋକଙ୍କ ଶିଳାଲେଖଗୁଡ଼ିକ ତିନୋଟି ସମାନ୍ତରାଳ ସ୍ତମ୍ଭରେ ସଜ୍ଜିତ ହୋଇ ଖୋଦନ କରାଯାଇଛି। ଏଥିମଧ୍ୟରୁ ଦ୍ୱାଦଶ ଓ ତ୍ରୟୋଦଶ ଶିଳାଲେଖ ବ୍ୟତୀତ ଅନ୍ୟ ସମସ୍ତ ଶିଳାଲେଖ ମଝି ସ୍ତମ୍ଭର ସମଗ୍ର ଅଂଶ ଏବଂ ତାହାର ସ୍ତମ୍ଭର ଅର୍ଦ୍ଧେକ ଅଂଶ ଦଖଲ କରିଛନ୍ତି। ଏହାର ପରଅଂଶରେ ଦୁଇଗୋଟି ସ୍ଥାନୀୟ ଲେଖ ଯୁକ୍ତ କରାଯାଇଛି। ଏଥିରୁ ଗୋଟିଏ ଡାହାଣ ପାଖର ବାକି ଥିବା ସ୍ଥାନକୁ ପୂର୍ଣ୍ଣ କରିବା ସହ ଅନ୍ୟଟି ସଂପୂର୍ଣ୍ଣ ବାମ ପାଖ ସ୍ତମ୍ଭରେ ଖୋଦିତ ହୋଇଛି। ଏଣୁ ଏହି ପରବର୍ତ୍ତୀ ଶିଳାଲେଖଟି ହେଉଛି ଏହି ସ୍ଥାନରେ ରହିଥିବା ଦୁଇଗୋଟି ସ୍ୱତନ୍ତ୍ର ଶିଳାଲେଖ ମଧ୍ୟରୁ ଦ୍ୱିତୀୟ ଶିଳାଲେଖଟି। ଏହି ଶିଳାଲେଖଟିର ଉପରି ଭାଗକୁ ଲାଗି ରହିଥିବା ପଥର ଚଟାଣରେ ଡାହାଣ ପାଖରେ ଚାରି ଫୁଟ ଉଚ୍ଚ ବିଶିଷ୍ଟ ଗୋଟିଏ ହସ୍ତୀର ସମ୍ମୁଖ ଭାଗ ରହିଛି। ଏଇଟି ହେଉଛି ଚାରି ଫୁଟ ଉଚ୍ଚର ଏକ ଉତ୍କୃଷ୍ଟ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି, ଯାହାକି ଏକ ଅଖଣ୍ଡ ପଥରରୁ ଖୋଦେଇ କରାଯାଇଛି। ଏଠାରେ ଚିହ୍ନଟ ହୋଇଥିବା ଖୋପରୁ ହାତୀଟି ପ୍ରକୃତରେ ପ୍ରଥମେ ଗୋଟିଏ କାଠର ଛାତ ଅଥବା ଛାଉଣୀ ଦ୍ୱାରା ସୁରକ୍ଷିତ ଥିଲା ଭଳି ମନେ ହୁଏ। ସେହିଭଳି ଦକ୍ଷିଣ ଭାଗରେ ରହିଥିବା ଦ୍ୱିତୀୟ ଶିଳାଲେଖଟିକୁ ଖ୍ରୀ ୧୮୫୦ ରେ ସାର୍ ୱାଲଟର ଏଲିଅଟ୍ ଖୋଜି ବାହାର କରିଥିଲେ। ଏହିଟି ସେହି ଓଡ଼ିଶାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗଞ୍ଜାମ ସହରର ଉତ୍ତର-ପଶ୍ଚିମ ଦିଗରେ ଋଷିକୂଲ୍ୟା ନଦୀ ନିକଟରେ ଥିବା ଜଉଗଡ଼ ନାମକ ଏକ ବଡ଼ ପୁରୁଣା ଦୁର୍ଗର ଏକ ଚିତ୍ତାକର୍ଷକ ପଥର କାନ୍ଥରେ ଖୋଦିତ ହୋଇଛି।

ଜଉଗଡ଼ ଅଭିଲେଖଗୁଡ଼ିକ ଲମ୍ବ ଭାବରେ ରହିଥିବା ପଥରର ଉପରି ଭାଗରେ ତିନୋଟି ଭିନ୍ନ ଭିନ୍ନ ଫଳକରେ ଖୋଦିତ ହୋଇଛି। ପ୍ରଥମଟିରେ ପ୍ରଥମ ପାଞ୍ଚଟି ଅନୁଶାସନ ରହିଛି। କିନ୍ତୁ ପଥରର ଚଟାଣ ପରସ୍ତ ଖସିଯିବା ଫଳରେ ଏହାର ପ୍ରାୟ ଅର୍ଦ୍ଧେକ ଅଂଶ ନଷ୍ଟ ହୋଇଯାଇଛି। ଦ୍ୱିତୀୟ ଫଳକଟିରେ ପରବର୍ତ୍ତୀ ପାଞ୍ଚଗୋଟି ଅନୁଶାସନ ସହ ଚତୁର୍ଦ୍ଦଶ ଅନୁଶାସନ ମଧ୍ୟ ସାମିଲ ରହିଛି। ସେହିଭଳି ତୃତୀୟ ଫଳକଟିରେ ଧଉଳିରେ ଥିବା ଦୁଇଟି ପୃଥକ ଶିଳାଲେଖ ଖୋଦିତ ହୋଇଛି। ଏହି ତୃତୀୟଟିରେ ଅନ୍ୟ ଦୁଇଟି ଫଳକ ତୁଳନାରେ କମ୍ ସତର୍କତାର ସହିତ ଖୋଦିତ ହୋଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଓଡ଼ିଶାରେ ହେବ ସିଆଇଆଇ ପୂର୍ବାଞ୍ଚଳ ପରିଷଦ ସମ୍ମିଳନୀ

ଭୁବନେଶ୍ୱର,୨୨।୫(ସମିସ): ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର ସିଆଇଆଇ ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଅନୀଲ ସିଂ ଏବଂ ଉପାଧ୍ୟକ୍ଷ ମଣିକାନ୍ତ ନାୟକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଓଡ଼ିଶାରେ ଆଗାମୀ ସିଆଇଆଇ ପୂର୍ବାଞ୍ଚଳ ପରିଷଦର ସମ୍ମିଳନୀ ଆୟୋଜନ ସଂପର୍କରେ ଉଭୟେ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା କରିଛନ୍ତି। ସିଆଇଆଇ ପୂର୍ବାଞ୍ଚଳ ସମ୍ମିଳନୀରେ ଓଡ଼ିଶା ସହିତ ବିହାର, ପଶ୍ଚିମବଙ୍ଗ, ଛତିଶଗଡ ଓ ଝାଡଖଣ୍ଡର ପ୍ରତିନିଧିମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାରେ ଏହିସବୁ ରାଜ୍ୟଗୁଡିକର ସମନ୍ୱିତ ଭୂମିକା, ଓଡ଼ିଶାର ଅଭିବୃଦ୍ଧି ଓ ଭବିଷ୍ୟତର ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ତାଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

## ଓଏଭିରେ +୨ ନାମଲେଖା ପାଇଁ ୫ରୁ ଆବେଦନ

ଭୁବନେଶ୍ୱର, ୨୨।୫(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ (ଓଏଭିଏସ୍) ପକ୍ଷରୁ ଯୁକ୍ତ ୨ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ ୫ ରୁ ଆବେଦନ ଆରମ୍ଭ ହେବ ଏବଂ ୨୫ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଜୁନ ୩୦ରେ ମେଧା ତାଲିକା ପ୍ରକାଶ ପାଇବ। ମେଧା ତାଲିକାରେ ସ୍ଥାନ ପାଇଥିବା ଛାତ୍ରାଛାତ୍ରୀମାନେ ଜୁଲାଇ ରୁ ୫ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ସେହିପରି ଜୁଲାଇ ୭ରେ ୱେଟିଂ ତାଲିକା ପ୍ରକାଶ ପାଇବ। ୱେଟିଂ ପର୍ଯ୍ୟାୟର ମେଧା ତାଲିକାରେ ସ୍ଥାନ ପାଇଥାବା ଛାତ୍ରଛାତ୍ରୀମାନେ ଜୁଲାଇ ୧୫ରୁ ୨୦ ମଧ୍ୟରେ ନାମଲେଖାଇ ପାରିବେ। ଏନେଇ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଛି।

# ଅବଶିଷ୍ଟାଂଶ...

## ଘୂର୍ଣ୍ଣିବଳୟ ସକ୍ରିୟ...

ଯାହା ସହିତ ଆରବ ସାଗରରେ ମୌସୁମୀ ପ୍ରବାହ ଏକ ସମୟରେ ତ୍ୱରାନ୍ୱିତ ଏବଂ ଗଭୀର ହୋଇଛି। ଆଗାମୀ ୪୮ରୁ ୭୨ ଘଣ୍ଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏହି ସୃଷ୍ଟି ହେଉଥିବା ଲଘୁଚାପ କ୍ଷେତ୍ରଟି ଅଧିକ ସଂଗଠିତ ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲଗୁଡ଼ିକର ସାମୂହିକ ଆକଳନ ଓ ସମୟାନୁସାରୀ ସ୍ଥିରତାରେ ଉଲ୍ଲେଖନୀୟ ସୁଧାର ଆସିଛି, ଯେଉଁଥିରେ ଅଧିକାଂଶ ପୂର୍ବାନୁମାନ ଅନୁଯାୟୀ ଏହି ସିଷ୍ଟମ ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି ମେ ୨୪-୨୫ ତାରିଖ ଆଡ଼କୁ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ-ମ୍ୟାମାଁର ଉପକୂଳ ଆଡ଼କୁ ଅଗ୍ରସର ହେବ। ସମୁଦ୍ର ପୃଷ୍ଠର ତାପମାତ୍ରା ପ୍ରାୟ ୩ରୁ ୩୧ ଡିଗ୍ରୀ ସେଲସିୟସ୍ ରହିବା, ନିମ୍ନ ବାୟୁମଣ୍ଡଳୀୟ ଅଭିସରଣ ଏବଂ ପ୍ରଚୁର କ୍ରାନ୍ତୀୟ ଆର୍ଦ୍ରତା ଏହି ସିଷ୍ଟମର କ୍ରମାଗତ ଘନୀଭୂତ ପ୍ରକ୍ରିୟାକୁ ସହାୟତା କରୁଛି। ମାତ୍ର ଏହା ଏକ ଭୟଙ୍କର ବାତ୍ୟାରେ ପରିଣତ ହେବାର ସମ୍ଭାବନା ସୀମିତ ଅଟେ। ଅବଶିଷ୍ଟ ବାୟୁମଣ୍ଡଳୀୟ ଚାପ, ମୌସୁମୀ ଶୈଳୀର ପ୍ରସାରିତ ବାୟୁ ପ୍ରବାହ ଏବଂ ଏକ କେନ୍ଦ୍ରୀଭୂତ ଘନ କୋର ସୃଷ୍ଟି ନ ହେବା କାରଣରୁ ଏହାର ତୀବ୍ରତା କେବଳ ଏକ ସୁଦୃଢ଼ ମୌସୁମୀ ଅବପାତ କିମ୍ବା ସୁସ୍ପଷ୍ଟ ଲଘୁଚାପ କ୍ଷେତ୍ର ମଧ୍ୟରେ ସୀମିତ ରହିବ। ଏହା କୌଣସି ଭୟଙ୍କର ବାତ୍ୟାର ରୂପ ନେବାର ସମ୍ଭାବନା ନାହିଁ ବୋଲି ଡ. ପଶୁପାଳକ ଆକଳନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନର ମଲ୍ଟି-ମଡେଲ ସମୀକ୍ଷା ଅନୁଯାୟୀ ଆସନ୍ତା ୨୬ ତାରିଖ ତଥା ଏହାର ଆଖପାଖରେ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗୁଆ କିମ୍ବା ସମୟାନୁସାରୀ ଆଗମନକୁ ଦୃଢ଼ ଭାବେ ସମର୍ଥନ କରୁଛି। କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ତୀବ୍ର ପାଣିପାଗ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତେ, ଏହି ବିକଶିତ ହେଉଥିବା ସ୍ଥିତି ଏକ ସମନ୍ୱିତ ବ୍ୟାପକ ମୌସୁମୀ ସଂଗଠନ ପ୍ରକ୍ରିୟାକୁ ପ୍ରତିଫଳିତ କରୁଛି। ଯାହା ଆରବ ସାଗରର ପଶ୍ଚିମା ବାୟୁର ସୁଦୃଢ଼ୀକରଣ, ଉପକୂଳବର୍ତ୍ତୀ ପ୍ରଣାଳୀର ସକ୍ରିୟତା ଏବଂ ବଙ୍ଗୋପସାଗରର ସହାୟକ ପରିଚାଳନା ଦ୍ୱାରା ପରିଚାଳିତ। ଓଡ଼ିଶା ପାଇଁ ବଙ୍ଗୋପସାଗରୀୟ ସିଷ୍ଟମର ପୂର୍ବାନୁମାନ କରାଯାଇଥିବା ଉତ୍ତର-ପୂର୍ବ ଅଭିମୁଖୀ ଗତି ସ୍ୱଳ୍ପ ଅବଧି ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ବହନ କରୁଛି। ଏହି ବାୟୁ ପ୍ରବାହ ବାଂଲାଦେଶ-ମ୍ୟାନ୍ମାର ଅଞ୍ଚଳ ଆଡ଼କୁ ଗତି କରୁଥିବାରୁ, ଏହା ଏହାର ଉତ୍ତର-ପୂର୍ବ ପାର୍ଶ୍ୱକୁ ସଂଗଠିତ ଆଦ୍ରତା ସଂଗ୍ରହ କରିବ, ଯାହା 'ଳରେ ଉଚ୍ଚ ଆଦ୍ରତା ସତ୍ତ୍ୱେ ଉପକୂଳ ଓଡ଼ିଶାରେ ବ୍ୟାପକ ବର୍ଷାର ସମ୍ଭାବନା ସାମୟିକ ଭାବେ ସୀମିତ ରହିବ ବୋଲି ଡ. ପଶୁପାଳକ ପୂର୍ବାନୁମାନ କରିଛନ୍ତି।

## ଅଟୋ-ବସ୍ ଧକ୍କା...

ଆସୁଥିବା ଓଡି ୦୪ ଏସ ୫୯୯୦ ଡାଇମଣ୍ଡ ନାମକ ବସ୍ ନଡକାପଲ୍ଲୀ ବୁଲାଣିଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଏଥିରେ ବସିଥିବା ୧୨ଜଣଙ୍କ ମଧ୍ୟରୁ ୨ଜଣ ଘଟଣାସ୍ଥଳରେ ମୃତ ହୋଇଥିଲା। ଅନ୍ୟ ସମସ୍ତେ ଗୁରୁତର ଭାବରେ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲଡକାପଲ୍ଲୀ, ଶିକୁଳା, ଅରଖପୁର ଗ୍ରାମବାସୀ ପହଞ୍ଚି ପୁରୁଷୋତ୍ତମପୁର ଅଗ୍ନିଶମ ବାହିନୀ ଓ ପୁଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, ଥାନା ଅଧିକାରୀ କୁଳମଣି ସେଠୀ, ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ଲାଗି କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ୬ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଦୁର୍ଘଟଣା ଘଟାଇବା ପରେ ବସ୍ ଘଟଣାସ୍ଥଳରୁ ଫେରାର ହୋଇଯାଉଥିବା ବେଳେ ପୁରୁଷୋତ୍ତମପୁର ଠାରେ ପୁଲିସ ବସକୁ ଜବତ କରିଛି। ଡ୍ରାଇଭର ଫେରାର ଥିବା ଜଣାଯାଇଛି। ପୁରୁଷୋତ୍ତମପୁର ପୁଲିସ ଫେରାର ବସ୍ ଓ ଅଟୋକୁ ଜବତ କରି ଥାନାକୁ ଆଣିଛି। ପୁରୁଷୋତ୍ତମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶରେ ଛତ୍ରପୁର ଉପ-ଜିଲ୍ଲାପାଳ ଶୁଭାଶିଷ ବରାଳ ଓ ସ୍ଥାନୀୟ ତହସିଲଦାର ଶ୍ରୀନିବାସ ବେହେରା ପୁରୁଷୋତ୍ତମପୁର ମେଡିକାଲରେ ପହଞ୍ଚି ପ୍ରତ୍ୟେକ ମୃତକଙ୍କ ପରିବାରକୁ ୩୦ହଜାର ଟଙ୍କା ଲେଖାଏଁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଛନ୍ତି। ଆହାତମାନଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ଉପଜିଲ୍ଲାପାଳ କହିଛନ୍ତି। ସେପଟେ ଗଞ୍ଜାମ ଆରଟିଓ ଦେବାଶିଷ ସ୍ୱାଇ, କନିଷ୍ଠ ମୋଟର ଭେହିକଲ ଇନ୍ସପେକ୍ଟର ରୋହିତ କୁମାର ପଣ୍ଡା ମଧ୍ୟ ଦୁର୍ଘଟଣା ସ୍ଥଳ ବୁଲି ତଦାରଖ କରିଥିଲେ। ବସ ଦ୍ରୁତ ଗତିରେ ଚଳାଉଥିବା ଯୋଗୁଁ ଦୁର୍ଘଟଣା ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାକୁ ନେଇ ଅଧିକ ତଦନ୍ତ କରାଯାଇ ସରକାରଙ୍କୁ ଏକ ରିପୋର୍ଟ ଦିଆଯିବ। ରାସ୍ତା କଡ଼ରେ ରହିଥିବା କିଛି ଗଛ ଯୋଗୁଁ ଦୁର୍ଘଟଣା ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏନେଇ ପଦକ୍ଷେପ ନିଆଯିବ। ଏହାଛଡା ଦୁର୍ଘଟଣାର ମାତ୍ରା କିଭଳି କମିବ ସେନେଇ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଆରଟିଓ କହିଛନ୍ତି। ଏନେଇ ପୁରୁଷୋତ୍ତମପୁର ଥାନାରେ ଏକ ମାମଲା (୩୨୧/୨୬) ରୁଜୁ କରି ଏସଆଇ ସୁଶାନ୍ତ ମିଶ୍ର ତଦନ୍ତ ଭାର ନେଇ ଅଧିକ ତଦନ୍ତ ଜାରି ରଖିଥିବା କହିଛନ୍ତି। ଅପରପକ୍ଷେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଘଟଣା ସମ୍ପର୍କରେ ଜାଣି ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଥିଲେ। ତତପରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆର୍ଥିକ ସହାୟତା ଘୋଷଣା କରାଯାଇଛି। ଏହି ଘଟଣାରେ ବିରୋଧି ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗଭୀର ଦୁଃଖପ୍ରକାଶ କରିଛନ୍ତି। ମୃତକଙ୍କୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତେବେ ଦୁର୍ଘଟଣାର ଶିକାର ହୋଇ ଏକେସିଜିରେ ଚିକିତ୍ସିତ ହେଉଥିବା ୪ଜଣ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା। ଏମାନଙ୍କ ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ସମ୍ପର୍କରେ ଡ଼ାକ୍ତର ମାନଙ୍କ ସହିତ ଆଲୋଚନା କରିଥିଲେ। ଏମାନଙ୍କୁ ଆଶୁ ଆରୋଗ୍ୟ କାମନା କରିବା ସହ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆଇଏଏସ୍ ଅଫିସରଙ୍କ...

ମୁକ୍ତ ହୋଇପାରିବ ନାହିଁ ବୋଲି କୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟ ଦର୍ଶାଇଛନ୍ତି ଯେ, ସଂରକ୍ଷଣର ଲାଭ ନେଇ ପିତାମାତା ଗୋଟିଏ ଉଚ୍ଚସ୍ତରକୁ ଆସିବା ପରେ ସେମାନଙ୍କର ସାମାଜିକ ପଛୁଆପଣ ଦୂର ହୋଇଯାଏ। ତେଣୁ ଏକ ସନ୍ତୁଳନ ରକ୍ଷା କରିବା ଜରୁରୀ। ଶୁଣାଣି ବେଳେ ଓକିଲ ଯୁକ୍ତି ବାଢ଼ିଥିଲେ ଯେ କେବଳ ଦରମା ନୁହେଁ, ବରଂ ପଦବୀ ଓ ସାମାଜିକ ସ୍ଥିତିକୁ ଆଧାର କରି ଏହାର ବିଚାର କରାଯିବା ଉଚିତ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) କ୍ଷେତ୍ରରେ କେବଳ ଆର୍ଥିକ ପଛୁଆପଣ ଥାଏ, ସାମାଜିକ ପଛୁଆପଣ ନୁହେଁ। ୧୯୯୨ ମସିହାର ପ୍ରସିଦ୍ଧ ମଣ୍ଡଳ କମିଶନ ମାମଲାରେ ସୁପ୍ରିମକୋର୍ଟ ଓବିସି ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣକୁ କାଏମ ରଖିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ସମୃଦ୍ଧ ବା 'କ୍ରିମି ଲେୟାର୍' ଶ୍ରେଣୀକୁ ଏଥିରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ୍ ଜାରି କରି ସେମାନଙ୍କର ଜବାବ ମାଗିଛନ୍ତି।

## ପଶ୍ଚିମରେ ତାତି...

ଏହାବ୍ୟତୀତ ୧୮ ଜିଲ୍ଲାରେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅନୁଭତ ହେବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର।

ଅନ୍ୟପକ୍ଷରେ ଶୁକ୍ରବାର ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୫.୨ ଡିଗ୍ରୀ ରେକର୍ଡ କରାଯାଇଛି। ଏହାବ୍ୟତୀତ ସମ୍ବଲପୁରରେ ୪୪.୨ ଡିଗ୍ରୀ, ସୁନ୍ଦରଗଡରେ ୪୧.୮ ଡିଗ୍ରୀ, ହୀରାକୁଦରେ ୪୩.୬ ଡିଗ୍ରୀ, ବଲାଙ୍ଗୀର ଓ ଟିଟିଲାଗଡରେ ୪୪ ଡିଗ୍ରୀ, ମାଲକାନଗିରିରେ ୪୧.୬ ଡିଗ୍ରୀ, ସୋନପୁରରେ ୪୨.୧ ଡିଗ୍ରୀ, ବୌଦ୍ଧରେ ୪୪.୫ ଡିଗ୍ରୀ, ବରଗଡରେ ୪୧.୪ ଡିଗ୍ରୀ ଓ ନୂଆପଡାରେ ୪୩.୨ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି।

## ୧୦୦ରୁ ମିଳିଲା...

ମାର୍କସିଟ୍ କେବଳ ତତ୍କାଳ ସୂଚନା ପାଇଁ ଉଦ୍ଦିଷ୍ଟ। ଚୂଡ଼ାନ୍ତ ମାର୍କସିଟ୍ ପ୍ରକାଶ ପୂର୍ବରୁ ମୁଦ୍ରଣଗତ ତ୍ରୁଟି ସଂଶୋଧନ କରିବାର ବ୍ୟବସ୍ଥା ରହିଥିବା ଡ. ପରିଡ଼ା ସ୍ପଷ୍ଟ କରିଛନ୍ତି। ସେହିପରି ଛାତ୍ରଛାତ୍ରୀଙ୍କ ସୁବିଧା ଆବଶ୍ୟକ ସ୍ଥଳରେ ରିଚେକିଂ ଓ ରି-ଆଡିସନ ପାଇଁ ଅନଲାଇନ ଆବେଦନ କରିପାରିବେ। ଏନେଇ ଆସନ୍ତା ୨୭ ସୁଦ୍ଧା ଅନଲାଇନ ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

## ଖାଇଯିବେ 'ଅସରପା'...

ପକ୍ଷ ରଖୁ ନାହାନ୍ତି, ତାହେଲେ କୋର୍ଟରେ ମାମଲା ଥିବା କହି କାହିଁକି ପରୀକ୍ଷା ଟାଳୁଛନ୍ତି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

ରାଜ୍ୟରେ କନେଷ୍ଟବଲ ନିଯୁକ୍ତି, ଏଏସ୍ଓ, ପିଇଓ ଓ ଡିଇଓ ପଦରେ ନିଯୁକ୍ତି କରିବାକୁ ବିଜ୍ଞପ୍ତି ପ୍ରକାଶ କରିବାରେ ମଧ୍ୟ ସରକାର ବ୍ୟାପକ ବିଳମ୍ବ କରୁଛନ୍ତି। ଯାହା ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରୁଛି। ସରକାର ତୁରନ୍ତ ସମସ୍ତ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ ନ କଲେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଶିକ୍ଷିତ ଯୁବକ ଯୁବତୀମାନେ ନିଜକୁ ଅସରପା ସହ ତୁଳନା କରି କହିଛନ୍ତି ଯେ, ଅସରପା ଯେମିତି ସବୁ ଖାଇଯାଏ, ଠିକ୍ ସେହିପରି ରାଜ୍ୟର ବେରୋଜଗାରୀ ମେଧାବୀ ଅସରପାମାନେ ସରକାରଙ୍କୁ ଖାଇଯିବେ। ଆସରପା ଯେମିତି କାନ୍ଥ ଉପରେ ଚଢ଼େ, ଠିକ୍ ସେମିତି ରାଜ୍ୟର ଶିକ୍ଷିତ ଯୁବକମାନେ ବିଧାନସଭା ସମେତ ସଚିବାଳୟ ଓ ମୁଖ୍ୟମନ୍ତ୍ରୀ ନିବାସ କାନ୍ଥକୁ ଚଢ଼ିଯିବେ। ଶିକ୍ଷକ ଯୁବକଙ୍କୁ ସରକାର ନିଯୁକ୍ତି ନ ଦେଲେ, ସରକାର ପରିବର୍ତ୍ତନ କରିବା ପାଇଁ ସେମାନେ ସକ୍ଷମ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଛାତ୍ରନେତା ଓ ଆଶାୟୀ ଉପସ୍ଥିତ ଥିଲେ।

## ଏପ୍ରିଲ ୧୫ରୁ...

ହେବେ, ଜନସ୍ୱାର୍ଥ ଦୃଷ୍ଟିରୁ ସରକାର ଚାହିଁଲେ ଏହା ପୂର୍ବରୁ ମଧ୍ୟ ବଦଳି କରିପାରିବେ। ଗ୍ରୁପ୍ 'ସି' କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ବ୍ଲକ କିମ୍ବା ତହସିଲ ଅଞ୍ଚଳରେ ସର୍ବାଧିକ ୬ ବର୍ଷ ରହିପାରିବେ। ଅନୁରୂପ ଭାବରେ ରାଜ୍ୟ କ୍ୟାଡରର ଗ୍ରୁପ୍ 'ଏ' ଓ ଗ୍ରୁପ୍ 'ବି' ଅଧିକାରୀଙ୍କ ପାଇଁ ମଧ୍ୟ ସମାନ ୬ ବର୍ଷ ଅବଧି ରଖାଯାଇଛି। ସଂଶୋଧିତ ବଦଳି ନିୟମ ମଧ୍ୟ ସଚିବାଳୟ ଓ ବିଭିନ୍ନ ନିର୍ଦ୍ଦେଶାଳୟରେ ଥିବା ଅଣବଦଳିଯୋଗ୍ୟ ମିନିଷ୍ଟ୍ରିଆଲ କ୍ୟାଡର ପାଇଁ ମଧ୍ୟ ଲାଗୁ ହେବ। ଏସବୁଠାରେ କାର୍ଯ୍ୟରତ ଥିବା କର୍ମଚାରୀ ଗୋଟିଏ ନିର୍ଦ୍ଦିଷ୍ଟ ସିଟ ବା ଦାୟିତ୍ୱରେ ୩ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ ଓ କେବଳ ସ୍ୱତନ୍ତ୍ର ପରିସ୍ଥିତିରେ ହିଁ ଏହି ସମୟସୀମା ବଢ଼ାଯାଇପାରିବ। ଗ୍ରୁପ 'ଏ' ଓ ଗ୍ରୁପ 'ବି' ବର୍ଗର ସମ୍ବେଦନଶୀଳ ପଦବୀଗୁଡ଼ିକରେ କୌଣସି ଅଧିକାରୀଙ୍କୁ ସେମାନଙ୍କ ଗୃହ ଜିଲ୍ଲାରେ ନିଯୁକ୍ତି ଦିଆଯିବ ନାହିଁ। କେଉଁ ପଦବୀଗୁଡ଼ିକୁ ସମ୍ବେଦନଶୀଳ ବୋଲି ବିବେଚନା କରାଯିବ, ତାହା ସମ୍ପୃକ୍ତ ପ୍ରଶାସନିକ ବିଭାଗ ସ୍ଥିର କରିବେ। ଯେଉଁ ଅଧିକାରୀମାନେ କେବିକେ ଅଞ୍ଚଳରେ କ୍ରମାଗତ ଭାବେ ୬ ବର୍ଷର ସେବା ସମ୍ପୂର୍ଣ୍ଣ କରିଥିବେ, ସେମାନଙ୍କୁ ସମ୍ବେଦନଶୀଳ ପଦବୀ ବ୍ୟତୀତ ନିଜ ଗୃହ ଜିଲ୍ଲା କିମ୍ବା ପସନ୍ଦର ସ୍ଥାନକୁ ବଦଳି କରାଯିବା ନେଇ ବିଚାର କରାଯିବ। ସେହିପରି ସରକାରୀ ଚାକିରିଆ ଦମ୍ପତିଙ୍କ ପାଇଁ ମଧ୍ୟ ଏହି ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଯଦି ସ୍ୱାମୀ ଓ ସ୍ତ୍ରୀ ଉଭୟ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥାଆନ୍ତି, ତେବେ ସମ୍ବେଦନଶୀଳ ପଦବୀର କଟକଣାକୁ ଆଖିରେ ରଖି ସେମାନଙ୍କୁ ଗୋଟିଏ ଷ୍ଟେସନରେ ପୋଷ୍ଟିଂ ଦିଆଯାଇପାରିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଏହି ସଂଶୋଧିତ ଗାଇଡଲାଇନ୍ ସମଗ୍ର ରାଜ୍ୟରେ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ବିଟ୍ ରାସ୍ତାରେ ଦୁଇ ଯୁବକଙ୍କୁ ନିର୍ଘାତ ମାଡ଼

### ଭିଡିଓ ଭାଇରାଲ ପରେ ସାମ୍ନାକୁ ଆସିଲା ବର୍ବରତା



ଉଦଳା, ୨୨।୫(ସମିସ): ରାଜ୍ୟରେ ଏବେ ଅପରାଧୀ ଉପରମୁହାଁ। ପୁଲିସକୁ ଡର ନାହିଁ କି ଆଇନକୁ ଭୟ ନାହିଁ। ଦିନ ହେଉ କି ରାତି ବିଟ୍ ରାସ୍ତାରେ ମରଣାନ୍ତକ ଆକ୍ରମଣ କରି ସର୍ବସାଧାରଣରେ ଆତଙ୍କ ଖେଳାଉଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଗୋଟିଏ ପରେ ଗୋଟିଏ ଘଟଣା ପଦାକୁ ଆସୁଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ବି ଏଥିରୁ ବାଦ୍ ପଡ଼ିନାହିଁ। ଥାନାଠାରୁ ମାତ୍ର ୫ଶହ ଦୂରରେ ସ୍ପଷ୍ଟ ଦିବାଲୋକରେ ୩ରୁ ୪ ଦୁର୍ବୃତ୍ତ ବିଟ୍ ରାସ୍ତାରେ ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଚାପୁଡ଼ାଠାରୁ ଆରମ୍ଭ କରି ବିଧା, ଗୋଇଠା, ମୁଥ ମାରି ଲହୁଲୁହାଣ କରିଦେଇଛନ୍ତି। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି।

ଭାଇରାଲ ଭିଡିଓଟି ଗତ ଏପ୍ରିଲ ୮ ତାରିଖର ବୋଲି କୁହାଯାଉଛି। ଉଦଳା ଏନ୍ଏସି ୫ ନମ୍ବର ୱାର୍ଡର ଯୁବକ ଅଶ୍ୱିନୀ ଅଭିଷେକ ନାୟକ ଏବଂ ହିମାଂଶୁ ଶେଖର ବେହେରା ୱାର୍ଡରେ ଚାଲିଥିବା ଏକ ରାସ୍ତା କାମ ନିକଟକୁ ଯାଇଥିଲେ। ସେଠାରେ ଫଳକ ନ ଲଗାଇ କାମ ଚାଲୁଥିବାରୁ ଏହାର ପ୍ରତିବାଦ କରିଥିଲେ। ଖବର ପାଇ ଠିକାଦାର ରଞ୍ଜନ କୁମାର ପାତ୍ର ନିଜର କିଛି ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଅଶ୍ୱିନୀ ଓ ହିମାଂଶୁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଦୁଇ ଯୁବକଙ୍କ ପକ୍ଷରୁ ଥାନାରେ ଠିକାଦାର ରଞ୍ଜନ ପାତ୍ର, ଜଗବନ୍ଧୁ ପାତ୍ର ଏବଂ ମନୋଜ ବେହେରାଙ୍କ ନାମରେ ଏତଲା ଦିଆଯାଇଥିଲା। ଅନ୍ୟପଟେ, ଠିକାଦାର ଶ୍ରୀ ପାତ୍ର ମଧ୍ୟ ଏକ ପାଲଟା ଅଭିଯୋଗ କରିଥିଲେ। ଏତଲା ଆଧାରରେ ପୁଲିସ୍ ୩ଟି ମାମଲା ରୁଜୁ କରି ଉଭୟପକ୍ଷଙ୍କୁ ଥାନାରୁ ଜାମିନ ଦେଇ ଛାଡ଼ିଥିଲା। ତେବେ ଏହି ଭାଇରଲ ଭିଡିଓ ସାମ୍ନାକୁ ଆସିବା ପରେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ଏତେ ଜଘନ୍ୟ ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ କିପରି ଛାଡ଼ିଦେଲା, ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Bhanjanagar, dated 19/05/2026, I, Puspita Sahu, D/o: Sri Bijaya Chandra Sahu, At- Gallery, P/O- Gallery, P/S- Tarasingi, Dist: Ganjam, declare that I have changed my name from **Khusi Sahu to Puspita Sahu.** Henceforth, I shall be known as **Puspita Sahu** for all purposes.

**Puspita Sahu**

**Cuttack Municipal Corporation**
Biju Bhawan, Choudhary Bazaar,
Cuttack-753001
13001/596/2627

**Notice for Selection of Agency for Disposal/Sale of Fruits of Mango at CMC Nursery & Mango Orchard"**

Cuttack Municipal Corporation invites sealed bids for the auction of mango produce from its mango orchard and nursery, which has approximately 76 mango trees. The auction will be conducted on an H1 basis (highest bidder wins) with a base price of ₹50,000/-. For details visit https://cmccuttack.odisha.gov.in

| SL No. | List of Key Events | Critical Dates |
|---|---|---|
| 1 | Availability of Application form in the website | From 12.00 P.M. of 22.05.2026 to 28.05.2026 up to 3:00 P.M. |
| 2 | Last date of receipt of application | 28.05.2026 up to 3:00 P.M. |
| 3 | Date of opening of financial bid | Date: 29.05.2026 at 11:30 A.M. at Biju Bhawan |
| 4 | Mode of Receipt of Bids | Through Speed Post/ Registered Post (India Post)/ Courier / By Hand |
| 5 | Correspondence Address | The Commissioner Cuttack Municipal Corporation, Biju Bhawan, Choudhary Bazaar, Cuttack-753001 |
| 6 | Contact Person | Asst. Commissioner (Park & Plantation) |

The complete bidding documents, fee details, descriptions of items and key dates can be viewed/downloaded from the website: https://cmccuttack.odisha.gov.in . Please note that CMC reserves the right to accept or reject the Bid process at any stage without assigning any reason whatsoever.

Sd/- Commissioner,
Cuttack Municipal Corporation

OIPR-13001/13031/1/26-27/0031

**AFFIDAVIT**

I SETHA KUMAR KONDPAN, S/O LATE SAMSON KONDPAN, resident of At - Mission Compound, Near J.E.L.C High school, PO/PS/Dist - Koraput, - 764020, Odisha declare by this Affidavit No.2064, dated - 21/05/2026, that now onwards I shall be known as **SETHO KUMAR KONDPAN** for all future purposes.

**ସର୍ବସାଧାରଣ ଘୋଷଣା**

ମୁଁ, ନାୟକ ମୁରଲୀ ପ୍ରଧାନ (ଡି.ଏସ.ସି ପେନ୍‌ସନ୍ ଭୋଗୀ), ଗ୍ରାମ- କୁରୁମପଡ଼ାଳ, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ଏହା ଘୋଷଣା କରୁଛି ଯେ ମୋର ସର୍ଭିସ ରେକର୍ଡରେ ମୋ ଝିଅଙ୍କ ନାମ ଭୁଲ ବଶତଃ **NIRMALA** ଅଛି। ସତ୍ୟପାଠ **(Affidavit)** ତାରିଖ **21/05/2026** ଅନୁଯାୟୀ ତାଙ୍କର ପ୍ରକୃତ ନାମ **NARMADA PRADHAN** ଅଟେ। ଏହି ଦୁଇଟି ଯାକ ନାମ ଗୋଟିଏ ବ୍ୟକ୍ତିଙ୍କର ଅଟେ। ଭବିଷ୍ୟତରେ ତାଙ୍କୁ କେବଳ **NARMADA PRADHAN** ନାମରେ ଜଣାଯାଉ।

ସ୍ୱା- ନାୟକ ମୁରଲୀ ପ୍ରଧାନ

**AFFIDAVIT**

By virtue of an affidavit sworn before Executive Magistrate/Notary Public Karanjia, Mayurbhanj, Odisha dated - 21.05.2026, I, MANJU HANAHAGA, At - Kankadapat, P.O - Nayakrushnapur, P.S - Champua, Dist - Keonjhar, Odisha, 758047 declare that I have changed my name from MANJU HANHAGA to MANJULATA HANHAGA. Henceforth, I shall be known as **MANJULA HANHAGA** for all purposes.

**AFFIDAVIT**

By virtue of an affidavit no. 2390 sworn before Notary, Balasore Town, Odisha on 21.05.2026, I, Umakanta Behera, S/o. Basanta Kumar Behera, At/ Po./Ps: Khantapada, Dist. Balasore, declare that I have changed my name from Umakant Behera to Umakanta Behera. Henceforth, I shall be known as **Umakanta Behera** for all purposes.

**AFFIDAVIT**
**Change of Name (Minor)**

By virtue of an affidavit on date: 29/04/2026 sworn before the Executive Magistrate, Balasore. I, **Surendra Nath Manna** (applicant name), S/o Judhisthir Manna, permanent & current resident of AT/PO: Dubulagadi, PS: Kasafal Marine, Dist: Balasore, State: Odisha, PIN: 756027 declare that I have changed my minor son's name from **Deepak Das** to **Rajkumar Manna**. Henceforth, he shall be known as **Rajkumar Manna** (new name) for all purposes.

**(Surendra Nath Manna)**

**AFFIDAVIT**

By virtue of an affidavit (No.01, date: 22/05/2026) sworn before the Executive Magistrate, Padampur. I, **Apurba Purohit,** D/o- Subodh Kumar Purohit, permanent & current resident of At: Padampur, PO: Rajborasambar, PS: Padampur, Dist: Bargarh, State: Odisha, PIN: 768036 declare that I have changed my name from Bijay **Laxmi Purohit** to **Apurba Purohit.** Henceforth, I shall be known as **Apurba Purohit** (new name) for all purposes.

**(Apurba Purohit)**

**NOTICE**

This is to inform to all concern that by virtue of Resolution of Partnership firm M/s SIGN TOUR & ADVERTISING AGENCY, 30-04-2026 one of the partner namely Sarada Prasanna Sahoo has left from the partnership firm and new partner namely Pritam Parnit Sahoo come into his place and Reconstituted the Partnership firm on 01-05-2026 in the address given in the partnership firm vide IGR Registration No: 114/2008 and all other conditions remain unchanged.

**PARTNER**
**M/s SIGN TOUR & ADVERTISING AGENCY**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/578/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର -13 ରେ ପ୍ଲଟ୍ ନଂ-13-2F/472 ଟିକୁ ଶ୍ରୀ ବିଭୁତି ରାୟ, ପିତା- ୰ ନାରାୟଣ ରାୟ, ସା-ଖଇରାଗଡ, ପୋ-ନୂଆଗାଁ, ଥା-ନୂଆଗାଁହାଟ, ଜିଲ୍ଲା -ଜଗତସିଂହପୁର ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବିଭୁତି ରାୟ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୋନିଆ ପଣ୍ଡା, ସ୍ୱାମୀ-ଆଶିଷ କୁମାର ଆଚାର୍ଯ୍ୟ, ସା/ପୋ- ପଖଡ଼, ବ୍ଲକ- ଗରଦପୁର, ଥା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡା- ୭୫୪୧୫୩ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0030 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

GOVERNMENT OF ODISHA
WORKS DEPARTMENT
OFFICE OF THE SUPERINTENDING ENGINEER, BALLIGUDA (R&B) DIVISION, BALLIGUDA
34001/237/2627
TELEPHONE & Fax 06846-243242
E-mail- eepwd.balliguda@gmail.com
e-procurement notice
Bid Identification No. S.E. BLG-02/ 2026-27
Dated: -18.05.2026

| Sl.No | Name of the Work | Buildings Works as per DTCN available in the website www.tendersodisha.gov.in |
|---|---|---|
| 1 | Estimated Cost | Rs. 66.72 lakhs |
| 2 | No. of Works | 1(One) Only |
| 3 | Period & time of completion | 06(Six) Month |
| 4 | Date & time of availability of the bid document in the portal | 25.05.2026 to 07.06.2026 (up to 5.00 PM) for Online Bidding |
| 5 | Last date/Time for receipt of bids in the portal | Up to 5.00 PM of 07.06.2026 |
| 6 | Date & Time of bid opening | 11.30 hours on Dated. 08.06.2026 |
| 7 | Name & Address of the officer inviting Bid | Superintending Engineer, Balliguda R&B Division, Balliguda, Dist:-Kandhamal, Pin-762103 |

Others can be seen from Detailed Notice Inviting Tenders, available in website. www.tendersodisha.gov.in. Corrigendum if any, shall only be published in the above website.

Superintending Engineer
Balliguda(R&B) Division

OIPR-34001/34162/1/26-27/0003

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BONAI
E.Mail – rwd.bonai@yahoo.com
25001/210/2627
**TENDER CALL NOTICE**
**BID IDENTIFICATION NO. ONLINE-EEBNI-01 of 2026-27**

1. Name of the Work :- Building & Weir Bridge Works
2. Total No. of works :- 12 (Twelve) Nos.
3. Estimated cost :- Rs . 8.87 – 78.07 Lakhs
4. Class of contractor :- "B" ,"C" & "D" Class
5. Period of completion :- 06 (Six) Month
6. Type of Tender :- Single Cover & Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bonai | ONLINE - EEBNI-01 of 2026-27 | 25.05.2026 from 11.00 AM | 08.06.2026 upto 05.00 PM | 06.06.2026 upto 5.00 PM | 09.06.2026 11.00 AM | Will be intimated separately |

Further details can be seen from the website www.tendersorissa.gov.in & for more information please visit the office.

Sd/-
Executive Engineer
RW Division, Bonai

OIPR-25001/25200/1/26-27/0001

**Zilla Swasthya Samiti, Ganjam**
**(Notice of provisionally shortlisted candidates for Written /Computer Viva-Voce Test of different post under NHM)**

Notice No. 6772 Date: 22.05.2026

**Notice of provisionally shortlisted candidates for Written /Computer Viva-Voce Test of different post under NHM)**

In response to the **ADV. No.3541 dated 06.03.2023** published in daily newspaper "The Dharitri & The SAMBAD" on 10.03.2023 for different posts under NHM Ganjam, the name of provisionally shortlisted candidates for Written /Computer/ Viva-Voce Test for the post of Optometrist (DEIC), Case Registry Assistant (NMHP), STS, SA DRTB, Psychologist (DEIC) & BAM/ADEO are published in the district website: https://ganjam.odisha.gov.in. Hence all candidates who had applied the same are requested to login the district website Ganjam and the shortlisted candidates are requested to attend the exams as per the schedule date, time & Place by producing the admit card as annexed along with valid ID proof.

Further in response to the Advertisement No- **11877 dated 19.08.2023** published in daily newspaper "The Dharitri & The Pragativadi" on 22.08.2023 and **Adv. No- 2922 dated 11.02.2025** published in daily news Paper "The Samaya Bhubaneswar", the provisional shortlisted candidates for Written /Computer/ Viva-Voce Tests for the post of the BDM, RMNCH/Family Planning Counsellor & BPM under NHM Ganjam has been published in district website: https://ganjam.odisha.gov.in. All candidates who had applied for the same posts are requested to go through the list and shortlisted candidates are requested to attend the exams as per the schedule date, time & place by producing the admit card as annexed along with valid ID proof. The undersigned reserves the right to cancel/ reject the advertisement without assigning any reason thereof.

Sd/-
CDM&PHO- Cum- DMD, Ganjam.

OIPR-10001/10041/1/26-27/0002 10001/187/2627

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL.
e-Mail Id – eeangulirrigation@gmail.com
32001/272/2627

**'e'-Procurement Notice No. SE-AID-3/2026-27**

The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | **11 (Eleven) Nos**. Civil work |
| 2 | Cost of work put to tender | : | Approximately **Rs.4.06 Lakh / Rs.12.70 Lakh** |
| 3 | Tender Paper Cost | : | **Rs.2,000/- / Rs.4,000/- / Rs.6,000/-** (Non Refundable) |
| 4 | Class of Contractor | : | 'D' & 'C' equivalent Grade |
| 5 | Period of Completion | : | **60 Days** |
| 6 | Availability of Bid Documents and receipt of bid through online | : | From **11.00 A.M of 25.05.2026 to 5.00 P.M of 03.06.2026** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : | **04.06.2026** at **9.00 A.M** and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | : | **09.06.2026** at **10.00 A.M** in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- **eeangulirrigation@gmail.com** |

Further details can be seen from the e-procurement portal of Government of Odisha at **www.tendersodisha.gov.in**)

**Superintending Engineer**
**Angul Irrigation Division**
**Angul**

OIPR-32001/32049/1/26-27/0003



### ଦୀର୍ଘ ସମୟ ବିଦ୍ୟୁତ୍ କାଟ୍‌କୁ ନେଇ ଉତ୍ତେଜନା

# ତାତିଲେ ଉପଭୋକ୍ତା; ଲୁଚିଲେ ଯନ୍ତ୍ରୀ, ଅଧିକାରୀ

କଟକ, ୨୨।୫(ସମିସ)

ରାଜ୍ୟରେ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଜାରି ରହିଥିବା ବେଳେ କଟକ ସଦର ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଟାଟା ପାୱାର କମ୍ପାନୀର ମନମୁଖୀ ଓ ଅଘୋଷିତ ବିଦ୍ୟୁତ କାଟ୍‌କୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ଗତକାଲି ରାତିରେ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ଅତିଷ୍ଠ ଉପଭୋକ୍ତାମାନେ

- ବିଭାଗୀୟ କାର୍ଯ୍ୟାଳୟ ଜଗିଲା ପୁଲିସ
- ଗୋପାଳପୁର ଏସଡିଓ ଅଫିସ ଆଗରେ ଏନ୍‌ଏଚ୍ ଅବରୋଧ
- ୭ ଦଫା ଦାବି ନେଇ ବିଜେଡିର ଧାରଣା
- ବିଲ୍ ନ ଦେବାକୁ ଉପଭୋକ୍ତାଙ୍କ ଚେତାବନୀ

ଏହାର କାରଣ ଖୋଜିବାକୁ ଗୋପାଳପୁରସ୍ଥିତ ଏସଡ଼ିଓ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ସେଠାରେ ଏସଡ଼ିଓ କିମ୍ବା କୌଣସି ଦାୟିତ୍ୱବାନ ଯନ୍ତ୍ରୀଙ୍କୁ ନ ପାଇବାରୁ ଲୋକଙ୍କ



ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଧିକାରୀମାନେ ଜନଆକ୍ରୋଶ ଭୟରେ ଲୁଚି ଯାଇଥିବା ଅଭିଯୋଗ କରି ଉତ୍ୟକ୍ତ ଉପଭୋକ୍ତାମାନେ କାର୍ଯ୍ୟାଳୟ ସମ୍ମୁଖ ଜାତୀୟ ରାଜପଥ ଅବରୋଧ କରି ଧାରଣାରେ ବସି ରହିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୋପାଳପୁର ଡିଭିଜନ କାର୍ଯ୍ୟାଳୟ ପରିସରରେ ଆଗକୁ କାଳେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ଅନ୍ୟପକ୍ଷରେ, ଆଜି ପୂର୍ବାହ୍ନରେ ଗୋପାଳପୁର ସବଡିଭିଜନ ଅଧୀନରେ ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଏକ ୭ ଦଫା ଦାବିପତ୍ର ସହ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗ୍ରାମାଞ୍ଚଳରେ ବିପଜ୍ଜନକ ଭାବେ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମରଗୁଡ଼ିକର ସୁରକ୍ଷା, ବିଦ୍ୟୁତ କାଟିଲେ ତୁରନ୍ତ ମରାମତି କରିବା ଏବଂ ସବୁଠାରୁ ବଡ଼ କଥା ହେଲା ବିଦ୍ୟୁତ ଗଲେ ସହକାରୀ ଯନ୍ତ୍ରୀ ଓ ଅନ୍ୟ ଯନ୍ତ୍ରୀମାନେ ଉପଭୋକ୍ତାଙ୍କ ଫୋନ୍ ନ ଉଠାଇବା ଭଳି ଗମ୍ଭୀର ଅଭିଯୋଗ ଉପରେ ଦଳ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଥିଲା। ଧାରଣା ସ୍ଥଳରେ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଏହି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ କର୍ମୀମାନେ ଧାରଣାରୁ ଓହରିଥିଲେ। ଅନୁରୂପ ଭାବେ ଅଡ଼ସପୁର ବିଦ୍ୟୁତ ବିଭାଗ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ଓ ଏହାର ଆଖପାଖ ଅଞ୍ଚଳରେ ଗତକାଲିଠାରୁ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପ୍ରଚଣ୍ଡ ଖରା, କାଳବୈଶାଖୀର ପ୍ରଭାବ ଓ ଅସହ୍ୟ ଗୁଳୁଗୁଳିରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ସମସ୍ତେ ଆଉଟୁପାଉଟୁ ହୋଇଥିଲେ। ଗ୍ରାହକମାନେ ଏ ସମ୍ପର୍କରେ ଜାଣିବାକୁ ଚାହିଁ ଫୋନ୍ କରିଥିଲେ ମଧ୍ୟ ବିଦ୍ୟୁତ କାର୍ଯ୍ୟାଳୟର କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ ଫୋନ୍ ଉଠାଇ ନ ଥିଲେ। ଟାଟା ପାୱାର କମ୍ପାନୀର ଏଭଳି ଚରମ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଆଗାମୀ ଦିନରେ ବିଦ୍ୟୁତ ଦେୟ (ବିଲ୍) ପୈଠ ନ କରିବାକୁ ଉପଭୋକ୍ତାମାନେ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ସାଧାରଣରେ ଆଲୋଚନା ହେଉଛି ଯେ, ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ଆଦୌ ବିଦ୍ୟୁତ କାଟ ହେବନାହିଁ ଏବଂ ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଅଧିକାରୀଙ୍କୁ ଜେଲ୍ ପଠାଯିବ ବୋଲି ଖୋଦ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହା କେବଳ ଏକ ଧୂଆଁବାଣ ବୋଲି ପ୍ରତୀୟମାନ ହେଉଛି। ଏସବୁ ମଧ୍ୟରେ ଟାଟା କମ୍ପାନୀ ବକେୟା ବିଲ୍ ଆଦାୟ କରିସାରିବା ପରେ କାଳବୈଶାଖୀ ଓ ଗ୍ରୀଷ୍ମ ପ୍ରବାହ ସମୟରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ପରିବର୍ତ୍ତେ ପୂର୍ବରୁ କାର୍ଯ୍ୟରତ ଠିକା କର୍ମଚାରୀଙ୍କୁ ଚାକିରିରୁ ବିଦା କରିବା ପାଇଁ ନୋଟିସ ଜାରି କରିଛି। ଏହାର ପ୍ରତିବାଦରେ କର୍ମଚାରୀମାନେ ଭୁବନେଶ୍ୱର ପିଏମଜି ଛକରେ ମିଳିତ ଭାବେ ଧାରଣାରେ ବସି ରହିଛନ୍ତି। କମ୍ପାନୀର ଏଭଳି କର୍ମଚାରୀ ଅଭାବ ଜନିତ ନୀତି ଯୋଗୁଁ ବିଦ୍ୟୁତ ମରାମତି ବାଧାପ୍ରାପ୍ତ ହେଉଛି, ଯାହା ଉପଭୋକ୍ତାଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି ବୋଲି ଅଭିଯୋଗ ହୋଇଛି।

ପୁରୁଣା ଫଟୋ

ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୨।୫(ସମିସ): ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଅନେକ କୀର୍ତ୍ତିରାଜି ସାଇତା ହୋଇ ରହିଛି। ଯାହା ସହର ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ସେଥିପାଇଁ କେବଳ ଅନ୍ୟ ରାଜ୍ୟ ନୁହଁ ବରଂ ଅନ୍ୟ ଦେଶରୁ ମଧ୍ୟ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି। ସେହିଭଳି ପୁରୁଣା ଭୁବନେଶ୍ୱରରେ ଏପରି ଅନେକ ଛୋଟ ବଡ ଐତିହ୍ୟ ମନ୍ଦିର ପରିଲକ୍ଷିତ ହୋଇଥାଏ। ହେଲେ ସେଠାକାର ମୁଖ୍ୟ ଆକର୍ଷଣ ହେଉଛି ତ୍ରୟଦଶ ଶତାବ୍ଦୀର ଲିଙ୍ଗରାଜ ମନ୍ଦିର। ସମୟ ସହ ତାର ଭିତର ଏବଂ ବହାର ପରିବେଶର ରୂପରେଖରେ ଅନେକ ପରିବର୍ତ୍ତନ ଆସିଛି। ହେଲେ ପୁରୁଣା ସମୟରେ କେମିତି ଦିଶୁଥିଲା ଲିଙ୍ଗରାଜ ମନ୍ଦିର ତାର ଏକ ଝଲକ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା।

ପାଖାପାଖି ୫୮ ବର୍ଷରୁ ଅଧିକ ପୁରୁଣା ଏକ ଫଟୋରେ ଲିଙ୍ଗରାଜ ମନ୍ଦିର ସାମ୍ନାପାଖ ଦ୍ୱାରର ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଫଟୋଟି ୧୯୬୮ ମସିହାରେ କ୍ୟାମେରାରେ କଏଦ ହୋଇଥିବା ଜାଣିବାକୁ ମିଳିଛି। ଏକାମ୍ର କ୍ଷେତ୍ରର ଆକର୍ଷଣ ତଥା ଲିଙ୍ଗରାଜ ମନ୍ଦିର ଏକାଦଶ ଶତାବ୍ଦୀ ବେଳକୁ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ରାଜା ଯଯାତି କେଶରୀଙ୍କ ସମୟରେ ନିର୍ମାଣ ହୋଇଥିବା ଇତିହାସ ପୃଷ୍ଠାରୁ ଜାଣିବାକୁ ମିଳେ। ଏହି କଳାଧଳା ଫଟୋରେ ମନ୍ଦିର ସମ୍ମୁଖ ଦ୍ୱାର ନିକଟରେ ପ୍ରଭୁ ଲିଙ୍ଗରାଜଙ୍କ କିଛି ସେବକ ଦୃଶ୍ୟମାନ ହେଉଛନ୍ତି।

## କିଟ୍ ଏବଂ ୟୁଏନ୍‌ଏସ୍‌ଏସ୍‌ସି ଓ ୟୁଏନ୍‌ଭି ମଧ୍ୟରେ ବୁଝାମଣା



ଭୁବନେଶ୍ୱର,୨୨।୫(ସମିସ): ବିଶ୍ୱସ୍ତରୀୟ ସହଯୋଗ ଏବଂ ସେବା ଦିଗରେ ୟୁନାଇଟେଡ୍ ଭଲ୍ୟୁଣ୍ଟିୟର୍ସ (ୟୁଏନ୍‌ଭି) ଓ ୟୁନାଇଟେଡ୍ ନେସନ୍‌ସ ସିଷ୍ଟମ ଷ୍ଟାଫ୍ କଲେଜ(ୟୁଏନ୍‌ଏସ୍‌ଏସ୍‌ସି) ମଧ୍ୟରେ କିଟ୍ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜର୍ମାନ ଗସ୍ତ ଅବସରରେ ବନ୍‌ଠାରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଅବସରରେ ୟୁଏନ୍‌ଭି ସହ ସ୍ୱତନ୍ତ୍ର ସ୍ୱେଚ୍ଛାସେବକ ସହଯୋଗ ସମ୍ପର୍କରେ ଶ୍ରୀ ସାମନ୍ତ ଆଲୋଚନା କରିଥିଲେ। ଏହା ଦ୍ୱାରା କିଟ୍‌ର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବା ମାଧ୍ୟମରେ ବିଶ୍ୱ ସମ୍ପର୍କରେ ଅଧିକ ଜାଣିବା, ସେବା କରିବା ଓ ବିଶ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇବେ। ଯୁବ ସ୍ୱେଚ୍ଛାସେବା ପାଇଁ ଜାତିସଂଘ ସହ ଏପରି ଏକ ପଥ ପ୍ରତିଷ୍ଠା କରିବାରେ କିଟ୍ ହେଉଛି ଦକ୍ଷିଣ ଏସିଆର ପ୍ରଥମ ବିଶ୍ୱବିଦ୍ୟାଳୟ। ଏହାସହ ନେଲସନ୍ ମାଣ୍ଡେଲା ଗ୍ଲୋବାଲ୍ ଏକାଡେମୀ ଫର୍ ସୋସିଆଲ୍ ଚେଞ୍ଜ ମାଧ୍ୟମରେ ୟୁଏନ୍‌ଏସ୍‌ଏସ୍‌ସି ସହିତ କିଟ୍‌ର ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ସାମାଜିକ ପରିବର୍ତ୍ତନ, ନେତୃତ୍ୱ, ଆଲୋଚନା ଏବଂ ସମାଜସେବା ବିଷୟରେ ଶିଖିବାର ସୁଯୋଗ ସୃଷ୍ଟି କରିବ। ଏଥିରେ ଖୁସିବ୍ୟକ୍ତ କରି ଶ୍ରୀ ସାମନ୍ତ କହିଲେ, ଶିକ୍ଷା କେବଳ ଜ୍ଞାନ ଆହରଣ ନୁହେଁ, ଏହା ହେଉଛି କରୁଣା, ଦାୟିତ୍ୱ ଏବଂ ମାନବତା ପ୍ରତି ସେବା। କିଟ୍ ସହ ଏଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା କରିଥିବାରୁ ଶ୍ରୀ ସାମନ୍ତ ୟୁଏନ୍‌ଭି ଓ ୟୁଏନ୍‌ଏସ୍‌ଏସ୍‌ସି କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଭୟ କାର୍ଯ୍ୟକ୍ରମରେ ୟୁଏନ୍‌ଏସ୍‌ଏସ୍‌ସିର ଡେପୁଟି ଡାଇରେକ୍ଟର ସିଲ୍‌କେ ୱେନ୍‌ଲିଚ ଓ ୟୁଏନ୍‌ଭି ପକ୍ଷରୁ ଡେପୁଟି ଏକଜିକ୍ୟୁଟି କୋଅର୍ଡିଟେର ଲାଉସ ଚାମ୍ବରଲେନ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ଶିଳାଶ୍ରୀ ପ୍ରକାଶନୀ ପକ୍ଷରୁ ପୁସ୍ତକ ଉନ୍ମୋଚନ ପର୍ବ

ଭୁବନେଶ୍ୱର, ୨୨।୫(ସମିସ): ଶିଳାଶ୍ରୀ ପ୍ରକାଶନୀରୁ ପ୍ରକାଶିତ ବାସନ୍ତୀ ଦାସଙ୍କର ୧୮ ତମ ପୁସ୍ତକ କବିତା ସଙ୍କଳନ 'ଇତି! କିନ୍ତୁ ଶେଷ ନୁହେଁ' ବୁଦ୍ଧମନ୍ଦିର ସଭାଗୃହରେ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଏହି ସଭାର ସଭାପତିତ୍ୱ ଡ. ଦେବାଶିଷ ମହାପାତ୍ର, ମୁଖ୍ୟ ଅତିଥି ଭାବେ ବିଜୟ କୁମାର ଦାସ, ମୁଖ୍ୟ ବକ୍ତା ଡ. ବିବେକାନନ୍ଦ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ରତ୍ନାକର ରାଉତ ଯୋଗଦେଇ ଥିଲେ। ଡ. ଦେବାଶିଷ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଭା ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ବାସନ୍ତୀ ଦାସ। ସଭା ଆରମ୍ଭରେ ରଜ ଉପଲକ୍ଷେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପରିଚାଳନା କରିଥିଲେ ମଞ୍ଜୁଳା ତ୍ରିପାଠୀ ଓ ବସୁମତୀ ଶତପଥି। ବରଦାପ୍ରସାଦ ମହାପାତ୍ରଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯିବାସହ ଶ୍ରେଷ୍ଠ ପାଠକ ଯୁଗ୍ମ ସମ୍ମାନ ବିଜୟ କୁମାର ଦାସ ଓ ଶଶୀପ୍ରଭା ଦାସଙ୍କୁ ଦିଆଯାଇଥିଲା।

## 'ସାଂସ୍କୃତିକ ବିବିଧତାକୁ ଜଗତୀକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍'

ଭୁବନେଶ୍ୱର,୨୨।୫(ସମିସ): ସାଂସ୍କୃତିକ ବିବିଧତାକୁ ଜଗତୀକରଣ ପରିବେଶ ମଧ୍ୟରେ ପାଳନ କରିବା ଉଚିତ୍ ଏବଂ ଏହାକୁ ଅର୍ଥନୈତିକ ବିକାଶ ସହ ଯୋଡ଼ିବାର ଆବଶ୍ୟକତା ରହିଛି ବୋଲି ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ତଥା କୋଲକାତାସ୍ଥିତ ଭାରତୀୟ ନୃତତ୍ୱ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା କହିଛନ୍ତି।

- 'ପ୍ରାଚୀନ' ପକ୍ଷରୁ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳିତ



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ସେଣ୍ଟର ଫର୍ ପ୍ରିଜରଭେସନ୍ ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନସିଏଣ୍ଟ କଲଚର ଆଣ୍ଡ ହେରିଟେଜ୍ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆଲୋଚନା ଏବଂ ବିକାଶ ନିମନ୍ତେ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳନ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ବାସା କହିଛନ୍ତି, ବିଶ୍ୱ ମାନଚିତ୍ରରେ ଲୋକମାନେ ବର୍ତ୍ତମାନ ନୂତନ ଏବଂ ବିଭିନ୍ନ କଳା ସଂସ୍କୃତି ସହ ଯୋଡ଼ି ହେଉଛନ୍ତି ଏବଂ ପରସ୍ପର ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବାର ସୁଯୋଗ ପାଉଛନ୍ତି। ସାଂସ୍କୃତିକ ଆଦାନପ୍ରଦାନ ଦ୍ୱାରା ଅଭିନବ ପର୍ଯ୍ୟଟନ ଏବଂ ଅର୍ଥନୀତିର ବିକାଶ ମଧ୍ୟ ହୋଇପାରିବ। ସେ ପ୍ରସିଦ୍ଧ ମୟୂରଭଞ୍ଜ ଛଉ ନୃତ୍ୟର ଉଦାହରଣ ଦେଇ ଏହା କିପରି ଓଡ଼ିଶା କଳା ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ ସେନେଇ ବକ୍ତବ୍ୟ ରଖି ଲୋପ ପାଉଥିବା କଳା-ସଂସ୍କୃତିର ପୁନରୁଦ୍ଧାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ।

'ପ୍ରାଚୀନ'ର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ପୁରାତନ ଲେଖା ସମ୍ପାଦନା ଏବଂ ଆଲୋଚନା ଏବଂ ବିକାଶ ନିମନ୍ତେ ବିଶ୍ୱ ସାଂସ୍କୃତିକ ବିବିଧତା ଦିବସ ପାଳନ ନେଇ ଆୟୋଜିତ କର୍ମଶାଳା ଖୁବ୍ ନିବିଡ଼ ଭାବେ ଜଡ଼ିତ। କାରଣ ଏହା ବିଶାଳ ସାଂସ୍କୃତିକ ବିବିଧତା ଏବଂ ମଣିଷର ମାନସିକତାକୁ ଯୋଡ଼ି ରଖିଛି। ଗବେଷଣା କେବଳ ନୂଆ ଉଦ୍ଭାବନର ନାମ ନୁହେଁ; ବରଂ ଏହା ଲୋପ ପାଉଥିବା ଜ୍ଞାନର ପୁନଃ ଉଦ୍ଭାବନ ଏବଂ ସଂରକ୍ଷଣ ସହ ଜଡ଼ିତ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ପୁରୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଏବଂ ଲେଖକ ଓ ସିନେ ନିର୍ମାତା ଦେବ ରଞ୍ଜନ ବକ୍ତବ୍ୟ ରଖି ତାଙ୍କ ବୃତ୍ତଚିତ୍ରର 'ଫର୍ମଲେସ୍ ଫର୍ମ' ସମ୍ପର୍କରେ କହିବା ସହ ସନ୍ଥ ଭୀମଭୋଇଙ୍କ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ପ୍ରଫେସର ଆଚାର୍ଯ୍ୟ ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ପ୍ରକାଶନ କରିବା ନେଇ 'ପ୍ରାଚୀନ'କୁ ପ୍ରଶଂସା କରିବା ସହ ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ସୋଆ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷର ନିମନ୍ତେ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ 'ପ୍ରାଚୀନ'ର କଲ୍‌ଚର୍ ଷ୍ଟଡିଜ୍‌ର ଆଡ୍‌ଜଙ୍କ୍ଟ ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଆସୋସିଏଟ ପ୍ରଫେସର ଡ. ନିହାର ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ସହ 'ପ୍ରାଚୀନ' ପକ୍ଷରୁ ଚାଲିଥିବା ସପ୍ତାହବ୍ୟାପୀ ପୁରାତନ ଲେଖା ସମ୍ପାଦନା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ୪୧ ଜଣ ଗବେଷକ ଯୋଗ ଦେଇଥିଲେ।

**● ଢେଙ୍କାନାଳ ଯୋଗାଣ ନିଗମ ପକ୍ଷରୁ ଟେଣ୍ଡରରେ ଅନିୟମିତତା**

## କାର୍ଯ୍ୟାଦେଶ ଉପରେ ରୋକ ଲଗାଇଲେ ହାଇକୋର୍ଟ

କଟକ, ୨୨।୫(ସମିସ): ଏକ ସରକାରୀ ଟେଣ୍ଡର୍‌ରେ ସର୍ବନିମ୍ନ ଦରଦାତା ଭାବେ ଚୟନ ହେବା ପରେ ମଧ୍ୟ ତାଙ୍କର ବିଡ୍ ବାତିଲକୁ ନେଇ ଆସିଥିବା ଅଭିଯୋଗ ସଂକ୍ରାନ୍ତୀୟ ମାମଲାଟି ବିଚାର ପାଇଁ ଆସିଥିବା ବେଳେ ହାଇକୋର୍ଟ ଅଧିକ ଦରଦାତା ବିଡ୍‌ର କାର୍ଯ୍ୟାଦେଶ ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କ ଖଣ୍ଡପୀଠ ଆବେଦକାରୀ ସାହୁ ଆଣ୍ଡ ସାହୁ ଟ୍ରାନ୍ସପୋର୍ଟ ପକ୍ଷରୁ ଆଇନଜୀବୀ ସତ୍ୟରଞ୍ଜନ ପତିଙ୍କ ଯୁକ୍ତିକୁ ବିଚାରକୁ ନେଇ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ପ୍ରତିପକ୍ଷ ଆଲୋକଙ୍କ ସପକ୍ଷରେ କୌଣସି ୱାର୍କ ଅର୍ଡର ଜାରି ନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ଯଦି ପୂର୍ବରୁ ୱାର୍କ ଅର୍ଡର୍ ଜାରି ହୋଇଥାଏ, ତେବେ ତାହାକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ପ୍ରାଥମିକ ଶୁଣାଣି ପରେ ଖଣ୍ଡପୀଠ ମନେ କରିଛନ୍ତି ଯେ ଟେଣ୍ଡର୍ ନିୟମର କିଛି ସର୍ତ୍ତକୁ କର୍ତ୍ତୃପକ୍ଷ ଭୁଲ ଭାବେ ବ୍ୟାଖ୍ୟା କରିଥାଇପାରନ୍ତି। ତେଣୁ, ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଉପରୋକ୍ତ ଆଦେଶ ଦେବା ସହ ଏଥିରେ ପକ୍ଷଭୁକ୍ତ ରାଜ୍ୟ ଯୋଗାଣ ନିଗମ ଅଧିକାରୀ, ଆଲୋକନାଥଙ୍କ ସହ ଅନ୍ୟ ଦୁଇ ପ୍ରତିପକ୍ଷଙ୍କୁ ଆସନ୍ତା ଜୁଲାଇ ୮ ସୁଦ୍ଧା ଜବାବ ରଖିବାକୁ ନୋଟିସ ଜାରି କରିଛନ୍ତି।

ଢେଙ୍କାନାଳ ଜିଲ୍ଲାପାଳଙ୍କ ଅଧୀନରେ ଥିବା ଯୋଗାଣ ବିଭାଗ ପକ୍ଷରୁ ଚାଉଳ ଓ ଗହମ ଭଳି ଶସ୍ୟ ଜାତୀୟ ମାଲ ପରିବହନ ପାଇଁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସାହୁ ଆଣ୍ଡ ସାହୁ ଟ୍ରାନ୍ସପୋର୍ଟ ପକ୍ଷରୁ ସର୍ବନିମ୍ନ ବିଡର୍ ଭାବେ ଏହି ଟେଣ୍ଡର୍ ପାଇଥିଲା। ପରବର୍ତ୍ତୀ ସମୟରେ ଟେଣ୍ଡର୍ କମିଟି ଏହି ଟେଣ୍ଡର୍‌କୁ ରଦ୍ଦ କରିଦେଇ ଦ୍ୱିତୀୟ ସର୍ବନିମ୍ନ ବିଡର୍ ଆଲୋକନାଥକୁ ମାଲ ପରିବହନ କରିବାର ସୁଯୋଗ ଦେଇଥିଲେ।

**● ପୁଲିସ ଏସଆଇ ପ୍ରଶ୍ନପତ୍ର ଲିକ୍ ମାମଲା**

## ୧୭ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

କଟକ, ୨୨।୫(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ଆୟୋଜିତ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଏବଂ ଜାଲିଆତି ମାମଲାରେ ସଂପୃକ୍ତ ୧୭ଜଣ ଅଭିଯୁକ୍ତଙ୍କୁ ମିଳିଲାନି ଆଶ୍ୱସ୍ତି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସମସ୍ତ ୧୭ଜଣ ଆବେଦନକାରୀଙ୍କ ଜାମିନ ପ୍ରାର୍ଥନାକୁ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଗୌରୀ ଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ ମାମଲାର ଗମ୍ଭୀରତା ଏବଂ ଅଭିଯୁକ୍ତମାନଙ୍କ ବିରୋଧରେ ଆସିଥିବା ସଂଗୀନ ଅଭିଯୋଗକୁ ଅନୁଧ୍ୟାନ କରି କୋର୍ଟ କହିଛନ୍ତି ଯେ ଅଭିଯୁକ୍ତମାନେ ନିଯୁକ୍ତି ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ କରିବା ପାଇଁ ନକଲି ଦସ୍ତାବିଜ ପ୍ରସ୍ତୁତ କରିବା ସହ ଅସାଧୁ ତଥା ଦୁର୍ନୀତିଗ୍ରସ୍ତ ଉପାୟ ଆପଣାଇଥିଲେ।

**● ରମାଦେବୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶିତ**

## ସ୍ନାତକରେ ଆଦ୍ୟାମ୍ନା ଓ ସ୍ନାତକୋତ୍ତରରେ ଲୋପିତା ଟପ୍ପର

ଭୁବନେଶ୍ୱର, ୨୨।୫(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ଅନୁବନ୍ଧିତ ମହାବିଦ୍ୟାଳୟର ଚୂଡ଼ାନ୍ତ ସ୍ନାତକ ପରୀକ୍ଷା ଫଳ ସମେତ ସ୍ନାତକୋତ୍ତର ଓ ବିଏଡ୍ ରେଜଲ୍ଟ ପ୍ରକାଶ ପାଇଛି। ସ୍ନାତକରେ ସମୁଦାୟ ୬୮୦୫ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୦୨୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ୍ ହାର ୮୮.୫ ପ୍ରତିଶତ ରହିଛି। ଅବଶିଷ୍ଟ ୭୮୪ ଜଣ ଫେଲ୍ ହୋଇଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ଆଦ୍ୟାମ୍ନା ନାୟକ ୯.୬୪ ସିଜିପିଏ ସହ ବିଶ୍ୱବିଦ୍ୟାଳୟର ଟପ୍ପର ବା ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି। ସେହିପରି କଳାରେ ଶିକ୍ଷା ବିଭାଗର ଛାତ୍ରୀ ସ୍ମୃତିପ୍ରଜ୍ଞା ଜେନା ଓ ବାଣିଜ୍ୟରେ ଲକ୍ଷ୍ମୀପ୍ରିୟା ଦାସ ଟପ୍ପର ହୋଇଛନ୍ତି। ସେହିପରି ସ୍ନାତକୋତ୍ତରରେ ସମୁଦାୟ ୭୦୬ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୪୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ପାସ୍ ହାର ୯୧.୯ ପ୍ରତିଶତ ରହିଥିବାବେଳେ ୫୭ ଜଣ ଫେଲ୍ ହୋଇଛନ୍ତି। ସମସ୍ତ ବିଭାଗର ଟପ୍ପରଙ୍କ ତାଲିକା ପ୍ରକାଶ ପାଇଥିବାବେଳେ ବାଇଓ ଟେକନୋଲୋଜୀର ଛାତ୍ରୀ ଲୋପିତା ମହାପାତ୍ର ୯.୬୨ ସିଜିପିଏ ମାର୍କ ନେଇ ସ୍ନାତକୋତ୍ତର ଟପ୍ପର ହୋଇଛନ୍ତି। ଅନୁରୂପ ଭାବେ ବିଇଡି ପରୀକ୍ଷାରେ ସମସ୍ତ ୫୦ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ଶ୍ରାବଣୀ ଗାଙ୍ଗୁଲି ଏବଂ ବିଜ୍ଞାନରେ ପ୍ରିୟଙ୍କା ପଣ୍ଡା ସର୍ବାଧିକ ନମ୍ବର ରଖି ସଫଳତାର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

**ରେଳଯାତ୍ରୀଙ୍କଠାରୁ ଲୁଟ୍‌ପାଟ**

# ଲାପ୍‌ଟପ୍ ବ୍ୟାଗରୁ ଲୁଟେରା ଚିହ୍ନଟ

କଟକ, ୨୨।୫(ସମିସ): ଟ୍ରେନରେ ଯାତ୍ରୀଙ୍କୁ ଲୁଟପାଟ କରୁଥିବା ଜଣେ ପେସାଦାର ଲୁଟେରାକୁ ଆରପିଏଫ୍ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଭଦ୍ରକ ଜିଲ୍ଲା ଗରଦପୁର ଗାଁର ବାବୁ ଓରଫ ଗଣେଶ ପ୍ରସାଦ ସାହୁ(୩୨)। ତିନି ମାସ ପୂର୍ବରୁ ଏକ ଲୁଟ ମାମଲାର ଲାପଟପ ବ୍ୟାଗ ତାକୁ ଧରାପକାଇଦେଇଛି। ତା' ପାଖରୁ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ବୈଦ୍ୟୁତିକ ଉପକରଣ ଜବତ କରାଯାଇଛି।

- ମୋବାଇଲ, ଲାପ୍‌ଟପ, ଟ୍ୟାବ୍‌ଲେଟ, ଆଇପ୍ୟାଡ ଜବତ
- କଟକ ରେଳ ଷ୍ଟେସନ୍‌ରୁ ମୋବାଇଲ୍ ଲୁଟେରା ଗିରଫ

ଆର୍‌ପିଏଫ୍ ସୂତ୍ରରୁ ପ୍ରକାଶ ଯେ ଗତ ଫେବୃଆରୀ ୨୩ରେ ଜଣେ ରେଳଯାତ୍ରୀ କଟକ ଆରପିଏଫ ପୋଷ୍ଟକୁ ଆସି ଲାପ୍‌ଟପ ଚୋରି ନେଇ ଅଭିଯୋଗ କରିଥିଲେ। ରେଳଯାତ୍ରୀ କହିଥିଲେଯେ, ସେ ମହିମା ଗୋସାଇଁ ଏକ୍ସପ୍ରେସରେ କଟକ ଆସୁଥିଲେ। ତାଳଚେର ଷ୍ଟେସନ ଦେଇ ଟ୍ରେନ ଅତିକ୍ରମ ବେଳେ ତାଙ୍କର ନିଦ ହୋଇଯାଇଥିଲା। ଏହି ସୁଯୋଗରେ କେହି ଦୁର୍ବୃତ୍ତ ତାଙ୍କର କଳା ରଙ୍ଗର ବ୍ୟାଗରେ ଥିବା ଲାପଟପକୁ ଚୋରାଇ ନେଇଥିଲା। ଏନେଇ କଟକ ଜିଆରପି ଏକ ମାମଲା ରୁଜୁ କରିଥିଲା। ଆରପିଏଫ ପକ୍ଷରୁ ଅଭିଯୋଗକାରୀଙ୍କ ଲାପଟପର ଫଟୋ ରାଜ୍ୟର ସମସ୍ତ ବିଭାଗ ପୋଷ୍ଟକୁ ପଠାଯାଇଥିଲା। ଘଟଣାକ୍ରମେ ଶୁକ୍ରବାର ସକାଳ ୭ଟାରେ ଚରର୍ଲାପାଲ୍ଲୀ ଏକ୍ସପ୍ରେସ ଆସି କଟକ ଷ୍ଟେସନର ୩ନଂ ପ୍ଲାଟଫର୍ମରେ ଲାଗିଥିଲା। ଉକ୍ତ ଟ୍ରେନର ସାଧାରଣ ବଗିରୁ ଜଣେ ଯାତ୍ରୀ ଓହ୍ଲାଇ ପ୍ଲାଟଫର୍ମ ବାହାରକୁ ଆସୁଥିଲେ। ତେବେ ଯାତ୍ରୀ ଜଣକ ଧରିଥିବା ଲାପଟପ ବ୍ୟାଗ ଉପରେ ପାଟ୍ରୋଲିଂ କରୁଥିବା ଆରପିଏଫ କର୍ମଚାରୀଙ୍କ ନଜର ପଡ଼ିଥିଲା। ଗତ ଫେବୃଆରୀରେ ଚୋରି ହୋଇଥିବା ଲାପଟପ ବ୍ୟାଗ ଭଳି ଅବିକଳ ଦେଖାଯାଉଥିଲା। ତେଣୁ ଉକ୍ତ ଯାତ୍ରୀ ତଥା ଅଭିଯୁକ୍ତ ବାବୁକୁ ଅଟକାଇ ତାର ରେଳଯାତ୍ରା ସମ୍ବନ୍ଧରେ ପଚରାଉଚରା କରିଥିଲେ। କିନ୍ତୁ ଯେତେବେଳେ ତାକୁ ଲାପଟପ ବିଷୟରେ ପଚରାଗଲା ସେ ଭୟଭୀତ ହୋଇପଡ଼ିଥିଲା।। ତାର ହାବଭାବରୁ ସନ୍ଦେହ ହେବାରୁ ବାବୁକୁ ଧରିନେଇ ପଚରାଉଚରା କରିବାରୁ ପୂରା ଘଟଣା ସାମ୍ନାକୁ ଆସିଥିଲା। ଅଭିଯୁକ୍ତ ବାବୁ ଜଣେ ପେସାଦାର ଚୋର। କେବଳ ଚୋରି ଉଦ୍ଦେଶ୍ୟରେ ପ୍ରାୟ ସମୟ ସେ ଟିକଟ କାଟି ବିଭିନ୍ନ ଟ୍ରେନରେ ଚଢିଥାଏ। ଆଉ ଚଳନ୍ତା ଟ୍ରେନ ଭିତରେ ସୁଯୋଗ ଦେଖି ଯାତ୍ରୀଙ୍କ ପର୍ସ, ଭ୍ୟାନିଟି, ମୋବାଇଲ, ଲାପଟପ ଆଦି ଚୋରାଇ ନେଉଥିଲା। ଗତ ଫେବୃଆରୀରେ ସେ ଉକ୍ତ ଲାପଟପକୁ ଚୋରାଇଥିବା ସ୍ୱୀକାର କରିଥିଲା। ଏହା ମଧ୍ୟରେ ସେ ଏକାଧିକ ଯାତ୍ରୀଙ୍କୁ ଲୁଟପାଟ କରିଥିବା ଜଣାପଡ଼ିଛି। ଚୋରି ଲାପଟପ ବ୍ୟତୀତ ତା' ପାଖରୁ ୪ଟା ଦାମୀ ମୋବାଇଲ, ଗୋଟିଏ ଟ୍ୟାବଲେଟ ଓ ଆଇପ୍ୟାଡ ମଧ୍ୟ ଜବତ ହୋଇଛି। ଏହିସବୁ ସାମଗ୍ରୀର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ। ଜବତ ସାମଗ୍ରୀ ସହ ଅଭିଯୁକ୍ତକୁ ଜିଆରପି ଜିମା ଦିଆଯାଇଥିଲା। ଏହାପରେ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆରପିଏଫ ଅଧିକାରୀ ରାଜସିଂହ ମଲ୍ଲିକ ସୂଚନା ଦେଇଛନ୍ତି।

ସେହିପରି ଟ୍ରେନରେ ଲୁଟପାଟ କରୁଥିବା ଆଉ ଜଣେ ପେସାଦାର ଲୁଟେରାକୁ ଆଜି କଟକ ଆରପିଏଫ ଗିରଫ କରିଛି। ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା କୁମ୍ଭାରବସ୍ତ ଗାଁର ଅଭିଜିତ୍ କୁମାର ଜେନା(୩୬)। ତା' ପାଖରୁ ଦୁଇଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନା ଅନୁସାରେ, ରାଉରକେଲା ଛେଣ୍ଡ ଅଞ୍ଚଳର ବିକାଶ କୁମାର ଦେଓ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ରାତି ପ୍ରାୟ ୧୧ଟାରେ ଟ୍ରେନଟି କଟକ ଷ୍ଟେସନର ୨ନଂ ପ୍ଲାଟଫର୍ମରେ ପହଞ୍ଚିଥିଲା। କିଛି ସମୟ ପରେ ଟ୍ରେନଟି ଗଡ଼ିବା ଆରମ୍ଭ କଲାବେଳକୁ ବିକାଶ ଚିତ୍କାର କରି ଉଠିଥିଲେ। ଏହା ଶୁଣି ସାଦା ପୋଷାକରେ ଥିବା ଆରପିଏଫ କର୍ମଚାରୀ ତାଙ୍କ ପାଖରେ ପହଞ୍ଚିଥିଲେ। ପଚରାଉଚରାରୁ ଜଣାପଡ଼ିଲାଯେ, ଟ୍ରେନରେ ବିକାଶଙ୍କ ଆଖି ଲାଗିଯିବା ସୁଯୋଗରେ କେହି ତାଙ୍କ ପକେଟରୁ ମୋବାଇଲ ଚୋରାଇ ନେଇଛି। ଏହାପରେ ଆରପିଏଫ ଟିମ ତୁରନ୍ତ ଚଳନ୍ତା ଟ୍ରେନରେ ଯାଞ୍ଚପ୍ରକ୍ରିୟା ଆରମ୍ଭ କରିଥିଲା। ଏହି ସମୟରେ ଟ୍ରେନର ଏକ ସାଧାରଣ ବଗିରୁ ଜଣେ ସନ୍ଦିଗ୍ଧ ଯୁବକ ତଥା ଅଭିଜିତ୍‌କୁ ଠାବ କରାଯାଇଥିଲା। ତାକୁ ପଚରାଉଚରା କରିବାରୁ ସେ ଟ୍ରେନ ଟିକଟ ଦେଖାଇନପାରିବା ସହିତ ଗନ୍ତବ୍ୟସ୍ଥଳୀ ସମ୍ପର୍କରେ କିଛି କହିପାରିନଥିଲା। ତଲାସି ପରେ ତା' ପାଖରୁ ମିଳିଥିବା ୨ ଦାମୀ ମୋବାଇଲର ସମ୍ପର୍କରେ ମଧ୍ୟ ସଠିକ ଉତ୍ତର ଦେଇପାରିନଥିଲା। ପରେ ସେ ଉକ୍ତ ମୋବାଇଲକୁ ଜଣେ ରେଳ ଯାତ୍ରୀଙ୍କ ପାଖରୁ ଚୋରି କରିଥିବା ସ୍ୱୀକାର କରିଥିଲା। ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ସାଲେପୁର ଥାନାରେ ଇଦ୍ ପ୍ରସ୍ତୁତି




ସାଲେପୁର, ୨୨।୫(ସମିସ): ଆଗାମୀ ଇଦୁଜୁହା ପର୍ବକୁ ସାଲେପୁର ସହର ତଥା ଆଖପାଖ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଓ ପାରସ୍ପରିକ ଭାଇଚାରା ମଧ୍ୟରେ ପାଳନ କରିବା ନିମନ୍ତେ ସାଲେପୁର ଆଦର୍ଶ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଲେପୁର ଏବଂ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ବିଶିଷ୍ଟ ମୁରବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପୁଲିସ ପକ୍ଷରୁ ପାର୍ବଣ ସମୟରେ କଡ଼ା ନଜର ରଖାଯିବ ଏବଂ କୌଣସି ଜରୁରିକାଳୀନ ପରିସ୍ଥିତି ବା ସମସ୍ୟା ଉପୁଜିଲେ ତୁରନ୍ତ ସହାୟତା ନମ୍ବର '୧୧୨' କୁ କଲ୍ କରି ଜଣାଇବାକୁ ପୁଲିସ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଉକ୍ତ ବୈଠକରେ ବହୁଗ୍ରାମ, ନାନ୍ଦୋଳ, ସଉରି, ବାଲିସାହି, ବାରିଗୋଳ, ପିକୋଳ, ମିର୍ଜାପୁର, ଛାଣିପୁର, କୋଲଣପୁର ଏବଂ ରାଇସୁଙ୍ଗୁଡ଼ା ସମେତ ବିଭିନ୍ନ ସ୍ଥାନୀୟ ଅଞ୍ଚଳର ମୁସଲିମ୍ ସମ୍ପ୍ରଦାୟର ମୁରବୀମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

# ଶଶୁର ଘରେ ଯୁବକଙ୍କ ଆତ୍ମହତ୍ୟା

ସାଲେପୁର, ୨୨।୫(ସମିସ): ପାରିବାରିକ ଅଶାନ୍ତି କାରଣରୁ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ଜଣକ ହେଲେ ନେମାଳ ଥାନା ଅରେଇ ଗ୍ରାମର ଶରତ କୁମାର ଜେନା (୪୨)। ସେ ସାଲେପୁର ଥାନା ଅନ୍ତର୍ଗତ ତାଳପଦା ଗ୍ରାମରେ ଥିବା ନିଜ ଶଶୁର ଘରେ ରହୁଥିଲେ। ଆଜି ସନ୍ଧ୍ୟାରେ ଶରତ ନିଜ ଘର କବାଟ ଭିତର ପଟୁ ବନ୍ଦ କରି ତାଜାରେ ଲାଗିଥିବା ଲୁହା ରଡ୍ ସାହାଯ୍ୟରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ଶଶୁର ଘର ଲୋକେ ସ୍କାଇଲାଇଟ୍ ଭାଙ୍ଗି ଭିତରକୁ ପଶିଥିଲେ। ଜପକୁଦ ଫାଣ୍ଡି ପୁଲିସ ମୃତଦେହ ଜବତ କରିବା ସହ ଆସନ୍ତାକାଲି ବ୍ୟବଚ୍ଛେଦ ପାଇଁ ପଠାଇବ ବୋଲି ଜଣାଇଛି।

## ଯନ୍ତ୍ରୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ଅଟକିଛି ମାହାଙ୍ଗାର ବିକାଶ !

# ଖର୍ଚ୍ଚ ନ ହୋଇ ପଡ଼ିରହିଛି ୩୭ କୋଟି

ଭଦ୍ରେଶ୍ୱର, ୨୨।୫(ସମିସ)

ମାହାଙ୍ଗା ବ୍ଲକରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଷଡ଼ଯନ୍ତ୍ର ଯୋଗୁଁ ବ୍ଲକର ପ୍ରାୟ ୩୭ କୋଟି ଟଙ୍କାର ସରକାରୀ ଅନୁଦାନ ବିନିଯୋଗ ନ ହୋଇ ପଡ଼ିରହିଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲିକ ଏ ନେଇ ସିଧାସଳଖ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଅଧ୍ୟକ୍ଷାଙ୍କ ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟମାନେ ମଧ୍ୟ ଏହି ପ୍ରଶାସନିକ ଅଚଳାବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟରେ ସରକାର ଏବଂ ମାହାଙ୍ଗାରେ ବିଧାୟକ ବଦଳିବା ପରେ ଅଞ୍ଚଳବାସୀ ବିକାଶ ତ୍ୱରାନ୍ୱିତ ହେବାର ଆଶା ରଖିଥିଲେ, ମାତ୍ର ବର୍ତ୍ତମାନ ସାଧାରଣ ଲୋକେ ପୂର୍ବ ଅପେକ୍ଷା ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳର ସମନ୍ୱିତ ବିକାଶ ପାଇଁ ଉଦ୍ଦିଷ୍ଟ ପଞ୍ଚାୟତ ସମିତିରେ ଏକପ୍ରକାର ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି କରାଯାଇଛି।

**ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଧ୍ୟକ୍ଷାଙ୍କ ଲିଖିତ ଅଭିଯୋଗ**

ସୂଚନାଯୋଗ୍ୟ ଯେ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ପକ୍ଷରୁ ଏହି ୩୭ କୋଟି ଟଙ୍କା ଆସିଛି। ଗ୍ରାମସଭା ଓ ପଲ୍ଲୀସଭା ଜରିଆରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ମୁତାବକ ରାସ୍ତାଘାଟ ଓ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ସରିଛି ଏବଂ ସରକାରୀ ଆକାଉଣ୍ଟରେ ଅର୍ଥ ମଧ୍ୟ ମହଜୁଦ ରହିଛି। ମାତ୍ର କେଉଁ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ କାର୍ଯ୍ୟ କରୁଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜନୈତିକ ଚାପରେ ଆସି ଉଦ୍ଦେଶ୍ୟମୂଳକ ଭାବେ ଏହି ପ୍ରକଳ୍ପଗୁଡ଼ିକର ଏଷ୍ଟିମେଟ୍ ପ୍ରସ୍ତୁତ କରୁନାହାନ୍ତି କିମ୍ବା ଉନ୍ନୟନ କାର୍ଯ୍ୟ ନ କରିବା ପାଇଁ ପ୍ରଭାବିତ କରୁଛନ୍ତି, ତାହା ଏବେ ବଡ଼ ତଦନ୍ତ ସାପେକ୍ଷ ବୋଲି ଶ୍ରୀମତୀ ମଲିକ ପ୍ରକାଶ କରିଛନ୍ତି। ଏହି ବୈଷୟିକ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟ ବିରୋଧରେ ପୂର୍ବରୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହି ପ୍ରଶାସନିକ ସମସ୍ୟାର ତୁରନ୍ତ ସମାଧାନ ଏବଂ ଉନ୍ନୟନ କାର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ଅଧ୍ୟକ୍ଷା ଶ୍ରୀମତୀ ମଲିକ ଭାରତର ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରି ପ୍ରତିକାର ଦାବି କରିଛନ୍ତି।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସାଲେପୁର, ୨୨।୫(ସମିସ): ସାଲେପୁର ଥାନା ଛକ ନିକଟରେ ଏକ ଦ୍ରୁତଗାମୀ ୧୨ ଚକିଆ ଟ୍ରକ୍ ଧକ୍କାରେ ଜଣେ ମୋଟର ସାଇକଲ ଆରୋହୀ ଯୁବକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ଜଣକ ହେଲେ ଶିଶୁଆ ଜାହାଙ୍ଗିରାବାଦ ଗ୍ରାମର ଦିବ୍ୟଜ୍ୟୋତି ଚାନ୍ଦ (୨୫)। ସେ ସାଲେପୁରର ଏକ ଘରୋଇ ଡେଣ୍ଟାଲ କ୍ଲିନିକରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତି ପ୍ରାୟ ୮ଟା ସମୟରେ ଦିବ୍ୟଜ୍ୟୋତି ବାଇକ୍ ଯୋଗେ ସାଲେପୁର ବଜାରକୁ ଆସୁଥିଲେ। ଏହି ସମୟରେ କେନ୍ଦ୍ରାପଡ଼ା ପଟୁ ଅତି ଦ୍ରୁତଗତିରେ ଆସୁଥିବା ଏକ ୧୨ ଚକିଆ ଟ୍ରକ୍ (ଓଡି-୦୯ କେ - ୫୯୦୦) ତାଙ୍କୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି। ସାଲେପୁର ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିବା ବେଳେ ଫେରାର ଥିବା ଚାଳକକୁ ଗିରଫ କରିବା ପାଇଁ ତଦନ୍ତ ଚଳାଇଛି।

# ଅସୁରେଶ୍ୱର ଚଉଦ ମହଲାର ସାଧାରଣ ବୈଠକ

**● ୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ**

ନିଶ୍ଚିନ୍ତକୋଇଲି, ୨୨।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଚଉଦ ମହଲାର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଶୁକରପଡ଼ା ପଞ୍ଚାୟତର ଆଜମ ମହଲା ମସଜିଦ୍ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସେକ୍ ମହମ୍ମଦ ଇଦ୍ରିଶଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ୧୪ଟି ଅନୁବନ୍ଧିତ ବସ୍ତିର ସର୍ଦ୍ଦାର, ନାୟବ ସର୍ଦ୍ଦାର ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଆଗାମୀ ୫ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ଚଉଦ ମହଲାର ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଛି। ସୁକରପଡ଼ାର କଲାମଉଦ୍ଦିନ ଖାଁଙ୍କୁ ସଭାପତି, ସବଳଙ୍ଗର ମହମ୍ମଦ ସାୟର ଖାଁଙ୍କୁ ଉପସଭାପତି, ସୁକରପଡ଼ାର ସେକ୍ ମହମ୍ମଦ ଇଦ୍ରିସଙ୍କୁ ସମ୍ପାଦକ, ପାଇକରାପୁରର ସେକ୍ ସଲାମଙ୍କୁ ସହସମ୍ପାଦକ, ରିସାଳୋର ସେକ୍ ସୌକତ ଅଲୀଙ୍କୁ କୋଷାଧ୍ୟକ୍ଷ ଏବଂ ସେକ୍ ଅବଦୁଲ କରିମ୍‌ଙ୍କୁ ସଂଯୋଜକ ଭାବେ ନିର୍ବାଚିତ କରାଯାଇଛି। ନସିରୁଦ୍ଦିନ ଖାଁ, ସେକ୍ ଲ୍ୟାକତ ଅଲୀ, ସାଦିକ୍ ଖାଁ, ସେକ୍ ରକିବ୍ ଓ ସେକ୍ ଅନିସଙ୍କୁ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ସାମିଲ କରାଯାଇଛି। ଆସନ୍ତା ୨୮ ତାରିଖ ଜୁଲିକିପଡ଼ା ଇଦ୍‌ଗାଠାରେ ନୂତନ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଇଦ୍-ଉଲ୍-ଜୁହାର ନମାଜ ପାଠ ସହ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

# ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟର ସଫଳତା

ଫୁଲନଖରା, ୨୨।୫(ସମିସ): ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚଳିତ ବର୍ଷ ଯୁକ୍ତ ୨କଳାରେ ଛାତ୍ରୀମାନଙ୍କର ସଫଳତା ବିଦ୍ୟାଳୟର ଗୌରବକୁ ବୃଦ୍ଧି କରିଛି। ଚଳିତ ବର୍ଷ ସର୍ବମୋଟ ୮୮ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୦ଜଣ ପ୍ରଥମ ଶ୍ରେଣୀରେ, ୨୦ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୩୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ସୌଦାମିନୀ ନାଥ ୫୨୮ ନମ୍ବର ରଖି ପ୍ରଥମ, ସୋନାଲିକା ସାମଲ ୫୦୫ ନମ୍ବର ରଖି ଦ୍ୱିତୀୟ ଏବଂ ପାୟଲ ସାହୁ ୪୮୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀମାନଙ୍କର ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱାଧୀନଚେତା ମହାନ୍ତି, ଅଧ୍ୟକ୍ଷା ଯଶୋଧାରା ମହାପାତ୍ର, ଇତିଶ୍ରୀ ମହାନ୍ତି, ରେଣୁପ୍ରିୟା ପଣ୍ଡା, ଅନସୂୟା ଆଚାର୍ଯ୍ୟ, ପ୍ରତିଭା ପଟ୍ଟନାୟକ, ଆଶାଲତା ପ୍ରଧାନ, ଅନୀତା ପ୍ରଧାନ ପ୍ରମୁଖ ଅଧ୍ୟାପିକାମାନେ କୃତି ଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

# କୋଚିଂ ସେଣ୍ଟରର ଶତପ୍ରତିଶତ ସଫଳତା

ନିଶ୍ଚିନ୍ତକୋଇଲି, ୨୨।୫(ସମିସ): ନିଶ୍ଚିନ୍ତକୋଇଲିସ୍ଥିତ 'ଏକ୍ସିଲେଣ୍ଟ କୋଚିଂ ସେଣ୍ଟର' ପକ୍ଷରୁ +୨ ବିଜ୍ଞାନ ଓ କଳା ବିଭାଗର କୃତୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ରହଲ୍ଲାଦ ମହାବିଦ୍ୟାଳୟର +୨ ବିଜ୍ଞାନ ପରୀକ୍ଷାରେ ୫୩୦ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ନିବେଦିତା ବେହେରା ଏବଂ ୫୦୨ ନମ୍ବର ସହ ଦ୍ୱିତୀୟ ସ୍ଥାନରେ ଥିବା ଜୟଶ୍ରୀ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ତତ୍ତ୍ୱାବଧାରକ ଦେବେନ୍ଦ୍ର ଲେଙ୍କାଙ୍କ ସୂଚନା ଅନୁଯାୟୀ, କୋଚିଂ ସେଣ୍ଟରରୁ ବିଜ୍ଞାନ ବିଭାଗରେ ୩୬ ଜଣଙ୍କ ମଧ୍ୟରୁ ୩୦ ଜଣ ପ୍ରଥମ ଶ୍ରେଣୀରେ ଏବଂ କଳା ବିଭାଗରେ ୮୦ ଜଣଙ୍କ ମଧ୍ୟରୁ ୪୦ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ଫଳାଫଳ ମିଳିଛି। ଶିକ୍ଷାବିତ୍ ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ଶୁକ୍ଲା ଓ ସଚ୍ଚିଦାନନ୍ଦ ଲେଙ୍କାଙ୍କ ସମେତ ଅନ୍ୟ ଅତିଥି ଓ ଅଧ୍ୟାପକ କୃତୀ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ସୁଭଦ୍ରା ମହତାବ୍ କଲେଜରେ 'ଶକ୍ତିଶ୍ରୀ' କର୍ମଶାଳା

ନିଶ୍ଚିନ୍ତକୋଇଲି, ୨୨।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ 'ଶକ୍ତିଶ୍ରୀ' ଯୋଜନାର ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସ୍ୱତନ୍ତ୍ର କର୍ମଶାଳାରେ କଲେଜ ଅଧ୍ୟକ୍ଷା ପ୍ରଫେସର ସୁପ୍ରଭା ପରିଡ଼ା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ମନମୋହନ ଖଟୁଆ, ରଜନୀକାନ୍ତ ପଣ୍ଡା, ଅଧ୍ୟାପିକା ସୂର୍ଯ୍ୟକାନ୍ତୀ ବେହେରା, ସ୍ୱାତି ସୁଚରିତା, ଚାନ୍ଦିନୀ ଦଳାଇ, ରାମେଶ୍ୱରୀ ମହତାବ, ଦୀପିକା ଜେନା ଏବଂ ତନୁଶ୍ରୀ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଯୋଜନାର ସଂଯୋଜିକା ଡକ୍ଟର କବିତା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଏହି କର୍ମଶାଳାରେ କଲେଜର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସ୍ୱାତୀ ସୁଚରିତା ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ

ତିଗିରିଆ, ୨୨।୫(ସମିସ): ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ତଥା ନୂଆପାଟଣା ପଞ୍ଚାୟତର ସରପଞ୍ଚ ସୋମନାଥ ଦାସଙ୍କ ପୌରୋହିତ୍ୟରେ ପାଞ୍ଚଗାଁ ପଞ୍ଚାୟତର ନୂଆସଡ଼କସ୍ଥିତ ମୁଣ୍ଡିପାଗୁଳି ମୁଣ୍ଡିଆରେ ଥିବା ଶ୍ରୀ ବାଳମୁକୁନ୍ଦ ଜୀଉଙ୍କ ପୀଠ ପରିସରରେ ଏହି ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ କର୍ମକର୍ତ୍ତା ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଗିରିଜା ପ୍ରସାଦ ପଟ୍ଟନାୟକ, ମେହବୁବ ଅହମ୍ମଦ ଖାଁ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ଯୁବନେତା ନରେଶ ମହାପାତ୍ର, ସର୍ବେଶ୍ୱର ବେହେରା, ଭରତ ସାହୁ, କେଶବ ନାୟକ, ରମେଶ ରାଉତ, ତପନ ସ୍ୱାଇଁ, ନିରଞ୍ଜନ ସାମଲ ଓ ବିଜୟ ସ୍ୱାଇଁଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।



# ଅଘୋଷିତ ବିଦ୍ୟୁତ୍ କାଟ୍; ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନତା

ଚୌଦ୍ୱାର, ୨୨।୫(ସମିସ): ଚୌଦ୍ୱାର ଅଞ୍ଚଳରେ ଦିନକୁ ଦିନ ଅଘୋଷିତ ଓ ଘନଘନ ବିଦ୍ୟୁତ୍ କାଟ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ ମଧ୍ୟ ଚୌଦ୍ୱାରରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳି ମଧ୍ୟରେ ବାରମ୍ବାର ବିଜୁଳି କାଟ ଯୋଗୁଁ କୋମଳମତି ଶିଶୁଙ୍କଠାରୁ ଆରମ୍ଭ କରି ସମଗ୍ର ଜନଜୀବନ ଅତିଷ୍ଠ ହୋଇପଡ଼ିଛି। ସାମାନ୍ୟ ମେଘ ବା ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରିଦିଆଯାଉଥିବାରୁ ସ୍ଥାନୀୟ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିତରଣକାରୀ ସଂସ୍ଥା 'ଟାଟା ପାୱାର' ପ୍ରତିମାସରେ ମରାମତି ନାମରେ ଦିନ ଦିନ ଧରି ବିଜୁଳି କାଟ କରୁଥିଲେ ମଧ୍ୟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ବିଦ୍ୟୁତ୍ ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇବାରେ କମ୍ପାନୀ ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେବା ପ୍ରଦାନ ପ୍ରତି ଧ୍ୟାନ ନ ଦେଇ କମ୍ପାନୀର ଉଚ୍ଚପଦାଧିକାରୀ ଓ କର୍ମଚାରୀମାନେ କେବଳ ବକେୟା ବିଲ୍ ଆଦାୟ ଏବଂ ସ୍ମାର୍ଟ ମିଟର ବସାଇବା କାର୍ଯ୍ୟରେ ଅତ୍ୟଧିକ ବ୍ୟସ୍ତ ରହୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ସଫାରେ ବିଜେଡିର ସାଙ୍ଗଠନିକ ବୈଠକ



ଟାଙ୍ଗୀ, ୨୨।୫(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତରେ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିବାସଚନ୍ଦ୍ର ପାଣ୍ଡବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ ଓ ସମିତିସଭ୍ୟ ଜିତେନ୍ଦ୍ର ବଦ୍ରା ପ୍ରମୁଖ ବିଜେଡିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।

# +୨ ପରୀକ୍ଷାରେ ଚୌଦ୍ୱାର କଲେଜର ସଫଳତା

**● ବିଜ୍ଞାନ ଓ ବାଣିଜ୍ୟରେ ୯୬ ପ୍ରତିଶତ ଏବଂ କଳାରେ ୯୫ ପ୍ରତିଶତ ପାସ୍ ହାର**

ଚୌଦ୍ୱାର, ୨୨।୫(ସମିସ): ଚଳିତ ବର୍ଷ ପ୍ରକାଶିତ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷାରେ ଚୌଦ୍ୱାର କଲେଜର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପାସ୍ ହାର ୯୬ ପ୍ରତିଶତ ରେକର୍ଡ କରାଯାଇଥିବା ବେଳେ କଳା ବିଭାଗରେ ଏହି ହାର ୯୫ ପ୍ରତିଶତ ରହିଛି। ବିଜ୍ଞାନର ୯୭ ଜଣ ଛାତ୍ରଛାତ୍ରୀ (୭୫ ପ୍ରତିଶତ), ବାଣିଜ୍ୟର ୩୨ ଜଣ (୫୯ ପ୍ରତିଶତ) ଏବଂ କଳା ବିଭାଗର ୬୩ ଜଣ ପ୍ରଥମ ଶ୍ରେଣୀରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ସହିତ କଲେଜର ଶିକ୍ଷାଗତ ମାନକୁ ଆହୁରି ଦୃଢ଼ କରି ବିଜ୍ଞାନ ବିଭାଗର ୫ ଜଣ ଏବଂ ବାଣିଜ୍ୟ ବିଭାଗର ୨ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ପ୍ରଶଂସନୀୟ କୃତିତ୍ୱ ହାସଲ କରିଛନ୍ତି। କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ତିଗିରିଆ ପଞ୍ଚାୟତ ସମିତିର ୧୦ମ ବୈଠକ

# ଗ୍ରୀଷ୍ମ ମୁକାବିଲା ଓ ବିପିଡିପି ଯୋଜନା ଉପରେ ଆଲୋଚନା

ତିଗିରିଆ, ୨୨।୫(ସମିସ)

ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଠଗଡ଼-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମିତିର ୧୦ମ ସାଧାରଣ ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବିଡ଼ିଓ ସଂଗ୍ରାମ କେଶରୀ ଭୋଳ, ଏବିଡ଼ିଓ ଯାଜ୍ଞସେନୀ ଗୋଛାୟତଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ଚଳିତ ବର୍ଷର ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା, ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଜଳଛତ୍ର ପ୍ରତିଷ୍ଠା ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହାସହିତ ବନ ବିଭାଗ ଓ ଉଦ୍ୟାନ ବିଭାଗର ବନୀକରଣ ଯୋଜନାର ସମୀକ୍ଷା କରାଯିବା ସହ ଗ୍ରାମୀଣ ଆବାସ ଯୋଜନା ଓ ଅନ୍ତୋଦୟ ଯୋଜନା ଅଧୀନରେ ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ 'ବିପିଡ଼ିପି'କୁ ଅନୁମୋଦନ ଦିଆଯାଇଥିଲା। 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଆଭିମୁଖ୍ୟକୁ ନେଇ ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଏହି ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ସାବିତ୍ରୀ ଦେବୀ କଲେଜର ଶତପ୍ରତିଶତ ସଫଳତା

ସାଲେପୁର, ୨୨।୫(ସମିସ): ଚଳିତ ବର୍ଷ ପ୍ରକାଶିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସାଲେପୁରର ପ୍ରମୁଖ ଶିକ୍ଷାନୁଷ୍ଠାନ ସାବିତ୍ରୀ ଦେବୀ କଲେଜ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ଅଭୂତପୂର୍ବ ସଫଳତା ଉପଲକ୍ଷେ ଆଜି କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନର ପ୍ରତିଷ୍ଠାତା ଉମାକାନ୍ତ ଓଝାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଏହି କଲେଜର ମୋଟ ୪୦୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୨ ଜଣ ପ୍ରଥମ ଶ୍ରେଣୀରେ ଏବଂ ୭୧ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୩ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଏବଂ ୪୭ ଜଣ ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ବିଜ୍ଞାନ ବିଭାଗରେ ୫୮୪ ନମ୍ବର ରଖି ଆଲୋକ ଦାସ କଲେଜରେ ପ୍ରଥମ, ସୌମ୍ୟ ଦାସ (୫୭୮ ନମ୍ବର) ଦ୍ୱିତୀୟ ଏବଂ ଦିବ୍ୟଜିତ୍ ମଲ୍ଲ (୫୬୫ ନମ୍ବର) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ କଲେଜ ଟପ୍ପର ଆଲୋକଙ୍କ ସମେତ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ପତି, ଯୁକ୍ତ ତିନି କଲେଜର ଅଧ୍ୟକ୍ଷ ସଞ୍ଜୟ କୁମାର ଖୁଣ୍ଟିଆଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୮୩ ● ପାଉଣ୍ଡ ୧୨୯.୩୦
- ୟୁରୋ ୧୧୧.୮୨ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୬,୨୦୦ (ଭୁବନେଶ୍ୱର)
- ରୁପା : ୨,୯୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 75,415.00 ୭୫,୪୧୫.୦୦
- ନିଫ୍ଟି ୨୩,୭୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୫.୨୫ (ଭୁବନେଶ୍ୱର)
- ଡିଜେଲ୍ - ୯୬.୮୩



### ପଶ୍ଚିମ ଏସିଆ ଉତ୍ତେଜନାର ପ୍ରଭାବ; ସଙ୍କଟରେ ଭାରତୀୟ ଔଷଧ ଶିଳ୍ପ

# ମହଙ୍ଗା ହେବ ଆଣ୍ଟିବାୟୋଟିକ୍ସ, ମଧୁମେହ ଔଷଧ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ଏବଂ ଉପସାଗରୀୟ ଅଞ୍ଚଳରେ ବଢ଼ୁଥିବା ଅସ୍ଥିରତା ବର୍ତ୍ତମାନ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ଆର୍ଥିକ କ୍ଷେତ୍ର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଥିଯୋଗୁ ବର୍ତ୍ତମାନ ବିଶ୍ୱବ୍ୟାପୀ ସୁଲଭ ମୂଲ୍ୟରେ (ଜେନେରିକ୍) ଔଷଧ ରପ୍ତାନି କରୁଥିବା ଭାରତର ଔଷଧ ଶିଳ୍ପ ଏକ ବଡ଼ ସଙ୍କଟର ସମ୍ମୁଖୀନ ହେଉଛି। ଏହି ଯୁଦ୍ଧ ଔଷଧ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲର ଅଭାବ, ମାଲ ପରିବହନ ଖର୍ଚ୍ଚ ବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳକୁ ବାଧା ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ପାରାସିଟାମଲ୍, ଆଣ୍ଟିବାୟୋଟିକ୍ସ ଏବଂ ମଧୁମେହ ଭଳି ସାଧାରଣ ରୋଗ ପାଇଁ ଔଷଧର ମୂଲ୍ୟ ବୃଦ୍ଧି ପାଇପାରେ। ଆହୁରିମଧ୍ୟ ଏହାର ପ୍ରଭାବରେ ଆଗାମୀ ଦିନରେ ଔଷଧର ଅଭାବ ମଧ୍ୟ ଦେଖାଦେଇପାରେ।



ଫାର୍ମେକ୍ସିଲ୍ (ଭାରତର ଔଷଧ ରପ୍ତାନି ପ୍ରୋତ୍ସାହନ ପରିଷଦ) ଏବଂ ଅନ୍ୟାନ୍ୟ ଶିଳ୍ପ ସଂଗଠନଗୁଡ଼ିକ ସ୍ପଷ୍ଟ ଭାବରେ ଚେତାବନୀ ଦେଇଛନ୍ତି ଯେ ଯଦି ପଶ୍ଚିମ ଏସିଆରେ ଉତ୍ତେଜନା ଦୀର୍ଘ ସମୟ ଧରି ଜାରି ରହେ, ତେବେ ଏହାର ପରିଣାମ ଭୟଙ୍କର ହେବ। ଭାରତ ବିଶ୍ୱର ପ୍ରାୟ ୨୦୦ ଦେଶକୁ ଜେନେରିକ୍ ଔଷଧ ବିକ୍ରି କରେ। ଏହି ସଙ୍କଟ କେବଳ ଭାରତକୁ ନୁହେଁ ବରଂ ଆଫ୍ରିକା, ଏସିଆ ଏବଂ ଲାଟିନ୍ ଆମେରିକାର ଅନେକ ଗରିବ ଦେଶକୁ ପ୍ରଭାବିତ କରିବ ଯେଉଁମାନେ ସୁଲଭ ଔଷଧ ପାଇଁ ସମ୍ପୂର୍ଣ୍ଣ ଭାବରେ ଭାରତ ଉପରେ ନିର୍ଭରଶୀଳ। ବାଣିଜ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଭାରତୀୟ ଔଷଧ ଶିଳ୍ପର ମୂଲ୍ୟ ପ୍ରାୟ ୫୦ ବିଲିୟନ ଡଲାର। ବିଶ୍ୱର ମୋଟ ଜେନେରିକ୍ ଔଷଧ ଯୋଗାଣରେ ଭାରତର ଅଂଶ ପ୍ରାୟ ୨୦ ପ୍ରତିଶତ।

ଭାରତ ବିଶ୍ୱକୁ ସୁଲଭ ଔଷଧ ଯୋଗାଉଥିବାବେଳେ, ଏହାର ସବୁଠାରୁ ବଡ଼ ଦୁର୍ବଳତା ହେଉଛି ଏହାକୁ ଅନ୍ୟ ଦେଶରୁ ଔଷଧ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ (ଏପିଆଇ) ଆମଦାନୀ କରିବାକୁ ପଡୁଛି। ୨୦୨୫ରେ ଭାରତ ପ୍ରାୟ ୩୯,୨୧୫ କୋଟି ଟଙ୍କାର କଞ୍ଚାମାଲ ଆମଦାନୀ କରିଥିଲା, ଯାହା ମଧ୍ୟରୁ ୭୦ ରୁ ୭୫ ପ୍ରତିଶତ କେବଳ ଚୀନରୁ ଆସିଥିଲା। ବିଶେଷଜ୍ଞମାନେ କହିଛନ୍ତି ଯେ ଯୁଦ୍ଧ ଯୋଗୁଁ ଜାହାଜ ଚଳାଚଳ ମାର୍ଗରେ ବାଧା ସୃଷ୍ଟି ହେବା, ବିଶେଷକରି ହର୍ମୁଜ୍ ପ୍ରଣାଳୀ ଏବଂ ଉପସାଗରୀୟ ଅଞ୍ଚଳରେ କଞ୍ଚାମାଲ ଯୋଗାଣକୁ ଗୁରୁତର ଭାବରେ ପ୍ରଭାବିତ କରିପାରେ। କଞ୍ଚାମାଲର ଅଭାବ ଔଷଧ ଉତ୍ପାଦନ ଉପରେ ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ। ସୂତ୍ର ଅନୁଯାୟୀ, ଏଥିଯୋଗୁ ପାରାସିଟାମଲ୍, ଆଣ୍ଟିବାୟୋଟିକ୍, ରକ୍ତଚାପ ଏବଂ ମଧୁମେହ ଔଷଧର ଯୋଗାଣ ସିଧାସଳଖ ପ୍ରଭାବିତ ହୋଇପାରେ। କାରଣ ଏହି ଔଷଧଗୁଡ଼ିକ ମୁଖ୍ୟତଃ ଆମଦାନୀ ହୋଇଥିବା କଞ୍ଚାମାଲରୁ ତିଆରି ହୋଇଥାଏ। ଏହାବ୍ୟତୀତ, କର୍କଟ ରୋଗର ଔଷଧ ଏବଂ ଇଞ୍ଜେକ୍ସନ ଭଳି ଜିନିଷଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ସଂରକ୍ଷଣ ଆବଶ୍ୟକ। ଲଜିଷ୍ଟିକ୍ସ ଶିଳ୍ପର ଅଧିକାରୀମାନେ କହିଛନ୍ତି ଯେ ମାର୍ଗ ପରିବର୍ତ୍ତନ ଏବଂ ଅତିରିକ୍ତ ସୁରକ୍ଷା ପାଇଁ ମାଲ ପରିବହନର ମୂଲ୍ୟ ଏବଂ ସମୟ ଉଭୟ ବୃଦ୍ଧି ପାଇବ, ଯାହା ଔଷଧର ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିବାର ସମ୍ଭାବନା ରହିଛି।

**ମିଳୁନି ଆବଶ୍ୟକ କଞ୍ଚାମାଲ**

## ଷ୍ଟେଟ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ସ୍ଥଗିତ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀଙ୍କ ମେ' ୨୫ ଏବଂ ୨୬ରେ ହେବାକୁ ଥିବା ଦୁଇ ଦିନିଆ ଦେଶବ୍ୟାପୀ ଧର୍ମଘଟ ସ୍ଥଗିତ ରହିଛି। ମୁମ୍ବାଇରେ ବ୍ୟାଙ୍କ ପରିଚାଳନା ଏବଂ କର୍ମଚାରୀ ସଂଘ ପ୍ରତିନିଧିଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଅଧିକାରୀମାନେ ଶୁକ୍ରବାର ଏ ନେଇ ଘୋଷଣା କରିଛନ୍ତି। ବୈଠକରେ କର୍ମଚାରୀଙ୍କ ଅନେକ ପ୍ରମୁଖ ଦାବି ଉପରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି, ଯାହା ବ୍ୟାଙ୍କ ସେବାରେ ବାଧା ସୃଷ୍ଟି ହେବାର ଆଶଙ୍କାକୁ ଦୂର କରିଛି। ଅଲ୍ ଇଣ୍ଡିଆ ଏସ୍‌ବିଆଇ ଷ୍ଟାଫ୍ ଫେଡେରେସନ୍ ବିଭିନ୍ନ କର୍ମଚାରୀ କଲ୍ୟାଣ ଏବଂ କାର୍ଯ୍ୟ ସମସ୍ୟାକୁ ନେଇ ଏକ ବିସ୍ତୃତ ୧୬-ସୂତ୍ରୀ ଦାବିପତ୍ର ଉପରେ ଆଧାର କରି ଚଳିତ ମାସର ଆରମ୍ଭରେ ଧର୍ମଘଟ ଡାକରା ଦେଇଥିଲା।

## ଆର୍‌ବିଆଇ ସରକାରଙ୍କୁ ଦେଲା ୨.୮୭ ଲକ୍ଷ କୋଟିର ଲାଭାଂଶ

ମୁମ୍ବଇ,୨୨।୫(ଏଜେନ୍ସି): ଆର୍ଥିକବର୍ଷ ୨୦୨୫-୨୬ ପାଇଁ ସରକାରଙ୍କୁ ରେକର୍ଡ ୨.୮୭ ଲକ୍ଷ କୋଟି ଟଙ୍କା ଡିଭିଡେଣ୍ଡ ବା ଲାଭାଂଶ ଦେବାକୁ ଘୋଷଣା କରିଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)। ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାର ବସିଥିବା କେନ୍ଦ୍ରୀୟ ନିର୍ଦ୍ଦେଶକ ମଣ୍ଡଳୀର ୬୨୩ ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉକି, ଆର୍ଥିକବର୍ଷ ୨୦୨୪-୨୫ରେ ଏହି ଡିଭିଡେଣ୍ଡ ୨.୬୯ ଲକ୍ଷ କୋଟି ଟଙ୍କା ରହିଥିଲା। ଯାହା ୨୦୨୩-୨୪ ତୁଳନାରେ ୨୭.୪ ପ୍ରତିଶତ ଅଧିକ ଥିଲା। ଏହା ପୂର୍ବରୁ ଆରବିଆଇ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୨.୧ ଲକ୍ଷ କୋଟି ଟଙ୍କା ଏବଂ ୨୦୨୨-୨୩ ପାଇଁ ୮୭, ୪୧୬ କୋଟି ଟଙ୍କା ସରକାରଙ୍କୁ ହସ୍ତାନ୍ତର କରିଥିଲା। ମଧ୍ୟପ୍ରାଚ୍ୟରେ ଜାରି ତିକ୍ତତା କାରଣରୁ ବିଶ୍ୱ ବଜଶରରେ ଅଶୋଧିତ ତେଲ ଦାମ୍ ଅସ୍ଥିର ରହିଛି। ଭାରତ ନିଜ ଆବଶ୍ୟକତାର ଅଧିକାଂଶ ତେଲ ଆମଦାନୀ କରୁଛି। ଫଳରେ ସରକାରୀ ରାଜକୋଷ ଉପରେ ବଢୁଛି। ଏମିତିରେ ଆରବିଆଇଠାରୁ ମିଳିଥିବା ଏହି ଅର୍ଥ କେନ୍ଦ୍ର ସରକାରଙ୍କ ପାଇଁ ଏକ ସୁରକ୍ଷା କବଚ ଭଳି କାମ କରିବ। ଏହାଦ୍ୱାରା ସରକାରଙ୍କୁ ସାର ଏବଂ ଇନ୍ଧନ ଉପରେ ଦିଆଯାଉଥିବା ସବସିଡିର ବଢୁଥିବା ଖର୍ଚ୍ଚକୁ ସମ୍ଭାଳିବାରେ ସାହାଯ୍ୟ ମିଳିବ।

# ପେଟ୍ରୋଲ-ଡିଜେଲରୁ ଭାଟ୍ କମାଇପାରନ୍ତି ରାଜ୍ୟ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଦେଶରେ ତୈଳ ମୂଲ୍ୟରେ ବୃଦ୍ଧିକୁ ନଜରରେ ରଖି କେନ୍ଦ୍ର ସରକାର ଖୁବ୍ ଶୀଘ୍ର ପେଟ୍ରୋଲ ଏବଂ ଡିଜେଲ ଉପରେ ମୂଲ୍ୟଯୁକ୍ତ ଟିକସ (ଭାଟ୍) ହ୍ରାସ କରିବାକୁ ରାଜ୍ୟଗୁଡ଼ିକୁ ଅପିଲ୍ କରିପାରନ୍ତି। ରିପୋର୍ଟ ଅନୁସାରେ, ୨୨ଟି ବିଜେପି ଶାସିତ ରାଜ୍ୟରେ ଭାଟ୍ ହ୍ରାସର ସମ୍ଭାବନା ବହୁତ ଅଧିକ। ଡିଜେଲ ମୂଲ୍ୟ ନିୟନ୍ତ୍ରଣ କରିବା ଏଥିରେ ବଡ଼ ପ୍ରାଥମିକତା। କାରଣ ଏହା ସିଧାସଳଖ ଭାବେ ପରିବହନ, କୃଷି ଏବଂ ଶିଳ୍ପକୁ ପ୍ରଭାବିତ କରିବ। ମଧ୍ୟପ୍ରାଚ୍ୟରେ ନୂତନ ଉତ୍ତେଜନା ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଉଛି। ଶୁକ୍ରବାର, ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧.୯% ବୃଦ୍ଧି ପାଇ ପ୍ରତି ବ୍ୟାରେଲ ୧୦୪.୫୨ ଡଲାରରେ ପହଞ୍ଚିଛି। ବର୍ଦ୍ଧିତ ମୁଦ୍ରାସ୍ଫୀତିରୁ ଗ୍ରାହକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ, କେନ୍ଦ୍ର ସରକାର ଗତ ମାସରେ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ। ତଥାପି, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପରବର୍ତ୍ତୀ ସମୟରେ ୩ ଟଙ୍କା ୯୦ ପଇସା ବୃଦ୍ଧି କରାଯାଇଥିଲା।




**ଅପିଲ୍ କରିପାରେ କେନ୍ଦ୍ର**

ଇରାନ ଯୁଦ୍ଧର ଅଶୋଧିତ ତୈଳ ଯୋଗାଣ ଏବଂ ମୂଲ୍ୟ ଉପରେ ପ୍ରଭାବ ବିଷୟରେ ଆଲୋଚନା କରିବା ପାଇଁ ସଚିବମାନଙ୍କର ଏକ କ୍ଷମତାପ୍ରାପ୍ତ ଗୋଷ୍ଠୀ ସମ୍ପ୍ରତି ବୈଠକ କରିଛନ୍ତି। ବୈଠକରେ ଅଶୋଧିତ ତୈଳର ଭାର କମ କରିବା ପାଇଁ ଭାଟ୍ ହ୍ରାସ କରିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ଗତ ମାସରେ, କେନ୍ଦ୍ର ସରକାର ଡିଜେଲ ଉପରେ ଉତ୍ପାଦ ଶୁଳ୍କ ପ୍ରତି ଲିଟର ୧୦ ଟଙ୍କା ହ୍ରାସ କରି ଶୂନ୍ୟ କରିଥିଲେ, ଯେତେବେଳେ କି ପେଟ୍ରୋଲ ଉପରେ ଟିକସ ୩ ଟଙ୍କା ହ୍ରାସ କରାଯାଇଥିଲା। ଏବେ, କେନ୍ଦ୍ର ଚାହୁଁଛି ଯେ ରାଜ୍ୟଗୁଡ଼ିକ ମଧ୍ୟ ନିଜସ୍ୱ ଟିକସ ହ୍ରାସ କରନ୍ତୁ। ସୂଚନାନୁଯାୟୀ, ବିଜେପି ଶାସିତ ରାଜ୍ୟଗୁଡ଼ିକ ଡିଜେଲ ଉପରେ ଟିକସ ହ୍ରାସ କରିବା ବିଷୟରେ ବିଚାର କରିବାରେ ପ୍ରଥମ ହୋଇପାରନ୍ତି। ଯଦି ବିଜେପି ଶାସିତ ରାଜ୍ୟଗୁଡ଼ିକ ଭାଟ୍ ହ୍ରାସ କରନ୍ତି, ତେବେ ଏହା ୨୦୨୨ର ପରିସ୍ଥିତି ସହିତ ସମାନ ହେବ। ସେହି ସମୟରେ, ରୁଷ-ୟୁକ୍ରେନ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ସେତେବେଳେ ମଧ୍ୟ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିଥିଲେ ଏବଂ ରାଜ୍ୟଗୁଡ଼ିକୁ ଭାଟ୍ ହ୍ରାସ କରିବାକୁ କହିଥିଲେ। ବର୍ତ୍ତମାନ, ବିଜେପି ଏବଂ ଏହାର ସହଯୋଗୀ ଦଳ ୨୨ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ କ୍ଷମତାରେ ଅଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ ଭାଟ୍ ହାର ୧%ରୁ ୨୭% ପର୍ଯ୍ୟନ୍ତ ରହିଛି। ଏଥିରେ ହ୍ରାସ ତେଲ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରେ।

### ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଡ଼ ଝଟ୍‌କା

## ସପ୍ତାହକରେ ଉଡ଼ିଗଲା ୮ ବିଲିୟନ ଡଲାର

ମୁମ୍ବଇ,୨୨।୫(ଏଜେନ୍ସି): ବୈଶ୍ୱିକ ଅନିଶ୍ଚିତତା ଓ ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାରକୁ ବଡ଼ ଝଟକା ଲାଗିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ଦ୍ୱାରା ଜାରି ତଥ୍ୟ ଅନୁସାରେ ଚଳିତମାସ ୧୫ରେ ସମାପ୍ତ ସପ୍ତାହରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରରେ ୮.୦୯ ବିଲିୟନ ଡଲାର ହ୍ରାସ ଘଟି ଏହା ୬୮୮.୮୯ ଡଲାରରେ ପହଞ୍ଚିଛି। ତେବେ ଏହାର ପୂର୍ବ ସପ୍ତାହରେ ମୁଦ୍ରାଭଣ୍ଡାର ବେଶ୍ ବୃଦ୍ଧି ହାସଲ କରିଥିଲା। ସେତେବେଳେ ୬.୨୯ ବିଲିୟନ ଡଲାର ବଢ଼ି ୬୯୬.୯୯ ବିଲିୟନ ଡଲାରକୁ ଛୁଇଁଥିଲା।



ଯଦି ଆମେ ପୂର୍ବ ତଥ୍ୟକୁ ଦେଖିବା ତେବେ ପଶ୍ଚିମ ଏସିଆ ଯୁଦ୍ଧ ଆରମ୍ଭ ପୂର୍ବରୁ ୨୭ ଫେବୃଆରୀରେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୭୨୮.୪୯ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚତମ ସ୍ତରରେ ରହିଥିଲା। ହେଲେ ଏହା ପରଠାରୁ ଲଗାତାର ଏଥିରେ ହ୍ରାସ ଧାରା ଜାରି ରହିଛି। ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ସୁଧାରିବା ପାଇଁ ଆରବିଆଇ କ୍ରମାଗତ ଭାବେ ବଜାରରେ ହସ୍ତକ୍ଷେପ କରୁଛି। ଟଙ୍କାକୁ ସାହାରା ଦେବାକୁ କେନ୍ଦ୍ରୀୟ ବ୍ୟାଙ୍କ ବିପୁଳ ପରିମାଣରେ ଡଲାର ବିକ୍ରି କରୁଛି। ଏଣୁ ବୈଦେଶିକ ମୁଦ୍ରାଭଣ୍ଡାର ହ୍ରାସର ସମ୍ମୁଖୀନ ହେଉଛି। ଏହାଛଡା ଯୁଦ୍ଧ ଯୋଗୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ଉପରେ ପ୍ରଭାବ ପଡୁଛି । ଏଣୁ ବୈଦେଶିକ ମୁଦ୍ରାର ପ୍ରବାହ ବଢ଼ିଛି। ପରିସ୍ଥିତିର ଜଟିଳତାକୁ ନଜରରେ ରଖି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବିଦେଶ ଗସ୍ତ କମ୍ କରିବାକୁ ପରାମର୍ଶ ଦେଇଥିବା ବେଳେ ଇନ୍ଧନ ଖର୍ଚ୍ଚ ହ୍ରାସ କରିବା, ବର୍ଷେ ପର୍ଯ୍ୟନ୍ତ ସୁନା କ୍ରୟ ନ କରିବା ଆଦି ନିବେଦନ କରିଛନ୍ତି। ଏହା ଦ୍ୱାରା ବିଦେଶୀ ମୁଦ୍ରା ଯେପରି ଦେଶରୁ ବାହାରକୁ ନ ଯାଏ ଓ ଅଶୋଧିତ ତୈଳ ଆମଦାନୀ ହ୍ରାସ ହୁଏ ସେଥିପାଇଁ ସେ ଦେଶବାସୀଙ୍କୁ ସତର୍କ କରାଇଛନ୍ତି।

**ହର୍ମୁଜ୍ ସଙ୍କଟକୁ ନେଇ ବଡ଼ ଚେତାବନୀ**

# ୨୦୦୮ ମାନ୍ଦାବସ୍ଥାର ପୁନରାବୃତ୍ତି

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ସମ୍ପ୍ରତି ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ସାରା ବିଶ୍ୱରେ ଉତ୍ତେଜନା ଜାରି ରହିଛି। ଯଦି ଆସନ୍ତା ଅଗଷ୍ଟ ମାସ ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀ ବନ୍ଦ ରୁହେ, ତେବେ ବିଶ୍ୱ ସମେତ ଭାରତ ୨୦୦୮ ମସିହା ଭଳି ଏକ ମାନ୍ଦାବସ୍ଥା ଦେଖିବ। ଏ ନେଇ ବର୍ତ୍ତମାନ ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି। ପରାମର୍ଶଦାତା ସଂସ୍ଥା ରାପିଡାନ୍ ଏନର୍ଜି ଗ୍ରୁପ୍ ପକ୍ଷରୁ ଏ ସମ୍ପର୍କରେ ଚେତାବନୀ ଜାରି କରିଛି। ଏଜେନ୍ସିର ଆକଳନ ଅନୁଯାୟୀ, ଜୁଲାଇରେ ହର୍ମୁଜ୍ ମାର୍ଗ ପୁନର୍ବାର ଖୋଲିବ। ଏଥିରେ ପ୍ରତିଦିନ ହାରାହାରି ତେଲ ଚାହିଦା ୨.୬ ନିୟୁତ ବ୍ୟାରେଲ ହ୍ରାସ ଘଟିବ। ଗ୍ରୀଷ୍ମ ଋତୁ ସୁଦ୍ଧା ବେଞ୍ଚମାର୍କ ବ୍ରେଣ୍ଟ କ୍ରୁଡର ସ୍ପଟ୍ ବଜାର ମୂଲ୍ୟ ବ୍ୟାରେଲ ପିଛା ୧୩୦ ଡଲାରରେ ପହଞ୍ଚିବ। ରାପିଡନ୍ କହିଛି ଯେ ଯଦି ଜୁଲାଇ ପରେ ହର୍ମୁଜ୍‌କୁ ନେଇ ବିବାଦ ଜାରି ରହିଲେ, ତେବେ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ଯୋଗାଣ ଅଭାବକୁ ପୂରଣ କରିବା ପାଇଁ ଚାହିଦାରେ ଆହୁରି ଅଧିକ ହ୍ରାସ ଆବଶ୍ୟକ ହେବ। ଏହି ଚେତାବନୀ ସେତେବେଳେ ଆସିଛି ଯେତେବେଳେ ଗୁରୁବାର ଦିନ ଆମେରିକା ଏବଂ ଇରାନ ତେହେରାନର ୟୁରାନିୟମ୍ ଭଣ୍ଡାର ଏବଂ ହର୍ମୁଜ୍ ଷ୍ଟ୍ରେଟ୍ ନିୟନ୍ତ୍ରଣ ଉପରେ ସେମାନଙ୍କର ବିରୋଧୀ ସ୍ଥିତି ବଜାୟ ରଖିଛନ୍ତି। ତଥାପି, ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ କହିଛନ୍ତି ଯେ ଆଲୋଚନାରେ କିଛି ସକାରାତ୍ମକ ସଙ୍କେତ ମିଳିଛି। ପରାମର୍ଶଦାତା ସଂସ୍ଥା କହିଛି ଯେ ଅଗଷ୍ଟ ପର୍ଯ୍ୟନ୍ତ ବିଳମ୍ବ ତୃତୀୟ ତ୍ରୟମାସିକରେ ଯୋଗାଣ ନିଅଣ୍ଟକୁ ପ୍ରତିଦିନ ପ୍ରାୟ ୬ ନିୟୁତ ବ୍ୟାରେଲକୁ ବୃଦ୍ଧି କରିବ, ଯେପରି ଭଣ୍ଡାର କାର୍ଯ୍ୟକ୍ଷମ ସୀମା ନିକଟରେ ପହଞ୍ଚିଛି। ରାପିଡନ୍ ଅନୁଯାୟୀ, ଯଦିଓ ଅଗଷ୍ଟ ଆରମ୍ଭରେ ଉତ୍ପାଦନ ପୁନର୍ବାର ଆରମ୍ଭ ହୁଏ, ତଥାପି ଆଶ୍ୱସ୍ତି ପ୍ରଦାନ କରିବା ପୂର୍ବରୁ ବଜାର କଠିନ ହେବ। ସେପ୍ଟେମ୍ବର ପର୍ଯ୍ୟନ୍ତ ଅଶୋଧିତ ତୈଳ ଇନଭେଣ୍ଟୋରି ହ୍ରାସ ପାଇବ।

ଏଜେନ୍ସି ଏହା ମଧ୍ୟ କହିଛି ଯେ ଚଳିତବର୍ଷ ଫେବୃଆରୀ ଶେଷ ପରଠାରୁ ତୈଳ ମୂଲ୍ୟ ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ବିଶ୍ୱ ବଜାରକୁ ବିପର୍ଯ୍ୟସ୍ତ କରିଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କୁକୁଡାଖଣ୍ଡି ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୫(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ କୁକୁଡାଖଣ୍ଡି ଶାଖା ଉଦ୍‌ଘାଟିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସଞ୍ଜୀବ ରଞ୍ଜନ ସହାୟ ଏହି ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ବ୍ରହ୍ମପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଏଲ୍. ସଂଗୀତା କୁଜୁର, ଉପ-କ୍ଷେତ୍ରୀୟ ମୁଖ୍ୟ ବିଭୂତି ଭୂଷଣ ମହାନ୍ତି, କୁକୁଡାଖଣ୍ଡି ଶାଖାର ଶାଖା ମୁଖ୍ୟ ଦିଲ୍ଲୀପ କୁମାର ବେହେରାଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁକୁଡାଖଣ୍ଡି ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ସହାୟ ସୂଚନା ଦେଇଛନ୍ତି।



## ଚନ୍ଦ୍ରଶେଖରପୁରରେ କ୍ୟାରେଟ୍‌ଲେନ୍‌ର ନବୀକୃତ ଷ୍ଟୋର

ଭୁବନେଶ୍ୱର,୨୨।୫(ସମିସ): ଓମ୍‌ନି ଚ୍ୟାନେଲ ଗହଣା ବ୍ରାଣ୍ଡ 'କ୍ୟାରେଟ୍‌ଲେନ୍' ଚନ୍ଦ୍ରଶେଖରପୁରରେ ଏହାର ନବୀକୃତ ଷ୍ଟୋର୍‌ର ରି ଲଞ୍ଚ୍ କରିଛି। ୨୦୦୦ ବର୍ଗଫୁଟ୍‌ର ଏହି ଷ୍ଟୋର କୋଲ୍-ବ୍ରେକିଂ ସେରିମନି ପରମ୍ପରା ସହ ଉଦ୍‌ଘାଟିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ କ୍ୟାରେଟ୍‌ଲେନ୍‌ର ପରିଚାଳନା ନିର୍ଦ୍ଦେଶକ ସୌମେନ ଭୌମିକ କହିଛନ୍ତି ଯେ, ଅଳଙ୍କାରର ଏକ ବ୍ୟାପକ ପରିସର ସହିତ ବାସ୍ତବରେ ନିମଜ୍ଜିତ ଏବଂ ସ୍ପର୍ଶକାତର ଅନୁଭୂତି ପ୍ରଦାନ କରିବା ପାଇଁ ଷ୍ଟୋରକୁ ପୁନଃ ଡିଜାଇନ କରାଯାଇଛି। ନବୀକୃତ ଚନ୍ଦ୍ରଶେଖରପୁର ଷ୍ଟୋରରେ ଉଭୟ ହୀରା ଏବଂ ପ୍ଲେନ୍ ସୁନାରେ ପ୍ରସ୍ତୁତ ବଟର୍‌ଫ୍ଲାଏ, ଅରଣ୍ୟ ଏବଂ ଓମ୍ବ୍ରେ ଭଳି କଲେକ୍ସନରେ ବ୍ୟାପକ ରେଞ୍ଜ୍ ସମସାମୟିକ ଏବଂ ବିଭିନ୍ନ ସ୍ୱତନ୍ତ୍ର ଅବସରକୁ ଖାପ ଖାଇବା ଭଳି ଗହଣା ଉପଲବ୍ଧ। ଗ୍ରାଏଠାରେ ହକବିଭିନ୍ନ ଲୋକପ୍ରିୟ ବର୍ଗ ଯେପରି ଆଧୁନିକ ମଙ୍ଗଳସୂତ୍ର, ନିତିଦିନ ବ୍ୟବହାର ପାଇଁ ଉଦ୍ଦିଷ୍ଟ କାନଫୁଲ, କଷ୍ଟେଲ ରିଙ୍ଗ୍, ପିଲାଙ୍କ ଗହଣା ଏବଂ ଉପହାରର ବିସ୍ତୃତ ସମ୍ଭାର ପାଇବେ । ଷ୍ଟୋରରେ ଆହୁରି ମଧ୍ୟ କ୍ୟାରେଟ୍‌ଲେନ୍‌ର କୌତୁକିଆ ଆଇପି ସହଯୋଗିତା ଯେପରି ଫେଣ୍ଟସ, ଡିଜ୍‌ନୀ, ହ୍ୟାରୀ ପୋଟର ଏବଂ ପେପା ପିଗ୍ ଭଳି ସମ୍ଭାର ରହିଛି । ୯୨୫ ରୁପା ଏବଂ ୯କ୍ୟାରେଟ୍ ସୁନାରେ ଅତି ସୁଲଭ ଫାଇନ୍ ଗହଣା ମାତ୍ର ୫,୦୦୦ ଟଙ୍କାରୁ ଆରମ୍ଭ। ନିକଟରେ ଅକ୍ଷୟତୃତୀୟା ଅବସରରେ କ୍ୟାରେଟ୍‌ଲେନ୍ ଦୁଇଟି ନୂଆ ସମ୍ଭାର ଯଥା 'କାଶିକା' ଏବଂ 'ଲେହେର'ର ଉନ୍ମୋଚନ କରିଛି।



### ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଣିଲା ଋଣ ସଙ୍କଟ

# ଆମେରିକାରୁ ଅର୍ଥ ଉଠାଇନେଉଛନ୍ତି ଚୀନ୍, ଜାପାନ




**ମାସକରେ ୧୩୯ ବିଲିୟନ୍ ଡଲାରର ପାଣ୍ଠି ପ୍ରତ୍ୟାହାର**

**ମୁଦ୍ରା ଭଣ୍ଡାରରେ ବୃହତ୍ ହ୍ରାସ**

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଶେଷ ହେବାର କୌଣସି ଆଶା ନାହିଁ। ଉଭୟ ପକ୍ଷ ନିଜ ନିଜ ସର୍ତ୍ତରେ ଅଟଳ ଅଛନ୍ତି। ଏହି ସମୟରେ, ବିଶ୍ୱ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି, ଏବଂ ମୁଦ୍ରାସ୍ଫୀତି ଯଥେଷ୍ଟ ବୃଦ୍ଧି ପାଇଛି। ଏହା ବିଶ୍ୱାସ କରାଯାଉଛି ଯେ ବିଭିନ୍ନ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ସୁଧ ହାର ବୃଦ୍ଧି କରିପାରନ୍ତି। ଏହି ସମୟରେ, ଅନେକ ଦେଶ ଆମେରିକାରୁ ପାଣ୍ଠି ପ୍ରତ୍ୟାହାର କରିବା ଆରମ୍ଭ କରିଛନ୍ତି। ମାର୍ଚ୍ଚ ମାସରେ ଆମେରିକା ଟ୍ରେଜେରୀରେ ବିଦେଶୀ ହୋଲ୍ଡିଂ ୧୩୯ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ସେପ୍ଟେମ୍ବର ୨୦୨୨ ପରଠାରୁ ସର୍ବାଧିକ ମାସିକ ହ୍ରାସ।

ସୂଚନାଯୋଗ୍ୟ ଯେ, ଆମେରିକା ଟ୍ରେଜେରୀରେ ଜାପାନର ସର୍ବାଧିକ ଅଂଶଧନ ରହିଛି। ମାର୍ଚ୍ଚ ମାସରେ ଜାପାନ ଆମେରିକା ଟ୍ରେଜେରୀରେ ଏହାର ଅଂଶଧନ ୪୮ ବିଲିୟନ ଡଲାର ହ୍ରାସ କରିଛି। ଏହା ୨୦୨୫ ଡିସେମ୍ବର ପରଠାରୁ ଆମେରିକା ଟ୍ରେଜେରୀରେ ଜାପାନର ଅଂଶଧନକୁ ସର୍ବନିମ୍ନ ସ୍ତରକୁ ନେଇଯାଇଛି। ଜାପାନର ମୁଦ୍ରା, ୟେନ୍, ସମ୍ପ୍ରତି ବହୁତ ହ୍ରାସ ପାଇଛି, ଯାହା ହ୍ରାସକୁ ରୋକିବା ପାଇଁ ଜାପାନ ବ୍ୟାଙ୍କକୁ ଆମେରିକୀୟ ଟ୍ରେଜେରୀ ବିକ୍ରି କରିବାକୁ ବାଧ କରିଛି। ଆମେରିକା ଟ୍ରେଜେରୀ ବଜାର ସମ୍ପ୍ରତି ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ଅନୁଭବ କରିଛି।

ଏହି ସମୟରେ, ଚୀନ୍ ମଧ୍ୟ ମାର୍ଚ୍ଚ ମାସରେ ଆମେରିକାର ଟ୍ରେଜେରୀରେ ଥିବା ସମ୍ପତ୍ତିକୁ ୪୧ ବିଲିୟନ ଡଲାର ହ୍ରାସ କରିଥିଲା। ଏହା ଚୀନ୍‌ର ହୋଲ୍ଡିଂକୁ ୬୫୨ ବିଲିୟନ ଡଲାରକୁ ହ୍ରାସ କରିଥିଲା, ଯାହା ୨୦୦୮ ସେପ୍ଟେମ୍ବର ପରଠାରୁ ସର୍ବନିମ୍ନ। ୨୦୨୫ ଆରମ୍ଭରୁ ଚୀନ୍‌ର ହୋଲ୍ଡିଂ ୧୦୯ ବିଲିୟନ ଡଲାର କିମ୍ବା ୧୪ ପ୍ରତିଶତ ହ୍ରାସ ପାଇଛି। ଜାପାନ ଏବଂ ଯୁକ୍ତରାଜ୍ୟ ପରେ ଚୀନ୍ ଦ୍ୱିତୀୟ ସର୍ବାଧିକ ସଂଖ୍ୟକ ଆମେରିକୀୟ ଟ୍ରେଜେରୀ ରଖିଛି।

ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଚୀନ୍ ଅଧିକ ସୁରକ୍ଷିତ କିମ୍ବା ରଣନୈତିକ ଉପକରଣରେ ଏହାର ପୁଞ୍ଜି ନିବେଶ କରୁଛି। ଏହି କାରଣରୁ ଏହା ଗତ କିଛି ବର୍ଷ ଧରି ଆମେରିକା ଉପରେ ନିର୍ଭରଶୀଳତା ହ୍ରାସ କରୁଛି। ଗତ କିଛି ବର୍ଷ ଧରି ଦୁଇ ଦେଶ ମଧ୍ୟରେ ସମ୍ପର୍କ ଭଲ ନାହିଁ। ତଥାପି, ମାର୍ଚ୍ଚ ମାସରେ, ବ୍ରିଟେନ୍ ଆମେରିକା ଟ୍ରେଜେରୀରେ ଏହାର ଅଂଶଧନ ୩୦ ବିଲିୟନ ଡଲାର ବୃଦ୍ଧି କରିଥିଲା, ଯାହା ଏହାର ମୋଟ ହୋଲ୍ଡିଂକୁ ରେକର୍ଡ ୯୨୭ ବିଲିୟନ ଡଲାରରେ ପହଞ୍ଚାଇଥିଲା।

## ଟ୍ରିବ୍ୟୁନାଲରେ ଦାଖଲ ମହାନଦୀ ଜଳ ରାଶି ସଂକ୍ରାନ୍ତ ତଥ୍ୟର ପୁନର୍ବିଚାର ଦାବି

# ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀଙ୍କୁ ଉଠାଇନେଲା ପୁଲିସ

**ଭୁବନେଶ୍ୱର, ୨୨।୫ (ସମିସ):** ମହାନଦୀ ଟ୍ରିବ୍ୟୁନାଲଙ୍କ ପାଖରେ ଯୁଗ୍ମ ବୈଷୟିକ କମିଟି ଦ୍ୱାରା ପ୍ରସ୍ତୁତ ମହାନଦୀରେ ଉପଲବ୍ଧ ଜଳ ରାଶିର ତଥ୍ୟ ବିଭ୍ରାନ୍ତିକର ଓ ଏହା ଓଡ଼ିଶା ସ୍ୱାର୍ଥର ପରିପନ୍ଥୀ ବୋଲି ଅଭିଯୋଗ କରିଛି ମହାନଦୀ ବଞ୍ଚାଓ ଆନ୍ଦୋଳନ। ଏହିକ୍ରମରେ ସଂଗଠନ ପକ୍ଷରୁ ୨୦ ତାରିଖ ସୁଦ୍ଧା ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ୭ ତାରିଖରେ ସମୟ ମାଗିଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ କୌଣସି ସୂଚନା ନ ମିଳିବାରୁ ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କୁ ଭେଟିବା ପାଇଁ ଯିବା ବେଳେ ସଂଗଠନର କର୍ମକର୍ତ୍ତାଙ୍କୁ ଉଠାଇ ନେଇ କ୍ୟାପିଟାଲ ଥାନାରେ ଅଟକ ରଖିବା ପରେ ଛାଡ଼ି ଦେଇଛି ପୁଲିସ।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଅଭିଯୋଗ ଅନୁଯାୟୀ ଛତିଶଗଡ଼ରେ ମହାନଦୀ ବେସିନରେ ଯେତିକି ପାଣି ଉପଲବ୍ଧ ନୁହେଁ, ତାଠାରୁ ଅଧିକ ପାଣି ରଖିବା ପାଇଁ ମସୁଧା କରିଛି। ଛତିଶଗଡ଼ରେ ଉପଲବ୍ଧ ପାଣିର ପରିମାଣ ୨୪.୨୧ ମିଲିୟନ ଏକର ଫୁଟ ଥିବା ବେଳେ ସେ ରାଜ୍ୟ ୨୭.୪୮ ମିଲିୟନ ଏକର ଫୁଟ ପାଣି ବ୍ୟବହାର ପାଇଁ ଦାବି କରୁଛି। ସେଥିପାଇଁ ସେ ଛତିଶଗଡ଼ ବେସିନରେ ଅସଂଖ୍ୟ ବନ୍ଧ, ଆନିକଟ, ବ୍ୟାରେଜ ଇତ୍ୟାଦି ବେଆଇନ ଭାବରେ ନିର୍ମାଣ କରିଛି। ଏହାକୁ ନେଇ ଛାତିଶଗଡ଼ ସହିତ ଆମର ବିବାଦ। ବେଆଇନ ଭାବରେ ଛତିଶଗଡ଼ ଏତେ ସଂଖ୍ୟକ ଜଳ ପ୍ରକଳ୍ପ କରିଥିବାରୁ ଓଡ଼ିଶାରେ ବିଶେଷକରି ହୀରାକୁଦକୁ ଜଳ ପ୍ରବାହ କମି ଯାଇଛି। ଏକଥା ନିଜେ ମୁଖ୍ୟମନ୍ତ୍ରୀ ତାଙ୍କର ବିବରଣୀ ବିଧାନସଭାରେ ଉପସ୍ଥାପିତ କରିଛନ୍ତି। ଦୁର୍ଭାଗ୍ୟ ବଶତଃ ସମ୍ପ୍ରତି ଯେଉଁ ଡାଟା ବା ତଥ୍ୟ ଟ୍ରିବ୍ୟୁନାଲ ପାଖରେ ଦାଖଲ ହୋଇଛି ତାହା ଏହି ଦିଗ ପ୍ରତି ଆଖି ବୁଜି ଦେଇଛି ଯାହା ଓଡ଼ିଶା ପାଇଁ ଆତ୍ମଘାତୀ। ଜଳ



ବିବାଦର ସମାଧାନ ପୂର୍ବରୁ ଛତିଶଗଡ଼ ପାଖରେ ଓଡ଼ିଶାର ଆତ୍ମ ସମର୍ପଣର ଏହା ହେଉଛି ବଳିଷ୍ଠ ନମୂନା ବୋଲି ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏହି ତଥ୍ୟକୁ ମୁଖ୍ୟମନ୍ତ୍ରୀ ପୁନର୍ବିଚାର କରିବା ପାଇଁ ଦାବି କରି ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀ ମାନେ ଏହି ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କୁ ସଂଗଠନର ମୁଖପାତ୍ର ପ୍ରସନ୍ନ ବିଷୋୟୀ ତଥା ଅନ୍ୟମାନେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ମହାନଦୀ ଜଳ ବିବାଦ ଏକ ଅତି ସ୍ପର୍ଶକାତର ପ୍ରସଙ୍ଗ ଓ ଏହା ସହିତ ଓଡ଼ିଶାର ସ୍ୱାର୍ଥ ଜଡ଼ିତ। ଏଭଳି ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଏକ ଆଲୋଚନା ପାଇଁ ନିବେଦନ ଯଦି ପୁଲିସ ଗିରଫଦାରୀରେ ପରିଣତ ହୁଏ ତେବେ ତାହା ଦୁର୍ଭାଗ୍ୟଜନକ । ଏହା କଣ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କର ଆଚରଣ ଓ ବ୍ୟବହାର ବୋଲି ସେ ପ୍ରଶ୍ନ କରିଛନ୍ତି।

## ସାର୍ବଜନୀନ ହେଉ ତଥ୍ୟ: ବିଜେଡି

**ଭୁବନେଶ୍ୱର, ୨୨।୫ (ସମିସ):** ଓଡ଼ିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି। କେନ୍ଦ୍ର ଓ ଛତିଶଗଡ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନ ମିଳିବାରୁ ଓଡ଼ିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ପରେ ଅଦାଲତଙ୍କ ନିର୍ଦ୍ଦେଶରେ ଆନ୍ତରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି।। ରାଜ୍ୟରେ ବିଜେପି ସରକାର ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କରିଥିବା ଘୋଷଣା ବି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ମାତ୍ର ଏବେ ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯାଉଥିବା ନେଇ ଚର୍ଚ୍ଚା ହେଉଛି। ତେଣୁ ସରକାର ଟ୍ରିବ୍ୟୁନାଲରେ କେଉଁ ତଥ୍ୟ ରଖିଛନ୍ତି ଓ ଓଡ଼ିଶାର ମହାନଦୀରେ ଉପଲବ୍ଧ ଜଳରାଶି ସଂକ୍ରାନ୍ତ ତଥ୍ୟକୁ ସାର୍ବଜନୀନ କରନ୍ତୁ ବୋଲି ବିଜେଡି ଦାବି କରିଛି ।

**ବିଭ୍ରାନ୍ତିକର ତଥ୍ୟ ଓଡ଼ିଶା ଓ ନଦୀ ରକ୍ଷାର ପରିପନ୍ଥୀ**

**ଟ୍ରିବ୍ୟୁନାଲରେ ସଠିକ୍ ତଥ୍ୟ ଉପସ୍ଥାପନ କରାଯାଉ**

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି କହିଛନ୍ତି ଯେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ବିଜେପି ସରକାରଙ୍କ କୌଣସି ସ୍ପଷ୍ଟ ଆଭିମୁଖ୍ୟ ନାହିଁ। ରାଜ୍ୟ ବିଜେପି ସରକାର ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ବସିଛି । ଛତିଶଗଡ଼ ଓଡ଼ିଶା ସରକାରଙ୍କ କଥାକୁ ଶୁଣିବାକୁ ପ୍ରସ୍ତୁତ ନୁହେଁ ଓ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନୀରବଦ୍ରଷ୍ଟା । ରାଜ୍ୟ ବିଜେପି ସରକାରଙ୍କ କେନ୍ଦ୍ର ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ନାହିଁ । ଛତିଶଗଡ଼ ଏବେ ଅଧିକ ଜଳ ରୋକିବା ପାଇଁ ତଳ ଅଞ୍ଚଳରେ ଓ ଉପ ନଦୀରେ ମଧ୍ୟ ଚେକ୍ ଡ୍ୟାମ ଓ ବାଲି ବନ୍ଧ ନିର୍ମାଣ କରୁଛି । ଗୋଟିଏ ପଟେ ଓଡ଼ିଶାର ଲୋକେ ପାଣି ମୁନ୍ଦିଏ ପାଇବା ପାଇଁ ତହଳ ବିକଳ ହେଉଛନ୍ତି, ଆର ପଟରେ ଛତିଶଗଡ଼ ଶିଳ୍ପକୁ ଜଳ ବିକ୍ରି କରୁଛି। ମହାନଦୀ ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ଓଡ଼ିଶା ଓ ଛତିଶଗଡ଼ ପକ୍ଷରୁ ମହାନଦୀରେ ଉପଲବ୍ଧ ଜଳରାଶି ସଂକ୍ରାନ୍ତୀୟ ତଥ୍ୟ ଉପସ୍ଥାପନ କରିଛନ୍ତି ବୋଲି ଘୋଷଣା କରାଯାଇଛି। ମହାନଦୀ ଜଳରାଶି ସଂକ୍ରାନ୍ତୀୟ ଯେଉଁ ତଥ୍ୟ ୨ଟି ରାଜ୍ୟ ଉପସ୍ଥାପିତ କରିଛନ୍ତି, ତାହା ସାର୍ବଜନୀନ ହେବା ଦରକାର ବୋଲି ବିଜୁ ଜନତା ଦଳ ମନେକରେ । ଟ୍ରିବ୍ୟୁନାଲରେ ଉପସ୍ଥାପିତ ତଥ୍ୟ ସମ୍ପର୍କରେ ଗତ୨୦ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ସୁଯୋଗ ନ ମିଳିବାରୁ ଆଜି 'ମହାନଦୀ ବଞ୍ଚାଓ ଆନ୍ଦୋଳନ'ର କର୍ମକର୍ତ୍ତାଗଣ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କ ସହିତ ଆଲୋଚନା କରିବାକୁ ପ୍ରୟାସ କରି ବିଫଳ ହୋଇଛନ୍ତି। କମିଶନରେଟ ପୁଲିସ ଆନ୍ଦୋଳନରତ କର୍ମୀମାନଙ୍କୁ ସେଠାରୁ ଅଗଣତାନ୍ତ୍ରିକ ଭାବେ ବଳପୂର୍ବକ ଉଠାଇ ନେଇଛି । ତେଣୁ ରାଜ୍ୟ ସରକାର କିଛି ତଥ୍ୟ ଲୁଚାଇବା ପାଇଁ ଅପଚେଷ୍ଟା କରୁଥିବା ସନ୍ଦେହ ହେଉଛି। ଯଦି ରାଜ୍ୟ ସରକାର ମହାନଦୀ ଜଳରାଶି ଉପରେ ସଠିକ୍ ତଥ୍ୟ ଦେଉଛନ୍ତି, ତାହେଲେ ତାହାକୁ ସାର୍ବଜନୀନ କରିବାରେ ଅସୁବିଧା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି ।

## ବିଜୁଳି କର୍ମଚାରୀଙ୍କ ଉପରେ 'ଏସ୍ମା'

**ଭୁବନେଶ୍ୱର,୨୨।୫(ସମିସ):** ବିଦ୍ୟୁତ ସେବା ସହ ଜଡ଼ିତ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାରେ କର୍ମଚାରୀଙ୍କ ଧର୍ମଘଟ ଉପରେ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରତିବନ୍ଧକ ଲଗାଇଛନ୍ତି। ଏହି ପ୍ରତିବନ୍ଧକ ଆଗାମୀ ୬ ମାସ ଯାଏଁ ବଳବତ୍ତର ରହିବ। ଗୁରୁବାର ଗୃହ ବିଭାଗ ପକ୍ଷରୁ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

**ଅନଧିକୃତ ଅନୁପସ୍ଥିତି ଧର୍ମଘଟ ପରିସରଭୁକ୍ତ**

**୬ ମାସ ପର୍ଯ୍ୟନ୍ତ ନିର୍ଦ୍ଦେଶନାମା ବଳବତ୍ତର**

ଓଡ଼ିଶା ଅତ୍ୟାବଶ୍ୟକ ସେବା (ରକ୍ଷଣାବେକ୍ଷଣ) ଆକ୍ଟ, ୧୯୮୮ର ଧାରା ୩(୧) ଅନୁଯାୟୀ ଏହି ନିଷେଧାଦେଶ ଜାରି କରାଯାଇଛି। ଜନସାଧାରଣଙ୍କ ସ୍ୱାର୍ଥ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶାନ୍ତି ରକ୍ଷା କରିବା ସହ ବିଦ୍ୟୁତ ଉତ୍ପାଦନ, ସଞ୍ଚାରଣ ଏବଂ ବଣ୍ଟନ ପ୍ରକ୍ରିୟାକୁ ସ୍ୱାଭାବିକ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିର୍ଦ୍ଦେଶ ଅନୁସାରେ ଗ୍ରୀଡ୍‌କୋ, ଓପିଟିସିଏଲ୍, ଓଏଚ୍‌ପିସି, ଓପିଜିସି, ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀ ଏବଂ ରାଜ୍ୟରେ କାର୍ଯ୍ୟରତ ଅନ୍ୟ ସମସ୍ତ ବିଦ୍ୟୁତ ଉତ୍ପାଦନକାରୀ ସଂସ୍ଥା ଉପରେ ଏହା ଲାଗୁ ହେବ। ସରକାରଙ୍କ ସୂଚନା ଅନୁସାରେ କେବଳ ସଂଘବଦ୍ଧ ଭାବେ କାର୍ଯ୍ୟ ବନ୍ଦ କରିବା ନୁହେଁ, କୌଣସି ଆଲୋଚନା ବା ବୁଝାମଣା ଭିତ୍ତିରେ କର୍ତ୍ତବ୍ୟରୁ ଅନଧିକୃତ ଭାବେ ଅନୁପସ୍ଥିତ ରହିବା କିମ୍ବା କାର୍ଯ୍ୟ କରିବାକୁ ମନା କରିବାକୁ ମଧ୍ୟ 'ଧର୍ମଘଟ' ପରିସରଭୁକ୍ତ କରାଯିବ।

## ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅବସର ଗ୍ରହଣ

**କଟକ, ୨୨।୫ (ସମିସ):** ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଆଜି ଅବସର ନେଇଛନ୍ତି। ଆଜି ହାଇକୋର୍ଟରେ ତାଙ୍କ ଶେଷ କାର୍ଯ୍ୟ ଦିବସ ଥିବା ବେଳେ ତାଙ୍କୁ ହାଇକୋର୍ଟଙ୍କ ପୂର୍ଣ୍ଣ ପୀଠ ଓ ବାର୍ ଆସୋସିଏସନ୍ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନଙ୍କ ସମେତ ସମସ୍ତ ବିଚାରପତି, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡିଏସଜିଆଇ ପ୍ରସନ୍ନ କୁମାର ପାଢ଼ୀ, ହାଇକୋର୍ଟ ବାର୍ ସଭାପତି ଲଲାଟେନ୍ଦୁ ସାମନ୍ତରାୟ ପ୍ରମୁଖ ଜଷ୍ଟିସ ବେହେରାଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରିଥିଲେ। ପ୍ରକାଶଥାଉକି ଗତ ୨୦୨୩ ସେପ୍ଟେମ୍ବର ୫ରେ ଜଷ୍ଟିସ୍ ବେହେରା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ସ୍ୱର୍ଗତ ଗଙ୍ଗାଧର ବେହେରା ଓ ସ୍ୱର୍ଗତା ସାବିତ୍ରୀ ବେହେରାଙ୍କ ପୁତ୍ର ଜଷ୍ଟିସ୍ ବେହେରା ୧୯୬୪ ମେ' ୨୩ରେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ୧୯୮୯ରେ ମୟୂରଭଞ୍ଜ ଲ' କଲେଜରୁ ସେ ଏଲ.ଏଲ.ବି. ଡିଗ୍ରି ହାସଲ କରିବା ପରେ ଓକିଲାତି ପେସାରେ ଯୋଗ ଦେଇଥିଲେ। ସେ ବାଲେଶ୍ୱର ବାର୍ ଆସୋସିଏସନ୍‌ର ଯୁଗ୍ମ ସଂପାଦକ ହୋଇଥିଲେ।



## କେବଳ ପୀଡ଼ିତା ଓ ତାଙ୍କ ପିତାମାତାଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବନି: ହାଇକୋର୍ଟ

**ଦୁଷ୍କର୍ମ ଅଭିଯୁକ୍ତକୁ ନିମ୍ନ ଅଦାଲତଙ୍କ ଦୋଷୀ ସାବ୍ୟସ୍ତ ଆଦେଶ ରଦ୍ଦ**

**କଟକ,୨୨।୫(ସମିସ):** ଦୁଷ୍କର୍ମ ଘଟଣାରେ ଯେତେବେଳେ କୌଣସି ସ୍ୱାଧୀନ ସାକ୍ଷୀ ସମର୍ଥନ କରିନାହାନ୍ତି ଏବଂ ସନ୍ତୋଷଜନକ କାରଣ ନ ଥାଇ ଏତଲା ଦାୟର କରିବାରେ ମଧ୍ୟ ବିଳମ୍ବ ଘଟିଛି; ଏଭଳି ସ୍ଥିତିରେ କେବଳ ପୀଡ଼ିତା ଏବଂ ତାଙ୍କ ପିତାମାତାଙ୍କ ବୟାନକୁ ଆଧାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ହାଇକୋର୍ଟ ଜଣେ ଦୁଷ୍କର୍ମ ଅଭିଯୁକ୍ତକୁ ଦୋଷମୁକ୍ତ କରିବା ସହ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରମାଣ ଅଭାବ ଏବଂ ପୀଡ଼ିତାଙ୍କ ବୟସ ନିର୍ଦ୍ଧାରଣ ପ୍ରକ୍ରିୟାରେ ତ୍ରୁଟି ଯୋଗୁଁ ଅଭିଯୁକ୍ତକୁ 'ସନ୍ଦେହର ଲାଭ' ପ୍ରଦାନ କରାଯାଇଛି। ବାଲେଶ୍ୱରର ସ୍ୱତନ୍ତ୍ର ଜଜ୍ (ପୋକ୍ସୋ କୋର୍ଟ)ଙ୍କ ଦୋଷୀ ସାବ୍ୟସ୍ତ ଓ ଦଣ୍ଡାଦେଶକୁ ଚାଲେଞ୍ଜ କରି ଅଗସ୍ତା ସିଂହ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ପୋକ୍ସୋ ମାମଲାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପୀଡ଼ିତାଙ୍କ ନାବାଳିକା ହେବାର ପ୍ରମାଣ। ପ୍ରସିକ୍ୟୁସନ୍ ପକ୍ଷରୁ ସ୍କୁଲ ଆଡମିଶନ୍ ରେଜିଷ୍ଟର୍ ଉପସ୍ଥାପନ କରାଯାଇଥିଲା। ମାତ୍ର ଏହା ପୀଡ଼ିତା ପ୍ରଥମେ ପଢ଼ିଥିବା ସ୍କୁଲର ଦସ୍ତାବିଜ୍ ବୋଲି ପ୍ରମାଣିତ ହୋଇପାରିନଥିଲା।

ମାମଲାର ବିବରଣୀ ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଏକ ଦୁଷ୍କର୍ମ ମାମଲାରେ ବାଲେଶ୍ୱରର ସ୍ପେଶାଲ ଜଜ୍ (ପୋକ୍ସୋ କୋର୍ଟ) ଗତ ୨୦୨୦ ଫେବ୍ରୁଆରୀ ୧୭ରେ ଅଭିଯୁକ୍ତ ଅଗସ୍ତ ସିଂକୁ ଦୋଷୀ ସାବ୍ୟସ୍ତ କରି ଆଇପିସି ଧାରା ୩୭୬(୨)(ନ) ଅଧୀନରେ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଏତଲା ଅନୁଯାୟୀ, ପୀଡ଼ିତାଜଣଙ୍କ ଅଷ୍ଟମ ଶ୍ରେଣୀର ଛାତ୍ରୀ ଥିଲେ ଏବଂ ତାଙ୍କ ବୟସ ପ୍ରାୟ ୧୪ବର୍ଷ ବୋଲି ଦର୍ଶାଯାଇଥିଲା। ୨୦୧୭ ଅଗଷ୍ଟ ୧୫ରେ ଅଭିଯୁକ୍ତ ତାଙ୍କୁ ଚକୋଲେଟ୍ ଦେଇ ଅଚେତ କରିଦେବା ପରେ ଟ୍ରେନ ଓ ବାଇକ୍ ଯୋଗେ ଅପହରଣ କରିନେଇଥିଲା ଏବଂ ତାଙ୍କ ସହ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲା ବୋଲି ପୀଡ଼ିତା କୋର୍ଟରେ ବୟାନ ଦେଇଥିଲେ। ପ୍ରମାଣ ଅଭାବରୁ ନିମ୍ନ ଅଦାଲତଙ୍କ ଦ୍ୱାରା ଦିଆଯାଇଥିବା ୨୦ବର୍ଷର ଦଣ୍ଡାଦେଶ ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଆବେଦନକାରୀଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜମି ପଟ୍ଟାରେ ବ୍ରିଟିଶ ଅମଳର ପୁରୁଣା ଶବ୍ଦଗୁଡ଼ିକର ବର୍ତ୍ତମାନ ପ୍ରାସଙ୍ଗିକତା ନାହିଁ

**ପଟ୍ଟାଦାର ବଦଳରେ ଜମିକୁ ସ୍ଥିତିବାନ ରେକର୍ଡ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**କଟକ, ୨୨।୫(ସମିସ):** ଜମି ରେକର୍ଡରେ ପ୍ରାକ୍-ସ୍ୱାଧୀନତା ଏବଂ ବ୍ରିଟିଶ ଅମଳର 'ଦଖଲ ସତ୍ତ୍ୱ ଶୂନ୍ୟ', 'ଦଖଲ ସତ୍ତ୍ୱ ବିଶିଷ୍ଟ' ଭଳି ପୁରୁଣା ଶବ୍ଦଗୁଡ଼ିକର ବର୍ତ୍ତମାନ ଯୁଗରେ କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏପରିକି ଡାଲଜିଏଲ୍ ରିପୋର୍ଟରେ ମଧ୍ୟ ଏହି ଜମିଗୁଡ଼ିକୁ ସରଳୀକରଣ କରି 'ସ୍ଥିତିବାନ' କରିବାକୁ ପରାମର୍ଶ ଦିଆଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି ଅଦାଲତ। ଗାର୍ଗୀ ଦାଶ ଓ ଅନ୍ୟ ୧୮ ଜଣଙ୍କ ତରଫରୁ ରୁଜୁ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ରାୟ ଦେଇଛନ୍ତି। ଏଥିସହ ତହସିଲଦାରଙ୍କ ଦ୍ୱାରା ଜମିର ସ୍ଥିତିକୁ 'ପଟ୍ଟାଦାର'କୁ ପରିବର୍ତ୍ତନ କରିବା ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। ସେହିଭଳି ଆବେଦନକାରୀଙ୍କ ଜମିକୁ 'ସ୍ଥିତିବାନ' ଭାବେ ରେକର୍ଡ କରି ପଟ୍ଟା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ୬ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବା ସହ ଆବେଦନକାରୀଙ୍କ ସପକ୍ଷରେ ନୂତନ ପଟ୍ଟା ଜାରି କରିବାକୁ ଅଦାଲତ କହିଛନ୍ତି।

ହାଇକୋର୍ଟ କହିଛନ୍ତି ଯେ ଏକ ଜମିର ଘରବାଡ଼ି ରୂପାନ୍ତରଣ ପରେ ଲିଜ୍ ସ୍ଥିତିର ଅବସାନ ଘଟିଥାଏ। ସେତେବେଳେ ଏହା ଜମି ମାଲିକଙ୍କ ସ୍ଥାୟୀ ଦଖଲ ଅଧିକାରକୁ ସ୍ୱୀକୃତି ଦେଇଥାଏ ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭୁବନେଶ୍ୱର ତହସିଲ ଅନ୍ତର୍ଗତ ତୁଳସୀଦେଇପୁର ମୌଜାରେ ମୂଳ ଲିଜ୍‌ଧାରୀଙ୍କଠାରୁ ଜମି କ୍ରୟ କରି ନିଜ ନାମରେ ମ୍ୟୁଟେସନ୍ କରିଥିଲେ। ଓଡ଼ିଶା ଭୂ-ସଂସ୍କାର ଆଇନର ଧାରା ୮-ଏ ଅନୁଯାୟୀ ଏହି କୃଷି ଜମିକୁ ଘରବାଡ଼ି କିସମକୁ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ତହସିଲଦାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଆରଓଆରରେ ଏହାର ସ୍ଥିତି 'ଦଖଲ ସତ୍ତ୍ୱ ଶୂନ୍ୟ' ବୋଲି ଦର୍ଶାଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ଗତ ୨୦୨୫ ଜୁଲାଇ ୨ର ଏକ ବିଜ୍ଞପ୍ତିକୁ ଆଧାର କରି ଭୁବନେଶ୍ୱର ତହସିଲଦାର ଏହି ଜମିଗୁଡ଼ିକର ସ୍ଥିତିକୁ 'ଦଖଲ ସତ୍ତ୍ୱ ଶୂନ୍ୟ'ରୁ ବଦଳାଇ 'ପଟ୍ଟାଦାର' କରିଦେଇଥିଲେ, ଯାହାକୁ ଆବେଦନକାରୀମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।



ମହାପ୍ରଭୁଙ୍କୁ ଦର୍ଶନ କରିବା ଅବସରରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ ମିକ୍କା ସିଂ

## ୨୬ରୁ ଯୁକ୍ତ ୨ ନାମଲେଖା ଆବେଦନ | ଜୁଲାଇ ୨୩ରୁ ପାଠପଢ଼ା

**ଭୁବନେଶ୍ୱର, ୨୨।୫ (ସମିସ):** ଯୁକ୍ତ ୨ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୬ ତାରିଖଠାରୁ ପ୍ରାୟ ମାସେରୁ ଅଧିକ ଅର୍ଥାତ୍ ଜୁନ୍ ୩୦ ତାରିଖ ଯାଏଁ ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଜୁଲାଇ ୮ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ଜୁଲାଇ ୯ରୁ ୧୫ ତାରିଖ ମଧ୍ୟରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ। ଆବେଦନ ବେଳେ ଦେଇଥିବା ଉପରିସ୍ଥ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଆଗ୍ରହୀ ଥିଲେ ୧୬ତାରିଖ ମଧ୍ୟରେ ସ୍ଲାଇଡ୍-ଅପ୍ ଅପସନ୍ ଦେଇପାରିବେ। ଏହାପରେ ଜୁଲାଇ ୨୩ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୪ରୁ ୨୮ ତାରିଖ ମଧ୍ୟରେ ନାମ ଲେଖାଇବେ। ଏହା ପରେ ସ୍ପଟ୍ ନାମଲେଖା ପାଇଁ ଜୁଲାଇ ୩୦ରୁ ଅଗଷ୍ଟ ୨ତାରିଖ ମଧ୍ୟରେ ପିଲାମାନେ ଚଏସ୍ ଲକିଂ କରିବେ। ୬ତାରିଖରେ ଏହାର ମେଧା ତାଲିକା ପ୍ରକାଶ ପାଇବା ପରେ ୭ରୁ ୧୨ତାରିଖ ମଧ୍ୟରେ ସେମାନେ ନାମ ଲେଖାଇ ପାରିବେ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଷୟରେ ପଢ଼ିବାକୁ ଛାତ୍ରଛାତ୍ରୀମାନେ ସାମସ୍ ପୋର୍ଟାଲ୍‌ରେ ଆବେଦନ କରିପାରିବେ। ସାଧାରଣ ବର୍ଗ, ଏସ୍‌ଇବିସି ଓ ଓବିସି ପିଲାଙ୍କ ପାଇଁ ଆବେଦନ ଫି' ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏସ୍‌ଟି ଓ ଏସ୍‌ସି ବର୍ଗର ପିଲାଙ୍କ ଫି' ଶହେ ଟଙ୍କା ରହିଛି। ଦିବ୍ୟାଙ୍ଗ ପିଲାଙ୍କ ପାଇଁ କୌଣସି ଆବେଦନ ଶୁଳ୍କ ନିଆଯିବ ନାହିଁ। ଅପରପକ୍ଷରେ, ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପରେ ଅର୍ଥାତ୍ ଜୁଲାଇ ୨୩ ତାରିଖଠାରୁ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଲକ୍ଷ୍ୟ ରଖିଛି।

## ଟିଗିରିଆରେ ବିଧାୟକଙ୍କ ପ୍ରତି ବିଜେପି କର୍ମୀଙ୍କ ଅସହିଷ୍ଣୁତା

# ବିଧାୟକ ରଣେନ୍ଦ୍ରଙ୍କୁ ଅଣ୍ଡା ଓ ବୋତଲ ମାଡ଼

**ଟିଗିରିଆ, ୨୨।୫ (ସମିସ):** ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠଗଡ଼ ଏନ୍‌ଏସି ଏବଂ ଟିଗିରିଆ ବ୍ଲକ୍ ଅଞ୍ଚଳରେ ରାଜନୈତିକ ଅସ୍ଥିରତା ଓ ଅସହିଷ୍ଣୁତା ଚରମସୀମାରେ ପହଞ୍ଚିଛି। ରାଜ୍ୟରେ କ୍ଷମତାରେ ଥାଇ ମଧ୍ୟ ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) କର୍ମକର୍ତ୍ତାମାନେ କୌଣସି କ୍ଷମତା ଭୋଗ କରିପାରୁନାହାନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ ବିରୋଧୀମାନେ ନିଜର କ୍ଷୋଭକୁ ସମ୍ଭାଳି ନପାରି ବିଭିନ୍ନ ସଭା ସମିତି ତଥା ସରକାରୀ କାର୍ଯ୍ୟକ୍ରମରେ ଆଠଗଡ଼ର ବରିଷ୍ଠ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ରାଜା ସ୍ୱାଇଁ)ଙ୍କୁ ଖୁଲମଖୁଲ୍ଲା ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ଶୁକ୍ରବାର ଟିଗିରିଆ ପଞ୍ଚାୟତ ସମିତି ବୈଠକକୁ ଯୋଗଦେବାକୁ ଆସୁଥିବା ବେଳେ ବିଧାୟକ ଶ୍ରୀ ସ୍ୱାଇଁଙ୍କୁ ଆକ୍ରମଣ ଓ ବିରୋଧର ସାମ୍ନା କରିବାକୁ ପଡ଼ିଛି। ସ୍ପଷ୍ଟ ଦିବାଲୋକରେ ବିଧାୟକଙ୍କ ଗାଡ଼ି ଉପରକୁ ଅଣ୍ଡା ଓ ପାଣି ବୋତଲ ମାଡ଼ କରାଯିବା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତି ଆଙ୍ଗୁଠି ଉଠାଇଛି।



ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଟିଗିରିଆ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନରେ ଯୋଗଦେବା ପାଇଁ ବିଧାୟକ ନୂଆସଡ଼କ ଛକରେ ପହଞ୍ଚିଥିଲେ। ସେଠାରୁ ଟିଗିରିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ତାଙ୍କୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ପାଞ୍ଚଗାଁସ୍ଥିତ ବ୍ଲକ କାର୍ଯ୍ୟାଳୟକୁ ଅଣାଯାଉଥିଲା। ମାତ୍ର ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ହନୁମାନ ମନ୍ଦିର ଛକ ନିକଟରେ ପୂର୍ବରୁ ଠେଙ୍ଗାବାଡି, ଅଣ୍ଡା ଓ ବୋତଲ ଧରି ଛକି ବସିଥିବା ବିଜେପି କର୍ମୀମାନେ ହଠାତ୍ ବିଧାୟକଙ୍କ ଗାଡ଼ି ଉପରକୁ ଆକ୍ରମଣ କରିବା ସହ ଅଣ୍ଡା ଓ ବୋତଲ ମାଡ଼ କରିଥିଲେ। ଏଥିସହ ବିଧାୟକଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରାଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଉଭୟ ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ତୀବ୍ର ଉଚ୍ଚବାଚ ଏବଂ ଧସ୍ତାଧସ୍ତି ହୋଇଥିଲା। ସେଠାରେ ଉପସ୍ଥିତ ଥିବା ଟିଗିରିଆ ଥାନା ଅଧିକାରୀ ରମାକାନ୍ତ ନାୟକ ଓ ପୁଲିସ ଫୋର୍ସଙ୍କ ତ୍ୱରିତ ହସ୍ତକ୍ଷେପ ଫଳରେ ବିଧାୟକଙ୍କୁ ସୁରକ୍ଷିତ ଭାବେ ପଞ୍ଚାୟତ ସମିତି ଗୃହକୁ ଅଣାଯାଇଥିଲା। ପରେ ପରିସ୍ଥିତି ସାମାନ୍ୟ ସ୍ୱାଭାବିକ ହୋଇଥିଲା। ବିଧାୟକ ଏହି ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଆଠଗଡ଼ ଡିଏସ୍‌ପି ତଥା ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସଙ୍କ ଉପସ୍ଥିତିରେ ଏଭଳି କାଣ୍ଡ ଘଟିଥିବାରୁ ବିଜେଡି କର୍ମୀମାନେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।

**ସମିତି ବୈଠକକୁ ଆସିବା ସମୟରେ ଗଣ୍ଡଗୋଳ**

**ଅଳ୍ପକେ ବର୍ତ୍ତିଲେ ରାଜା ସ୍ୱାଇଁ**

**ପୁଲିସ ସାମ୍ନାରେ ବିଜେପି-ବିଜେଡି କର୍ମୀ ମୁହାଁମୁହିଁ**

**ଏସିଡ୍ ବୋତଲ ଫୋପାଡ଼ିବା ନେଇ ଥାନାରେ ଅଭିଯୋଗ**

ବିଜେଡି ପକ୍ଷରୁ ବିଜେପି କର୍ମୀଙ୍କ ବିରୋଧରେ ଟିଗିରିଆ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ବିଧାୟକଙ୍କ ଗାଡ଼ିକୁ ଲକ୍ଷ୍ୟ କରି ଜୀବନରେ ମାରିଦେବା ଉଦ୍ଦେଶ୍ୟରେ 'ଏସିଡ୍ ବୋତଲ' ଫୋପାଡ଼ିବା ଏବଂ ଏହାକୁ ବିରୋଧ କରିବାରୁ ଜଣେ ବିଜେଡି ଯୁବକର୍ମୀଙ୍କୁ ଜାତିଆଣ ଆକ୍ଷେପ ସହ ଜୀବନରୁ ମାରିଦେବାକୁ ଆକ୍ରମଣ କରାଯାଇଥିବା ଏତଲାରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ବିଜେଡି କର୍ମୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ତୀବ୍ର ପ୍ରତିବାଦ କରିଥିଲେ। କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ସରକାର ଏବଂ ପୁଲିସ ପ୍ରଶାସନ ବିରୋଧରେ ଗର୍ଜି ଥିଲେ। ଆନ୍ଦୋଳନ ସମୟରେ ଉତ୍ତ୍ୟକ୍ତ ଦଳୀୟ କର୍ମୀ ଏବଂ ଘଟଣାସ୍ଥଳକୁ ଆସିଥିବା ଏସଡିପିଓ ବିଶ୍ୱଜିତ ମହାନ୍ତିଙ୍କ ମଧ୍ୟରେ କିଛି ସମୟ ଧରି ଉଚ୍ଚବାଚ ହୋଇଥିଲା। ପରେ ଏସ୍‌ଡିପିଓ ଶ୍ରୀ ମହାନ୍ତି ବିଜେଡି କର୍ମୀମାନଙ୍କୁ ବୁଝାସୁଝା କରିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଫାଟିଲା ପେଟ୍ରୋଲ ପାଇପ୍



**ପାରାଦୀପ, ୨୨।୫ (ସମିସ):** ପାରାଦୀପ ବନ୍ଦର ପୁରୁଣା ୧ନମ୍ବର ଗେଟ୍ ପାଖରେ ଥିବା ନିଷିଦ୍ଧାଞ୍ଚଳ ମଧ୍ୟରେ ଆଜି ପେଟ୍ରୋଲ ପାଇପ୍ ଫାଟିଯିବାରୁ ହଜାରହଜାର ଲିଟର ତେଲ ବୋହି ସେଠାରେ ଥିବା ଏକ ଖାଲରେ ମିଶିଯାଇଛି। ଏହି ତେଲ ଜାହାଜରୁ ପାଇପ୍ ଯୋଗେ ତୈଳ ଟର୍ମିନାଲକୁ ଯାଉଥିଲା। ତେବେ ପାଇପ୍‌ରେ ଯିବା ବେଳେ ଅଧିକ ପ୍ରେସର ହେବା ଯୋଗୁଁ ପାଇପ୍ ଫାଟି ଯାଇଥିବା ଅନୁମାନ କରାଯାଉଛି। ଖବର ପାଇ ପୋର୍ଟ ସିଆଇଏସ୍‌ଏଫ, ଅଗ୍ନିଶମ ବିଭାଗ, ଆଇଓସିଏଲ୍ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁ ଲାଗିବାର ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଭାବେ କଡ଼ାକଡ଼ି କରାଯାଇଥିଲା। ତେବେ ଏହି ତେଲ ଆଇଓସିଏଲ ତୈଳ ଟର୍ମିନାଲକୁ ଯାଉଥିବା ନେଇ ସୂଚନା ମିଳିଛି। ଖବର ପାଇ କମ୍ପାନୀ ପକ୍ଷରୁ ଟେକ୍ନୋଲୋଜି ମାଧ୍ୟମରେ ଏହି ଫାଟ ସ୍ଥାନକୁ ଚିହ୍ନଟ କରି ମରାମତି କରିଦିଆଯାଇଥିଲା। ତେବେ ସକାଳ ପାଖାପାଖି ୮ଟା ହେବ ଏହି ଘଟଣା ଘଟିଥିଲେ ମଧ୍ୟ ଅପରାହ୍ନ ସୁଦ୍ଧା ଏହାର ମରାମତି କାର୍ଯ୍ୟ ଶେଷ ହୋଇଥିଲା। ଏହି ପାଇପ୍‌ରେ କିଭଳି ତେଲ ଲିକ୍ ହେଲା ତାକୁ ନେଇ କମ୍ପାନୀ ପକ୍ଷରୁ ତଦନ୍ତ ଜାରି ରହିଛି।

**ବୋହିଗଲା ହଜାର ହଜାର ଲିଟର ତେଲ**

## କିଶାନ, କ୍ଲାସେନ ଓ ଅଭିଷେକଙ୍କ ଅର୍ଦ୍ଧଶତକ

# ଗୁଜରାଟ ଓ ବେଙ୍ଗାଲୁରୁ ମଧ୍ୟରେ ପ୍ରଥମ କ୍ୱାଲିଫାୟର



ହାଇଦରାବାଦ,୨୨।୫(ଏଜେନ୍ସି): ଇଶାନ କିଶାନ, ହେନ୍‌ରିକ୍ କ୍ଲାସେନ ଓ ଅଭିଷେକ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୫୫ ରନ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହି ମୁକାବିଲା ପରେ ପ୍ରଥମ ୩ଟି ସ୍ଥାନରେ ଥିବା ଦଳର ପଏଣ୍ଟ ସଂଖ୍ୟା ସମାନ ୧୮ରେ ପହଞ୍ଚିଛି। କିନ୍ତୁ ଉନ୍ନତ ନେଟ୍‌ରନ୍‌ରେଟ୍‌ରେ ବେଙ୍ଗାଲୁରୁ (+୦.୭୮୩) ପ୍ରଥମ, ଗୁଜରାଟ ଟାଇଟାନ୍ସ (+୦.୬୯୫) ଦ୍ୱିତୀୟ ଓ ସନ୍‌ରାଇଜର୍ସ ହାଇଦରାବାଦ୍ (+୦.୫୨୪) ତୃତୀୟ ସ୍ଥାନରେ ରହିଛି। ଆଇପିଏଲ୍ ପ୍ଲେ ଅଫ୍‌ର ନିୟମ ଅନୁଯାୟୀ ପଏଣ୍ଟ ଟେବୁଲର ପ୍ରଥମ ଦୁଇଟି ଦଳ ମଧ୍ୟରେ କ୍ୱାଲିଫାୟର-୧ ଖେଳାଯିବ। ଏଣୁ ହିମାଚଳ ପ୍ରଦେଶର ଧର୍ମଶାଳାରେ ଆସନ୍ତା ୨୬ ତାରିଖରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାଲିଫାୟର ମୁକାବିଲାରେ ବେଙ୍ଗାଲୁରୁ ସହ ଗୁଜରାଟର ମୁକାବିଲା ହେବ। ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଚତୁର୍ଥ ଦଳ ସହ ହାଇଦରାବାଦ୍ ମୁଲାନପୁରରେ ୨୭ ତାରିଖ ଦିନ ଏଲିମିନେଟରରେ ମୁକାବିଲା କରିବ। ମୁଲାନପୁରରେ ୨୯ ତାରିଖ ଦିନ ଦ୍ୱିତୀୟ କ୍ୱାଲିଫାୟର ଏବଂ ୩୧ରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ବିନିମୟରେ କରିଥିଲା୨୫୫ ରନ୍। ଦଳ ପକ୍ଷରୁ ଇଶାନ କିଶାନ ୪୬ବଲ୍‌ରେ ୮ଚୌକା ଓ ୩ଛକା ସହ ସର୍ବାଧିକ ୭୯ ଓ ହେନ୍‌ରିକ୍ କ୍ଲାସେନ ୨୪ ବଲ୍‌ରେ ୨ ଚୌକା ଓ ୫ଛକା ସହ ୫୧ ରନ୍ କରିଥିଲେ। ଏମାନେ ତୃତୀୟ ୱିକେଟ ଭାଗୀଦାରିରେ ୪୮ ବଲ୍‌ରୁ ୧୧୩ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଅଭିମୁଖେ ନେଇଯାଇଥିଲେ। ପୂର୍ବରୁ ଦଳର ଦୁଇ ଓପନର ଅଭିଷେକ ଶର୍ମା ୨୨ ବଲ୍‌ରେ ୪ ଚୌକା ଓ ୫ଛକା ସହ ୫୬ ଓ ଟ୍ରାଭିସ ହେଡ୍ ୧୬ ବଲ୍‌ରେ ୫ ଚୌକା ସହ ୨୬ ରନ୍ କରି ଆଉଟ ହୋଇଥିଲେ। ଅଭିଷେକ ଓ ହେଡ୍ ପ୍ରଥମ ୱିକେଟରୁ ୪ ଓଭରରେ ୪୫, ଅଭିଷେକ ଓ ଇଶାନ ଦ୍ୱିତୀୟ ୱିକେଟରେ ୨୬ ବଲ୍‌ରୁ ୫୨ରନ୍ ଉଠାଇ ଦଳକୁ ଭଲ ଆରମ୍ଭ ଦେଇଥିଲେ। ଜବାବରେ ୨୫୬ ରନ୍‌ର ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଭଲ ଆରମ୍ଭ କରିଥିଲା। ଭେଙ୍କଟେଶ ଆୟର ୧୯ବଲ୍‌ରେ ୪ଟି ଲେଖାଏଁ ଚୌକା ଓ ଛକା ସହ ୪୪, ବିରାଟ କୋହଲି ୧୫ ଓ ଦେବଦତ୍ତ ପାଡିକଲ ୨୧ରନ୍‌ରେ ଆଉଟ ହେବା ପରେ ବେଙ୍ଗାଲୁରୁର ଦମ୍ଭ ଭାଙ୍ଗିଯାଇଥିଲା। ରଜତ ପାଟିଦାର ଓ କୃନାଲ ପାଣ୍ଡ୍ୟା ଚତୁର୍ଥ ୱିକେଟରୁ ୫୭ବଲ୍‌ରେ ୮୪ରନ୍ ଉଠାଇଥିଲେ ମଧ୍ୟ ତାହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନଥିଲା। ପାଟିଦାର ୩୯ବଲ୍‌ରେ ୫୬ ଓ କୃନାଲ ୩୧ବଲ୍‌ରେ ଅପରାଜିତ ୪୧ରନ୍ କରିଥିଲେ। ଫଳରେ ହାଇଦରାବାଦ୍ ସମାନ ସଂଖ୍ୟକ ଓଭରରେ ୪ ୱିକେଟରେ ୨୦୦ରନ୍ କରିବାକୁ ସମର୍ଥ ହୋଇଥିଲା।



### ଆଜିର ଆଇପିଏଲ୍ ମ୍ୟାଚ୍

ଲକ୍ଷ୍ନୌ ବନାମ ପଞ୍ଜାବ

ଭେନ୍ୟୁ - ଲକ୍ଷ୍ନୌ

ଖେଳ ଆରମ୍ଭ : ରାତି ୭.୩୦

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ବେଙ୍ଗାଲୁରୁ | ୧୪ | ୯ | ୫ | ୦ | ୧୮ | +୦.୭୮୩ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୬୯୫ |
| ହାଇଦରାବାଦ | ୧୪ | ୯ | ୫ | ୦ | ୧୮ | +୦.୫୨୪ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦ .୦୧୧ |
| ଚେନ୍ନାଇ (ଏ) | ୧୪ | ୬ | ୮ | ୦ | ୧୨ | -୦.୩୪୫ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ (ଏ) | ୧୩ | ୪ | ୯ | ୦ | ୮ | -୦.୫୧୦ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ଆଇପିଏଲ୍‌ରୁ ବାଦ୍ ପଡ଼ିଲେ ରଘୁବଂଶୀ

କୋଲକାତା,୨୨।୫(ଏଜେନ୍ସି): କୋଲକାତା ନାଇଟ୍ ରାଇଡର୍ସ (କେକେଆର)ର ୱିକେଟକିପର-ବ୍ୟାଟର ଅଙ୍ଗକ୍ରିଶ୍ ରଘୁବଂଶୀ ଆହତ ଜନିତ ସମସ୍ୟା ଯୋଗୁଁ ଆଇପିଏଲ୍ ୨୦୨୬ର ବାକି ମାଚ୍ ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ଗତ ବୁଧବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମାଚ୍‌ରେ ଏକ କ୍ୟାଚ୍ ଧରିବା ସମୟରେ ନିଜ ସାଥୀ ଖେଳାଳି ବରୁଣ ଚକ୍ରବର୍ତ୍ତୀଙ୍କ ସହ ତାଙ୍କର ଜୋରଦାର ଧକ୍କା ହୋଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ବାମ ହାତର ଏକ ଆଙ୍ଗୁଠି ଭାଙ୍ଗି ଯାଇଛି। ସୂଚନାଯୋଗ୍ୟ ଯେ, ରଘୁବଂଶୀ ଚଳିତ ସିଜନ୍‌ରେ ୧୩ଟି ମାଚ୍‌ରୁ ୫ଟି ଅର୍ଦ୍ଧଶତକ ସହ ସର୍ବାଧିକ ୪୨୨ ରନ୍ କରି କେକେଆର୍‌ର ପ୍ରମୁଖ ବ୍ୟାଟର ରହିଥିଲେ।

■ ଫେଡେରେସନ୍ କପ୍ ଆଥଲେଟିକ୍ସ

## ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଦୀପକ

ରାଞ୍ଚି,୨୨।୫(ଏଜେନ୍ସି): ଯେଉଁ ସମୟରେ ଦୌଡାଳିମାନେ ରେସ ପୂରଣ କରିବା କଷ୍ଟକର ହେଉଛି, ସେହି ଅସହ୍ୟ ଗରମରେ ଉତ୍ତରାଖଣ୍ଡର ଦୀପକ ଭଟ୍ଟ ଏଠାରେ



ଚାଲିଥିବା ଫେଡେରେସନ କପ୍ ଆଥଲେଟିକ୍ସର ୧୦,୦୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ୧୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କିନ୍ତୁ ମାତ୍ର ୮ଜଣ ରେସ୍ ପୂରଣ କରିବାରେ ସମର୍ଥ ହୋଇଥିଲେ। ଦୀପକ ଏଠାରେ ୨୯ ମିନିଟ୍ ୪୨.୯୩ ସେକେଣ୍ଡ ସମୟନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ପ୍ରଦର୍ଶନ କରିଥିଲେ। ୪ ବର୍ଷ ତଳେ ସେନାରେ ଚାକିରି କରିବା ପରେ ସେ ଆଦୌ ପ୍ରଥମ ସ୍ଥାନ ଅଧିକାର କରି ନ ଥିଲେ। ଯାହା ଫଳରେ ଏହି ସ୍ୱର୍ଣ୍ଣପଦକ ତାଙ୍କ ଲାଗି ଯଥେଷ୍ଟ ଗୁରୁତ୍ୱ ରଖୁଛି। ଏଭଳି ସମୟରେ ସେ ଦେଶର ନଂ-୧ ରେସର ହେବାକୁ ଯୋଜନା କରିଛନ୍ତି।

ରେସ୍‌ଲିଂ ମହାସଂଘକୁ ଦିଲ୍ଲୀ ହାଇକୋର୍ଟଙ୍କ ଛାଟ

## ବିନେଶଙ୍କ ପାଇଁ ବିଶେଷଜ୍ଞ ପ୍ୟାନେଲ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି)

ଗତ କିଛିବର୍ଷ ଧରି ବିବାଦ ଓ ଚର୍ଚ୍ଚାରେ ରହିଆସିଥିବା ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆକୁ ଆଜି ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଶକ୍ତ ଧକ୍କା ଲାଗିଛି। ବିନେଶ ଫୋଗତ ମା' ହେବା ପରେ ରେସଲିଂ ଇଭେଣ୍ଟରେ ଭାଗ ନେବାକୁ ଅଯୋଗ୍ୟ ବୋଲି ମହାସଂ ଯେଉଁ ନିଷ୍ପତ୍ତି ନେଇଥିଲା ତାହାକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ଚିଫ୍ ଜଷ୍ଟିସ ଡିକେ ଉପାଧ୍ୟାୟ ଓ ଜଷ୍ଟିସ ତେଜାସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କେବଳ ଏହା ଖାରଜ କରିନାହାନ୍ତି, ବରଂ ବିନେଶ ଫୋଗତଙ୍କ ଯୋଗ୍ୟତା ପରୀକ୍ଷା କରିବା ଲାଗି ଏକ ଏକ୍ସପର୍ଟ ପ୍ୟାନେଲ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମା' ହେବା ପରେ ତାଙ୍କୁ ଅଭ୍ୟାସ କରିବାକୁ ଅନୁମତି ଦିଆଯାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଅଂଶଗ୍ରହଣ



କରିବାକୁ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ହାଇକୋର୍ଟଙ୍କ ଖଣ୍ଡପୀଠ ଅନ୍ତର୍ଜାତୀୟ ଆଥଲେଟଙ୍କୁ କିପରି ସମ୍ମାନ ଦିଆଯିବ ଓ ଏସିଆନ୍ ଗେମ୍ସ ଲାଗି ହେବାକୁ ଥିବା ସିଲେକ୍ସନ ଟ୍ରାଏଲ୍ସରେ ବିନେଶ କିପରି ଅଂଶଗ୍ରହଣ କରିପାରିବେ ତାହା ସୁନିଶ୍ଚିତ କରିବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଖେଳାଳିମାନଙ୍କୁ ମା' ହେବା ପରେ କିଛିଟା କୋହଳ କରାଯାଇଥାଏ। ବିନେଶଙ୍କ କ୍ଷେତ୍ରରେ କୋହ କରିବା ତ ଦୂରର କଥା, ଏସିଆନ୍ ଗେମ୍ସ ଲାଗି ଅନୁଷ୍ଠିତ ଟ୍ରାଏଲ୍ସରେ ଭାଗନେବାକୁ ସିଧାସଳଖ ମନା କରିଦେଇଥିଲେ। ଏହା ବିରୋଧରେ ବିନେଶ ଦିଲ୍ଲୀ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାୟର କରି ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆର ପର୍ଦ୍ଦାଫାଶ କରିବାରେ ସମର୍ଥ ହୋଇଛନ୍ତି।

## ମୁମ୍ବାଇରୁ ବିଦାହେବେ ହାର୍ଦ୍ଦିକ ପାଣ୍ଡ୍ୟା

ମୁମ୍ବାଇ,୨୨।୫ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସର କ୍ରମାଗତ ଦୁଇ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଆଶଙ୍କା ବୃଦ୍ଧି ପାଇଛି। ଆସନ୍ତା ସିଜନରେ ସେ ଅଧିନାୟକ ପଦରୁ ଅବ୍ୟାହତି ନେବେ ବୋଲି କ୍ରିକେଟ ବିଶେଷଜ୍ଞଙ୍କର ମତ। ତାଙ୍କ ଉପସ୍ଥିତିରେ ମୁମ୍ବାଇ ଇଣ୍ଡିଆନ୍ସର ଡ୍ରେସିଂ ରୁମ୍ ସଂସ୍କୃତି ନଷ୍ଟ ହୋଇଯାଇଛି। ବିଶେଷ କରି ଦଳରେ ୩ଜଣ ବରିଷ୍ଠ ଖେଳାଳି ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ ଓ ଯଶପ୍ରୀତ୍ ବୁମ୍‌ରାଙ୍କ ଉପସ୍ଥିତିରେ ହାର୍ଦ୍ଦିକ ଠିକ୍ ଭାବେ ନେତୃତ୍ୱ ନେଇ ପାରୁନାହାନ୍ତି। ଅନ୍ୟମାନଙ୍କ ମତରେ ଏହି ୩ଜଣ ଖେଳାଳି ହାର୍ଦ୍ଦିକଙ୍କ ନେତୃତ୍ୱକୁ ମାନୁ ନାହାନ୍ତି। ଏହା ଫଳରେ ଦଳରେ ପରସ୍ପର ମଧ୍ୟରେ ଅସୂୟାଭାବ ସୃଷ୍ଟି ହୋଇଛିଦ୍ଦଳର ନେତୃତ୍ୱ ନେବା ହେଉ ଅବା ବ୍ୟକ୍ତିଗତ ପ୍ରଦର୍ଶନ ଉଭୟ ବିଭାଗରେ ହାର୍ଦ୍ଦିକ ଦୟନୀୟ ଭାବେ ଫେଲ ମାରିଛନ୍ତି। ତାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ସିଜନର ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଛି। ବ୍ୟକ୍ତିଗତ ଭାବେ ସେ ୧୪୬ ରନ୍ କରିଥିଲାବେଳେ ୧୧.୯୦ ଇକୋନୋମିରେ ମାତ୍ର ୪ଟି ୱିକେଟ ପାଇଛନ୍ତି। ଏଭଳି ବିବାଦ ଓ ପ୍ରଦର୍ଶନକୁ ଦେଖିଲେ ହାର୍ଦ୍ଦିକ ପାଣ୍ଡ୍ୟା ଆଉ ମୁମ୍ବାଇର ନେତୃତ୍ୱ ନେବେ ନାହିଁ।

ଓଡ଼ିଶା ଓମେନ୍ସ ଲିଗ୍

## ଓଡ଼ିଶା ପୁଲିସ୍‌ର ବିଜୟ



ଭୁବନେଶ୍ୱର, ୨୨।୫ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୧-୦ ଗୋଲରେ ନୀତା ଆମ୍ବାନି ଫୁଟ୍‌ବଲ ଏକାଡେମୀକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ଟି ବର୍ଷା ଯୋଗୁଁ ଗତକାଲି ଶେଷ ହୋଇ ପାରି ନ ଥିଲା। ବିଜୟୀ ଓଡ଼ିଶା ପୁଲିସ୍ ଦଳ ପକ୍ଷରୁ ସତ୍ୟବତୀ ଖାଡିଆ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗତକାଲି ଭୁବନେଶ୍ୱର ଜୋନରେ ଅନୁଷ୍ଠିତ ମ୍ୟାଚରେ ମନୋରମା କ୍ଲବ ୨୨-୦ ଗୋଲ୍‌ରେ ଗଞ୍ଜାମ ଏକାଦଶକୁ ହରାଇ ବୃହତ୍ ବିଜୟ ହାସଲ କରିଥିଲା। କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ତାରିଣୀ ଫୁଟବଲ୍ ଏକାଡେମୀ (କେନ୍ଦୁଝର) ୪-୦ ଗୋଲ୍‌ରେ ୟଙ୍ଗ ଆସୋସିଏସନ କ୍ଲବକୁ ପରାସ୍ତ କରିଥିଲା।

● ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି

## ରାଉରକେଲା କ୍ରୀଡ଼ା ଛାତ୍ରାବାସର ବୃହତ୍ ବିଜୟ

ଭୁବନେଶ୍ୱର,୨୨।୫(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଆରମ୍ଭ ହୋଇଛି ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଆୟୋଜକ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟକୁ ୬-୩ ଗୋଲରେ ପରାସ୍ତ କରି ରାଉରକେଲା କ୍ରୀଡ଼ା ଛାତ୍ରାବାସ ଓ ଦ୍ୱିତୀୟ ମ୍ୟାଚ୍‌ରେ ସାଇ କୋଲକାତାକୁ ୪-୧ ଗୋଲରେ ପରାସ୍ତ କରି ଦକ୍ଷିଣ ପୂର୍ବ ରେଳବାଇ ବୃହତ୍ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ରାଉରକେଲା ପକ୍ଷରୁ ଅଲିଭା ଜାଟେ ଓ ଦିପ୍ତୀ ମୋନିକା ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଆରତି ଖାଲକୋଙ୍କ ନେତୃତ୍ୱରେ ଗଠିତ ରାଉରକେଲା ଦଳ ପକ୍ଷରୁ ସୁମନ ହେମ୍ବ୍ରମ ଓ ପ୍ରତିଭା ଏକ୍କା ମଧ୍ୟ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ପ୍ରଥମେ ୪ଟି ଯାକ ଗୋଲ ଦିଆଯାଇଥିଲା। ତାହା ମଧ୍ୟରୁ ପ୍ରିୟା ଡୁଙ୍ଗଡୁଙ୍ଗ ୨ଟି, ଆଲବେଲା ରାଣୀ ଟପ୍ପୋ ଓ ସେଲେଷ୍ଟିନା ହୋରୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ୨୫ରୁ ଜାତୀୟ ସିନିଅର ଚେସ୍ ଆର୍ବିଟର ସେମିନାର

ଭୁବନେଶ୍ୱର,୨୨।୫(ସମିସ): ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଜାତୀୟ ସିନିଅର ଚେସ୍ ଆର୍ବିଟର ସେମିନାର ଓ ପରୀକ୍ଷା ଅନୁଷ୍ଠିତ ହେବ। କିଟ୍ ଡିମ୍ଡ ୟୁନିଭର୍ସିଟିରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ୧୭ ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ବୟସର ୪୦ରୁ ୪୫ ଜଣ ଚେସ୍ ବିଷୟରେ ଜ୍ଞାନ ଥିବା ଓଡ଼ିଶାର ଯେ କୌଣସି ବ୍ୟକ୍ତିବିଶେଷ ଏହି ସେମିନାରରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ବ୍ୟକ୍ତିବିଶେଷ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କୁ ସଂଘର ଇମେଲ କିମ୍ବା ମୋବାଇଲ ନମ୍ବର ୯୯୩୭୮୮୬୩୭୨ରେ ଯୋଗଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଅବସର ନେଲେ ବିଜୟ ଶଙ୍କର

ନୂଆଦିଲ୍ଲୀ,୨୨।୫(ଏଜେନ୍ସି): ଭାରତୀୟ ଅଲରାଉଣ୍ଡର ବିଜୟ ଶଙ୍କର ୩୫ ବର୍ଷ ବୟସରେ ଘରୋଇ କ୍ରିକେଟ ଏବଂ ଆଇପିଏଲ୍ ଖେଳରୁ ଅବସର ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ପରେ ସେ ବିଦେଶୀ ଫ୍ରାଞ୍ଚାଇଜ୍ ଲିଗ୍‌ଗୁଡ଼ିକରେ ଖେଳିବା ପାଇଁ ଯୋଗ୍ୟ ହେବେ। ସେ ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ନିଜକୁ "୩ଡି କ୍ରିକେଟର' ବୋଲି ଲେଖି ବିଦାୟ ନେଇଛନ୍ତି। ସେ ଭାରତ ପାଇଁ ୧୨ଟି ଦିନିକିଆ ଓ ୯ଟି ଟି-୨୦ ମାଚ୍ ଖେଳିଥିଲେ। ୨୦୧୯ ବିଶ୍ୱକପ୍ ଦଳରେ ଚୟନକର୍ତ୍ତା ତାଙ୍କୁ ଅମ୍ବତି ରାୟୁଡୁଙ୍କ ସ୍ଥାନରେ ତାଙ୍କର 'ଥ୍ରୀ-ଡାଇମେନସନାଲ୍' (୩ଡି) ଗୁଣ ପାଇଁ ସୁଯୋଗ ଦେଇଥିଲେ, ଯାହା ସେତେବେଳେ ବେଶ୍ ଚର୍ଚ୍ଚିତ ହୋଇଥିଲା। ୩୫ ବର୍ଷୀୟ ବିଜୟ ଶଙ୍କର ନିଜ କ୍ୟାରିୟରରେ ୭୮ଟି ଆଇପିଏଲ୍ ମାଚ୍ ଖେଳିବା ସହ ତାମିଲନାଡୁ ପାଇଁ ଘରୋଇ କ୍ରିକେଟରେ ଅନେକ ସଫଳତା ହାସଲ କରିଛନ୍ତି।

୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

## ଢେଙ୍କାନାଳ ଓ ଅନୁଗୋଳର ଉତ୍କର୍ଷପୂର୍ଣ୍ଣ ବିଜୟ



ଅଂଶୁମାନ



ରୁଦ୍ର



ସୁରାଇ



ମିକୁନ୍

ଭୁବନେଶ୍ୱର,୨୧।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ଏ, ଢେଙ୍କାନାଳ, ଖୋର୍ଦ୍ଧା, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ପୁରୀ ବିଜୟ ହାସଲ କରିଛନ୍ତି। ଭୁବନେଶ୍ୱର ୧୫୧ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଭୁବନେଶ୍ୱର ୨୫ ଓଭରରେ ୫ ୱିକେଟ ହରାଇ ୨୩୬ ରନ ସଂଗ୍ରହ କରିଥିବା ବେଳେ ବଲାଙ୍ଗୀର ୮୫/୮ରେ ସୀମିତ ରହିଥିଲା। ଭୁବନେଶ୍ୱର ତରଫରୁ ସ୍ୱାଗତ ମିଶ୍ର ୫୬, ସିଦ୍ଧାର୍ଥ ବେହେରା ୫୦ ଓ କୃଷ୍ଣ ସାସମଲ ୫୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱରର ସେକ ନାକିବ ସରବର ୩ ୱିକେଟ ନେଇଥିଲେ। ସେହିପରି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଢେଙ୍କାନାଳ ସୁପର ଓଭରରେ ବରଗଡ଼କୁ ହରାଇଛି। ଉଭୟ ଦଳ ୨୧୨ ରନରେ ସୀମିତ ରହିଥିଲେ। ଢେଙ୍କାନାଳର ପ୍ରତିକ ନାୟକ ୮୬ ରନ କରିଥିବା ବେଳେ ଅଂଶମାନ ନାଏକ ୫ ୱିକେଟ ନେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଅନୁଗୁଳ ୨୦ ରନରେ କୋରାପୁଟକୁ ହରାଇଛି। ଅନୁଗୁଳର ଗୁରଦୀପ ମାଝି ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ। ସେହିପରି ଖୋର୍ଦ୍ଧା ୭ ୱିକେଟରେ ମାଲକାନାଗିରକୁ ହରାଇଛି। ଖୋର୍ଦ୍ଧା ତରଫରୁ ରୁଦ୍ର ମଲିକ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡ଼ା ୯ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ସେହିପରି ମୟୂରଭଞ୍ଜ ୯ ୱିକେଟରେ ନୂଆପଡ଼ାକୁ ହରାଇଛି। ମୟୂରଭଞ୍ଜର ସୁରାଇ ହେମ୍ବ୍ରମ୍ ୫ ୱିକେଟ ନେଇଛନ୍ତି। ଅନ୍ୟ ଏକ ମୁକାବିଲାରେ କେନ୍ଦୁଝର ୮୫ ରନରେ ଭଦ୍ରକକୁ ହରାଇଛି। ସେହିପରି ବାଲେଶ୍ୱର ୧୫୮ ରନରେ ସୋନପୁରକୁ ହରାଇଛି। ବାଲେଶ୍ୱର ତରଫରୁ ମିକୁନ ଦଳନାୟକ ୧୧୫ ରନର ଶତକୀୟ ପାଳି ଖେଳିଛନ୍ତି। ଶେଷରେ ପୁରୀ ୮ ୱିକେଟରେ ଜଗତସିହପୁରକୁ ହରାଇଛି।

୧୮ ବର୍ଷରୁ କମ୍ ମହିଳା ଏସିଆ କପ୍ ହକି

## ଓଡ଼ିଶାର ସ୍ୱିଟୀ ଭାରତର ଅଧିନାୟିକା

ଭୁବନେଶ୍ୱର,୨୨।୫(ସମିସ)





ଓଡ଼ିଶାର ଫରୱାର୍ଡ ଖେଳାଳି ସ୍ୱିଟୀ କୁଜୁରଙ୍କୁ ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତା ଲାଗି ଭାରତୀୟ ଦଳର ଅଧିନାୟିକା ମନୋନୀତ କରାଯାଇଛି। ସ୍ୱିଟୀଙ୍କୁ ମିଶାଇ ଘୋଷିତ ଭାରତୀୟ ଦଳରେ ୪ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ଅନ୍ୟ ୩ଜଣ ହେଲେ ରୁବିନା ବାଖ୍ଲା, କିରଣ ଏକ୍କା ଓ ପ୍ରିୟଙ୍କା ମିଞ୍ଜ୍। ଏମାନେ ଜାପାନର କାକାମିଗାହାରାରେ ମେ ୨୯ରୁ ଜୁନ୍ ୬ ତାରିଖ ଯାଏ ଖେଳାଯିବାକୁ ଥିବା ଏସିଆ କପ୍ ମହିଳା ହକିରେ ଭାଗନେବେ। ରାଣୀ ରାମପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋପାଳରେ ଆୟୋଜିତ ଶିବିରରୁ ଏହି ଖେଳାଳିମାନଙ୍କୁ ମନୋନୀତ କରାଯାଇଛି। ଗତକାଲି ଘୋଷିତ ପୁରୁଷ ଦଳରେ ଓଡ଼ିଶାରୁ ଅର୍ମାନ ଲାକ୍ରା ଏକମାତ୍ର ଖେଳାଳି ଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସ୍ୱିଟୀ ରାଉରକେଲାରେ ଥିବା ପାନପୋଷ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଅନ୍ୟ ୩ଜଣ ସୁନ୍ଦରଗଡ଼ର କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଇଛନ୍ତି।

ପୁଲ-ଏ'ରେ ସ୍ଥାନ ପାଇଥିବା ଭାରତ ମେ ୩୦ ତାରିଖରେ ମାଲେସିଆ ସହ ଖେଳି ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହା ପରେ ଦକ୍ଷିଣ କୋରିଆ ସହ ମେ ୩୧, ସିଙ୍ଗାପୁର ସହ ଜୁନ୍ ୨ରେ ଶେଷ ପୁଲ ମ୍ୟାଚ୍ ଖେଳିବ। ଅଂଶଗ୍ରହଣକାରୀ ଦଳ ଗୁଡିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ଭାଗ ନେଇଥିଲାବେଳେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ପୁଲ-ବି'ରେ ଚୀନ, ଜାପାନ, ଚାଇନିଜ୍ ତାଇପେ ଓ ବାଂଲାଦେଶ ରହିଛନ୍ତି। ଦୁଇଟିଯାକ ସେମିଫାଇନାଲ ଜୁନ୍ ୫ରେ ଓ ଫାଇନାଲ ଜୁନ୍ ୬ରେ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଭାରତର ଦୁଇଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଭୋର ୫ଟା ୩୦ ଓ ଶେଷ ମ୍ୟାଚ୍‌ଟି ସକାଳ ୯ଟା ୩୦ରେ ଖେଳାଯିବ।

**ଘୋଷିତ ଦଳ:** ମହକ ପରିହାର, ଖୁଲି କୁମାରୀ (ଉଭୟେ ଗୋଲରକ୍ଷକ), ସୁଗନ ସାଙ୍ଗା, ନିଲମ ଟପ୍ପୋ, ରୁବିନା ବାଖ୍ଲା, କିରଣ ଏକ୍କା ଓ ସୁଲୋଚନି (ସମସ୍ତେ ଡିଫେଣ୍ଡର), ଶ୍ରୁତି କୁମାରୀ, ଦିୟା, ସ୍ନେହ ଡାଭ୍‌ଡେ, ରଶ୍ମିନ କୌର, ନାମି ଗୀତାଶ୍ରୀ, ପୁଷ୍ପା ମାଞ୍ଝୀ (ସମସ୍ତେ ମିଡ୍‌ଫିଲ୍ଡର), ନୌଶାନ ନାଜ୍, ସ୍ୱିଟୀ କୁମାରୀ (ଅଧିନାୟିକା), ପ୍ରିୟଙ୍କା ମିଞ୍ଜ୍, ସନ୍ଦୀପା କୁମାରୀ ଓ ନାନ୍‌ସି ସରୋହା।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

### ନୂଆଦିଲ୍ଲୀରେ 'ଭାରତ ଶିକ୍ଷା ସମ୍ମିଳନୀ'

# ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ସରଳ ଓ ପ୍ରଭାବଶାଳୀ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୨।୫(ସମିସ): ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଦ୍ୟାଳୟ ଶିକ୍ଷାରେ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ସହିତ ପୋଷଣ, ଦକ୍ଷତା ବିକାଶ ଏବଂ କ୍ରୀଡ଼ା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ସମ୍ପ୍ରତି ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥମେଟିକ୍ସରେ ଝିଅମାନଙ୍କ ବଢ଼ୁଥିବା ସହଭାଗିତା ଭାରତୀୟ ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ଶକ୍ତି ପାଲଟିଛି ବୋଲି ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଷଷ୍ଠ "ଭାରତ ଶିକ୍ଷା ସମ୍ମିଳନୀ'ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦୈନିକ ଜାଗରଣ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ ଆହୁରି କହିଛନ୍ତି ଯେ "ଜାତୀୟ ଶିକ୍ଷା ନୀତି - ୨୦୨୦' ଦେଶର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନୂତନ ଦିଗ ପ୍ରଦାନ କରିଛି। ପ୍ରାରମ୍ଭିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଯାହା ଜ୍ଞାନ ଆହରଣକୁ ଅଧିକ ସରଳ ଓ ପ୍ରଭାବଶାଳୀ କରିବା ସହ ଶିଶୁମାନଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା ଏବଂ ଇନୋଭେସନକୁ ପ୍ରୋତ୍ସାହିତ କରାଯାଉଛି। ମହର୍ଷି ବାଲ୍ମୀକିଙ୍କ ପରମ୍ପରାର ଉଦାହରଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ମାତୃଭାଷାରେ ଜ୍ଞାନ ଆହରଣ ଅଧିକ ସରଳ, ପ୍ରଭାବଶାଳୀ ଏବଂ ବ୍ୟାପକ ଭାବେ ସମାଜ ପାଖରେ ପହଞ୍ଚିଥାଏ। ଏହି ଦୃଷ୍ଟିକୋଣ "ମ୍ୟାକଲେ ମାନସିକତା'ରୁ ବାହାରି ଭାରତୀୟ ଜ୍ଞାନ ପରମ୍ପରାକୁ ପୁନଃ ପ୍ରତିଷ୍ଠିତ କରିବା ପାଇଁ ବାଟ ଫିଟାଇଛି। ଆଜିର ଏଆଇ ଯୁଗରେ ଦକ୍ଷତା-ଭିତ୍ତିକ, ପ୍ରତିଯୋଗିତାମୂଳକ, ବହୁ-ବିଷୟକ ତଥା ସାମଗ୍ରିକ ଶିକ୍ଷା ବ୍ୟବସ୍ଥା ଅଧିକ ସଶକ୍ତ ହୋଇଛି। ଏହାଦ୍ୱାରା ଯୁବପିଢ଼ି ବୈଶ୍ୱିକ ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବେ। ଶିକ୍ଷା ବ୍ୟବସ୍ଥାକୁ କେବଳ "ଡିଗ୍ରୀ ଆଧାରିତ' ନକରି "ଦକ୍ଷତା ଆଧାରିତ' କରିବା ଦିଗରେ ନିରନ୍ତର କାର୍ଯ୍ୟ କରାଯାଉଥିବା ଶ୍ରୀ ପ୍ରଧାନ କହିଛନ୍ତି।

# ରାୟଗଡ଼ା ଥାନା ଆଗରେ ଗୋଷ୍ଠୀ ସଂଘର୍ଷ; ୫ ଆହତ



**ପୁଲିସ ଫୋର୍ସ ମୁତୟନ**

ରାୟଗଡ଼ା, ୨୨।୫ (ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ରାୟଗଡ଼ା ସହର ଅଶାନ୍ତ ହୋଇପଡ଼ିଛି। ଦୁଇ ସାହି ମଧ୍ୟରେ ବଚସା, ମାରପିଟ୍ ଏବଂ ପରେ ଥାନା ସମ୍ମୁଖରେ ଗୋଷ୍ଠୀ ସଂଘର୍ଷ ଭଳି ଘଟଣା ଘଟିଛି। ଆଜି ରାତି ପ୍ରାୟ ସାଢ଼େ ୯ଟାରେ ରାୟଗଡ଼ା ଥାନା ସମ୍ମୁଖରେ ଏହି ଘଟଣା ଘଟିଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ, ଅନ୍ନମାଝୀ ଜାକାକା (୩୮), ତ୍ରିନାଥ ମେଲାକା (୨୪) ଓ ସୁଣ୍ଡି ସୂରଜ (୩୦ )। ଅନ୍ୟ ଦୁଇ ଆହତଙ୍କ ପରିଚୟ ମିଳିପାରିନାହିଁ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସହରର ପିଟଲା ସାହିରେ ପଶି ଆମ୍ବେଦକର ରେଲିସାହିର କିଛି ଯୁବକ ଲୋକଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ପିଟଲା ସାହିର ଲୋକେ ଥାନାରେ ଅଭିଯୋଗ କରିଥିଲେ। ସେହି ସମୟରେ ଆମ୍ବେଦକର ସାହିର କିଛି ଯୁବକ ପହଞ୍ଚି ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଥାନା ସମ୍ମୁଖରେ ମାରପିଟ୍ ସହ ଢେଲାମାଡ଼ ହୋଇଥିଲା। ଏଥିରେ ପ୍ରାୟ ପାଞ୍ଚଜଣ ଉଭୟ ଗୋଷ୍ଠୀର ଆହତ ହୋଇଛନ୍ତି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଥାନା ସମ୍ମୁଖରେ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ନିକଟସ୍ଥ ଥାନାରୁ ଅଧିକାରୀମାନଙ୍କୁ ରାୟଗଡ଼ା ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

■ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

# ଜାମିନରେ ଆସିଲେ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ

ବାଲେଶ୍ୱର, ୨୨।୫(ସମିସ): ବହୁଚର୍ଚ୍ଚିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାରେ ଜେଲ୍‌ରେ ଥିବା ତତ୍କାଳୀନ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଦୀର୍ଘ ୧୦ମାସ ପରେ ଶୁକ୍ରବାର ଜାମିନ୍‌ରେ ଜେଲରୁ ବାହାରିଛନ୍ତି। ଗତବର୍ଷ ଜୁଲାଇ ୧୨ରେ ଛାତ୍ରୀଙ୍କୁ କଲେଜ ପୂର୍ବତନ ଅଧ୍ୟାପକ ମୁଖ୍ୟ ସମୀର ସାହୁ ଅନୁଗ୍ରହ ମାଗିବା ଘଟଣାରେ ଛାତ୍ରୀ ଜଣକ ନ୍ୟାୟ ନ ପାଇ ନିଜ ଦେହରେ ପେଟ୍ରୋଲ ଢାଳି କଲେଜ ପରିସରରେ ଆତ୍ମାହୁତି ଦେଇଥିଲେ। ଏହି ମାମଲାରେ ସହଦେବଖୁଣ୍ଟା ଥାନା ପୁଲିସ ପ୍ରାଥମିକ ପର୍ଯ୍ୟାୟରେ ଅଭିଯୁକ୍ତ ସମୀର ସାହୁ ଓ ତତ୍କାଳୀନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ଗିରଫ କରିଥିଲେ। ବିଚାର ବିଭାଗୀୟ ହାଜତରେ ବିଚାରାଧୀନ କଏଦୀ ଭାବେ ରହିବା ପରେ ଶୁକ୍ରବାର ଦିନ ଜାମିନରେ ବାହାରିଛନ୍ତି ଦିଲ୍ଲୀପ।

# ୫ ଏସ୍‌ଡିପିଓଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୨।୫(ସମିସ): ରାଜ୍ୟ ସରକରଙ୍କ ଗୃହ ବିଭାଗ ଓପିଏସ୍ ଗ୍ରୁପ୍ ଏ(ଜେବି)ଙ୍କୁ ବିଭିନ୍ନ ସ୍ଥାନରେ ଏସ୍‌ଡିପିଓଙ୍କୁ ନୂତନ ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ସ୍ୱେଟି ପ୍ରଧାନ। ତାଙ୍କୁ ନୟାଗଡ଼ ଏସ୍‌ଡ଼ିପିଓ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଦିବ୍ୟ ରଞ୍ଜନ ଦାସଙ୍କୁ ଜଗତସିଂହପୁର , ସୌଭାଗ୍ୟ ରଞ୍ଜନ ପ୍ରଧାନଙ୍କୁ ଆସ୍କା, ସାମର୍ଥ କୁମାର ବେହେରାଙ୍କୁ ବସ୍ତା, ପଙ୍କଜ କୁମାର ମାଝୀଙ୍କୁ ଖୋର୍ଦ୍ଧା ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛି।

■ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ନଗଦ ୨ ଲକ୍ଷ ସହ ଲୁଟି ନେଲେ ୧୦ ଲକ୍ଷ ଟଙ୍କାର ସୁନାଗହଣା

ଦଶରଥପୁର, ୨୨।୫(ସମିସ): ଯାଜପୁର ଟାଉନ୍ ଥାନା ଅଧୀନ ଦଶରଥପୁର ବ୍ଲକ ଚିଡ଼ାଳ ପଞ୍ଚାୟତ କୁରୁଳି ଗ୍ରାମରେ ବଡ଼ଧରଣର ଡକାୟତି ହୋଇଛି। ଗ୍ରାମର ରବୀନ୍ଦ୍ର ସାହୁଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ଘଟଣାକୁ ନେଇ ଯାଜପୁର ଟାଉନ ଥାନା ପୁଲିସ ଓ ସନ୍ଧାନୀ କୁକୁର ଛାନଭିନ କରିଥିଲେ ମଧ୍ୟ ଲୁଟେରାଙ୍କ ସନ୍ଧାନ ମିଳିନଥିବା ଜଣାଯାଇଛି। କୁରୁଳି ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ବୋହୂ ବାହାରେ ରହୁଥିବା ବେଳେ ରବୀନ୍ଦ୍ର ଓ ତାଙ୍କ ସ୍ତ୍ରୀ ଗତକାଲି ରାତିରେ ପୁଅ ବୋହୂଙ୍କ କୋଠରିରେ ତାଲା ପକାଇ ପାଖ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଲା ପଡ଼ିଥିବା ପୁଅ ବୋହୂଙ୍କ କୋଠରିର ତାଲା ଭାଙ୍ଗି ଭିତରେ ଥିବା ଆଲମିରାରୁ ୩ଟି ସୁନାଚେନ, ୨ଟି ସୁନା ମୁଦି, ୧ଟି ବାଉଟି, ୬ହଳ ସୁନା ସାଙ୍ଖୀ, ୩ ହଳ କାନ ଫୁଲ, ୨ଟି ରୁପା ମୁଦି, ୩ ହଳ ପାଉଁଜି ସମେତ ୨ଲକ୍ଷ ଟଙ୍କା ଓ କିଛି ଦାମିକିଆ ଶାଢ଼ିକୁ ଲୁଟି ନେଇଥିଲେ। ଆଜି ସକାଳେ ଘର ତାଲା ଭଙ୍ଗା ଯାଇଥିବା ସହିତ ଆଲମିରାରୁ ଟଙ୍କା ଓ ସୁନାଗହଣା ଲୁଟ ହୋଇଥିବା ଜାଣି ରବୀନ୍ଦ୍ର ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଆଜି ବିଶ୍ୱ କଇଁଛ ଦିବସ

# ବଢ଼ିଛି ଅଣ୍ଡା ସଂଗ୍ରହ ଓ ଛୁଆ ଫୁଟିବା ହାର

ପୁରୀ,୨୨।୫(ସମିସ): ପ୍ରତିବର୍ଷ ମେ' ୨୩ ତାରିଖକୁ 'ବିଶ୍ୱ କଇଁଛ ଦିବସ' ରୂପେ ପାଳନ କରାଯାଏ। ଜୈବ ବିବିଧତା ରକ୍ଷା କ୍ଷେତ୍ରରେ କଇଁଛର ଗୁରୁତ୍ୱ ଓ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନ ପାଇଁ ପୁରୀ ଜିଲ୍ଲାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାୟ ପ୍ରତିବର୍ଷ ନଭେମ୍ବର ମାସରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥା'ନ୍ତି। କୂଳରୁ ୫ରୁ ୧୦ କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କର ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାର ହଜାର ସଂଖ୍ୟାରେ ଅଲିଭ୍‌ରିଡ୍‌ଲେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀଠାରୁ ଦେବୀ ମୁହାଣ ଅଞ୍ଚଳକୁ ଆସିଥା'ନ୍ତି। କିନ୍ତୁ କୋଣାର୍କଠାରୁ ଦେବୀନାସୀ ବେଳାଭୂମି ଅଞ୍ଚଳରେ ଏମାନେ ଅଣ୍ଡା ଦେଇଥା'ନ୍ତି। ଗହୀରମଥା ଓ ଋଷିକୁଲ୍ୟା ମୁହାଣ ସଂଲଗ୍ନ ବେଳାଭୂମିରେ ଅଲିଭ୍‌ରିଡ୍‌ଲେ ସାମୂହିକ ଭାବେ ଅଣ୍ଡା ଦେଉଥିବାବେଳେ ପୁରୀ ଜିଲ୍ଲା ଉପକୂଳ ବେଳାଭୂମିରେ ଏମାନେ ସ୍ଥାନେ ସ୍ଥାନେ ଅଣ୍ଡା ଦେଇଥା'ନ୍ତି। ଜାନୁଆରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇଥା'ନ୍ତି। ଅଣ୍ଡିରା କଇଁଛ ବେଳାଭୂମିକୁ ଆସି ନ ଥା'ନ୍ତି। ପ୍ରାୟ ଅନ୍ଧାର ରାତିରେ ମାଈ ଅଲିଭ୍‌ରିଡ୍‌ଲେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। ପଛ ଦୁଇପାଦରେ ପ୍ରାୟ ଦେଢ଼ଫୁଟ୍‌ର ଗାତ ଖୋଳି ୮୦ରୁ ୧୨୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି। ଅଣ୍ଡା ଦେଲା ପରେ ପଛ ଦୁଇପାଦରେ ଗାତକୁ ଘୋଡ଼ାଇ ଦେଇ ସମୁଦ୍ରକୁ ଫେରିଯାଆନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ପୁରୀ ଜିଲ୍ଲା ଉପକୂଳରେ ଅଲିଭରିଡ୍‌ଲେ ବେଳାଭୂମିର ସ୍ଥାନେ ସ୍ଥାନେ ଅଣ୍ଡା ଦେଉଥିବାରୁ ବନ ବିଭାଗ ପକ୍ଷରୁ କୃତ୍ରିମ ହାଚେରି (ଅସ୍ଥାୟୀ ପ୍ରଜନନ କେନ୍ଦ୍ର) କରାଯାଏ। କାରଣ ମାଈ କଇଁଛ ଅଣ୍ଡା ଦେଇ ସମୁଦ୍ରକୁ ପଳାଇବା ପରେ କୁକୁର, ବିଲୁଆ, ବାର୍‌ହା, ହେଟା ପ୍ରଭୃତି ଜୀବମାନେ ବାଲି ଖୋଳି କଇଁଛ ଅଣ୍ଡା ଖାଇଦେଇଥା'ନ୍ତି। ତେଣୁ ଅଣ୍ଡାର ସୁରକ୍ଷା ପାଇଁ ହାଚେରି କରାଯାଇଥାଏ। ପ୍ରତ୍ୟହ ଅଣ୍ଡାଗୁଡ଼ିକୁ ବସା (କଇଁଛ ଅଣ୍ଡା ଦେଉଥିବା ସ୍ଥାନ)ରୁ ସଂଗ୍ରହ କରି ବନ ବିଭାଗ କର୍ମଚାରୀମାନେ ଆଣି ହାଚେରିରେ ରଖିଥା'ନ୍ତି। ଛୁଆ ଫୁଟିବା ପରେ ସେଗୁଡ଼ିକୁ ସମୁଦ୍ରକୁ ଛଡ଼ାଯାଇଥାଏ। ଏଥର



କୋଣାର୍କ ରେଞ୍ଜର ରାମଚଣ୍ଡୀ, ଦଶଧାଡ଼ିଆ, ଚନ୍ଦ୍ରଭାଗା ଓ କଇଁରପୁର, ଅସ୍ତରଙ୍ଗର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗୁଣ୍ଡଳବା ଓ ଗଙ୍ଗାଦେବୀ, ବାଲୁଖଣ୍ଡର ନୂଆନଇ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ବାଲିହରଚଣ୍ଡୀ ଓ ଚାପମାଣିକଠାରେ ବନ ବିଭାଗ ପକ୍ଷରୁ ମୋଟ୍ ୧୪ଟି ହାଚେରି ନିର୍ମାଣ କରାଯାଇଛି। ତେବେ ବନ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ କଇଁଛଙ୍କ ଅଣ୍ଡା ସଂଗ୍ରହ ଏବଂ ଅଣ୍ଡାରୁ ଛୁଆ ଫୁଟିବା ହାର ବଢ଼ିଛି। ୫ ବର୍ଷରେ ୯ ଲକ୍ଷ ୩୦ ହଜାର ୧୫୫ଟି ଅଣ୍ଡା ସଂଗ୍ରହ ହୋଇଛି। ଏହି ସମୟରେ ୬ ଲକ୍ଷ ୪୩ ହଜାର ୧୭୩ଟି ଅଣ୍ଡାରୁ ଛୁଆ ଫୁଟିବା ପରେ ସେମାନଙ୍କୁ ସମୁଦ୍ରରେ ଛଡ଼ାଯାଇଛି।

୨୦୨୫-୨୬ରେ ଏଯାବତ୍ ବାଲୁଖଣ୍ଡ ରେଞ୍ଜରେ ୧୮୮ଟି ବସା ଚିହ୍ନଟ ହୋଇଥିଲା। ୨୦ ହଜାର ୮୪୯ଟି ଅଣ୍ଡା ସଂଗ୍ରହ ହୋଇଥିଲା। ସେଥିରୁ ୧୭ ହଜାର ୪୫୬ଟି ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ୩୦୪ କଇଁଛଙ୍କ ମୃତ୍ୟୁ ହୋଇଛି। ସେହିପରି ବ୍ରହ୍ମଗିରି ରେଞ୍ଜରେ ୬୪୬ ବସା ଚିହ୍ନଟ ହୋଇ ୭୯ ହଜାର ୪୨୦ଟି ଅଣ୍ଡା ସଂଗ୍ରହ ହୋଇଥିଲା। ୬୬ ହଜାର ୪୫୧ଟି ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ୪୧ କଇଁଛଙ୍କ ମୃତ୍ୟୁ ହୋଇଛି। ଅସ୍ତରଙ୍ଗ ରେଞ୍ଜରେ ୧,୨୯୧ ବସା ଚିହ୍ନଟ କରାଯାଇଥିବା ବେଳେ ୧ ଲକ୍ଷ ୪୭ ହଜାର ୧୭୧ ଅଣ୍ଡା ସଂଗ୍ରହ ହୋଇଥିଲା। ୧ ଲକ୍ଷ ୨୦ ହଜାର ୮୯୦ଟି ଛୁଆ ସମୁଦ୍ରରେ ଛଡ଼ାଯାଇଥିଲା। କଇଁଛ ମୃତ୍ୟୁ ସଂଖ୍ୟା ୧୩୫ ରହିଛି। କୋଣାର୍କ ରେଞ୍ଜରେ ୪୫୮ଟି ବସା ଚିହ୍ନଟ ହୋଇଥିବାବେଳେ ୫୩ ହଜାର ୫୩୨ ଅଣ୍ଡା ସଂଗ୍ରହ ହୋଇଛି। ୪୫ ହଜାର ୮୮୫ ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଥିବା ବେଳେ ୧୦୬ କଇଁଛଙ୍କର ମୃତ୍ୟୁ ହୋଇଛି। ମୋଟ୍ ୨୫୮୨ଟି ବସା ଚିହ୍ନଟ ହୋଇଥିବାବେଳେ ୨ ଲକ୍ଷ ୯୬ ହଜାର ୪୭୨ଟି ଅଣ୍ଡା ସଂଗ୍ରହ ହୋଇଛି। ୨ ଲକ୍ଷ ୫୦ ହଜାର ୬୮୨ଟି ଛୁଆଙ୍କୁ ସମୁଦ୍ରରେ ଛଡ଼ାଯାଇଛି। ୫୮୬ଟି କଇଁଛଙ୍କ ମୃତ୍ୟୁ ହୋଇଛି। ତେବେ କଇଁଛଙ୍କ ପ୍ରଜନନ ଋତୁ ପୂର୍ବରୁ ମତ୍ସ୍ୟ ବିଭାଗ, ବନ ବିଭାଗ, ପୁଲିସ ପକ୍ଷରୁ ଅନୁଷ୍ଠିତ ସମନ୍ୱୟ ବୈଠକରେ କଇଁଛଙ୍କ ସୁରକ୍ଷା ପାଇଁ ଆକ୍ସନ ପ୍ଲାନରେ ଘୋଷଣା କରାଯାଇଥିବା ତଥ୍ୟ ଏବଂ ବନ ବିଭାଗ ପକ୍ଷରୁ ଶୁକ୍ରବାର ଗଣମାଧ୍ୟମକୁ ଦିଆଯାଇଥିବା ତଥ୍ୟ ମଧ୍ୟରେ ତାଳମେଳ ରହୁ ନ ଥିବା ନଜରକୁ ଆସିଛି। ବୈଠକରେ ଯେଉଁ ତଥ୍ୟ ୨୦୨୨-୨୩ରେ ଦିଆଯାଇଥିଲା ତାହାକୁ ଗଣମାଧ୍ୟମକୁ ୨୦୨୧-୨୨ ତଥ୍ୟ ବୋଲି ଦିଆଯାଇଛି। ବାସ୍ତବରେ ଠିକ୍ କ'ଣ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

### ବିଶ୍ୱ ଦରବାରରେ ଚମକିଲା କଟକ ରୁପା ତାରକସୀ

# ନରୱେ ରାଜାଙ୍କୁ ପ୍ରଧାନମନ୍ତ୍ରୀ ଦେଲେ ସିଲଭର ସିଟିର ବୋଇତ ଉପହାର

କଟକ, ୨୨।୫(ସମିସ): ହଜାର ବର୍ଷର ଐତିହାସିକ ସହର କଟକର ପ୍ରସିଦ୍ଧ ପାରମ୍ପରିକ ରୁପା ତାରକସୀ କଳା ଏବେ ଅନ୍ତର୍ଜାତୀୟ ସ୍ତରରେ ଏକ ବଡ଼ ଉପଲବ୍ଧି ହାସଲ କରିଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନରୱେ ଗସ୍ତ ସମୟରେ ସେଠାକାର ରାଜାଙ୍କୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ପ୍ରତୀକ ସ୍ୱରୂପ ଏକ ରୂପା ତାରକସୀ 'ବୋଇତ' ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହି ନିଖୁଣ ଏବଂ କଳାତ୍ମକ ବୋଇତକୁ ପ୍ରସ୍ତୁତ କରି ସାରା ବିଶ୍ୱରେ କଟକର ଟେକ ରଖିଛନ୍ତି ଶେଖବଜାର ଅଞ୍ଚଳର ବିଶିଷ୍ଟ କାରିଗର ବିଶ୍ୱନାଥ ଦେ। ଏହି ଖବର ପ୍ରସାରିତ ହେବା ପରେ ଏବେ ସିଲଭର ସିଟି କଟକ ସମେତ ସାରା ରାଜ୍ୟରେ ବିଶ୍ୱନାଥଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି ଏବଂ ସେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ଉପହାର କେବଳ କଟକର ପୁରାତନ ସାଧବ ପୁଅଙ୍କ ନୌବାଣିଜ୍ୟ ଗୌରବକୁ ପ୍ରତିଫଳିତ କରୁନାହିଁ, ବରଂ ଓଡ଼ିଶାର ହସ୍ତଶିଳ୍ପର ଗୁରୁତ୍ୱକୁ ବିଶ୍ୱ ଦରବାରରେ ଦୁଇଗୁଣିତ କରିଛି। ଏହି ସୂକ୍ଷ୍ମ ରୂପା ବୋଇତ ପ୍ରସ୍ତୁତ କରିବା ପାଇଁ ବିଶ୍ୱନାଥଙ୍କୁ ପ୍ରାୟ ଏକ ମାସ କାଳ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଭବ୍ୟ କୃତି ପଛରେ ତାଙ୍କ ପରିବାର ଏବଂ ସହଯୋଗୀ



କାରିଗରମାନଙ୍କର ଅକ୍ଳାନ୍ତ ପରିଶ୍ରମ ତଥା ନିଷ୍ଠା ରହିଥିବା ସେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶାର ଏହି ପାରମ୍ପରିକ କଳାକୁ ଏତେ ବଡ଼ ମଞ୍ଚରେ ସମ୍ମାନିତ କରିଥିବାରୁ ଏହା ସମଗ୍ର କଟକ ସହର ତଥା ରୂପା ସାମଗ୍ରୀ ଶିଳ୍ପ ସହ ଜଡ଼ିତ ସମସ୍ତ କାରିଗର ସମାଜ ପାଇଁ ଏକ ବିରାଟ ଗର୍ବର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ଏଫ୍ଏଫ୍ଏଫ୍ଏଆଇର କାର୍ଯ୍ୟନିର୍ବାହୀ କମିଟି ବୈଠକ

# ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର

ପୁରୀ, ୨୨।୫ (ସମିସ): ଦକ୍ଷତା ସହିତ ଭିତ୍ତିଭୂମି, ବିଶ୍ୱାସ ସହିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥିରତା ସହ ଅଭିବୃଦ୍ଧିକୁ ସଂଯୋଗ କରିପାରୁଥିବା ରାଷ୍ଟ୍ରମାନଙ୍କ ପାଇଁ ଭବିଷ୍ୟତ ସମ୍ଭାବନାପୂର୍ଣ୍ଣ ବୋଲି କହିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ (ଓସିବିଏ) ଆନୁକୂଲ୍ୟରେ ଆୟୋଜିତ ଫେଡେରେସନ ଅଫ୍ ଫ୍ରେଟ୍ ଫରୱାର୍ଡ୍ସ ଆସୋସିଏସନ ଇନ୍ ଇଣ୍ଡିଆ (ଏଫ୍ଏଫ୍ଏଫ୍ଏଆଇ)ର ଷଷ୍ଠ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ଅର୍ଥନୈତିକ ରୂପାନ୍ତରଣରେ ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ ଏହା କହିଛନ୍ତି।




ରାଜ୍ୟପାଳ କହିଥିଲେ ଯେ ଭାରତର ଲଜିଷ୍ଟିକ୍ସ କ୍ଷେତ୍ର କେବଳ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ଆକାଂକ୍ଷାକୁ ସଂଯୋଗ କରିବା, ବ୍ୟବସାୟକୁ ସଶକ୍ତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଜାତୀୟ ସମୃଦ୍ଧିକୁ ସୁଦୃଢ଼ କରିବା ଦିଗରେ ଜଡ଼ିତ। ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ସ ଓ ସାମୁଦ୍ରିକ କେନ୍ଦ୍ର ଭାବେ ଉଭା ହୋଇଛି। ଏହାର ଦୀର୍ଘ ବେଳାଭୂମି, ପାରାଦୀପ, ଧାମରା ଓ ଗୋପାଳପୁର ଭଳି ବନ୍ଦର ଯୋଗାଯୋଗ ଓ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛି। ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ 'ଆର୍ଥିକ ଆତ୍ମସୁରକ୍ଷା' ପରାମର୍ଶକୁ ପାଳନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଫ୍ଏଫ୍ଏଫ୍ଏଆଇର ଅଧ୍ୟକ୍ଷ ଅମିତ କାମତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା କଷ୍ଟମ୍ସ ବ୍ରୋକର୍ସ ଆସୋସିଏସନ୍‌ର ସଭାପତି ହରିହର ଦାସ ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ଭୁବନେଶ୍ୱର, ୨୨।୫(ସମିସ): ଓଡ଼ିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଲୋକସେବା ଭବନର ଷ୍ଟେଟ୍ କନଭେନସନ୍ ସେଣ୍ଟରରେ ରାଜ୍ୟସ୍ତରୀୟ 'ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ' ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ

**୮ ଜଣଙ୍କୁ 'ଜୈବବିବିଧତାର ରକ୍ଷକ' ଏବଂ ୨ଜଣଙ୍କୁ 'ଜୈବବିବିଧତାର ବିଜେତା' ସମ୍ମାନ**



ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ। ଶିମିଳିପାଳ ବାଘ ସଂରକ୍ଷଣ, ହାତୀ କରିଡର ସୁରକ୍ଷା, ଭିତରକନିକାରେ କୁମ୍ଭୀର ପ୍ରଜନନ କାର୍ଯ୍ୟକ୍ରମ, ଅଲିଭ୍-ରିଡ୍‌ଲେ କଚ୍ଛପ ସୁରକ୍ଷା, ହେନ୍ତାଳ ବନର ପୁନରୁଦ୍ଧାର, ସମୁଦାୟ ଭିତ୍ତିକ ବନ ସୁରକ୍ଷା, ବନାଗ୍ନି ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ବ୍ୟାପକ ବୃକ୍ଷରୋପଣ ଭଳି ପଦକ୍ଷେପ ଓଡ଼ିଶାକୁ ଲୋକକୈନ୍ଦ୍ରିକ ସଂରକ୍ଷଣ ମଡେଲ୍ ଭାବେ ସ୍ୱତନ୍ତ୍ର ପରିଚୟ ଦେଇଛି। ଏହି ଅବସରରେ ଏହାସହ ଜୈବ ବିବିଧତା ସଂରକ୍ଷଣରେ ଉଲ୍ଲେଖନୀୟ ଅବଦାନ ପାଇଁ ୮ ଜଣଙ୍କୁ 'ଜୈବବିବିଧତାର ରକ୍ଷକ' ଏବଂ ୨ ଜଣଙ୍କୁ 'ଜୈବବିବିଧତାର ବିଜେତା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ପୂର୍ବରୁ ଆୟୋଜିତ ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ 'ଓଡ଼ିଶାର ଆଦ୍ରଭୂମିରେ ବିଦେଶୀ ପ୍ରଜାତିର ଜୀବଙ୍କ ପ୍ରଭାବ ଉପରେ ସମୀକ୍ଷା', 'ଗନ୍ଧମାର୍ଦ୍ଦନର କାହାଣୀ', ଓଡ଼ିଶା ଜୈବବିବିଧତା ବୋର୍ଡର ବାର୍ଷିକ କାର୍ଯ୍ୟକାରୀ ରିପୋର୍ଟ (୨୦୨୫-୨୬), ବୋର୍ଡର ମୁଖପତ୍ର 'ଷ୍ଟ୍ରିଙ୍ଗସ ଅଫ୍ ବାଇଓଡାଇଭର୍ସିଟି' ସହ ମୋଟ୍ ୪ଟି ପୁସ୍ତକ ଓ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ସେହିପରି 'ପିବିଆର୍ ମାନୁଆଲ' ଏବଂ 'ସ୍ଥାନୀୟ ଜୈବବିବିଧତା ପାଣ୍ଠି ପରିଚାଳନା ନିୟମାବଳୀ' ପୁସ୍ତିକା ମଧ୍ୟ ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ ଜିଲ୍ଲାର ଜୈବବିବିଧତା ପରିଚାଳନା ସମିତିମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ ଓ ଆଗାମୀ କାର୍ଯ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ବନବାହିନୀ ମୁଖ୍ୟ କେ. ମୁରୁଗେସନ୍, ପରିବେଶ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ କେ. ଏସ୍. ପ୍ରଦୀପ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

### ଶୃଙ୍ଖଳିତ ରଥଯାତ୍ରା ଆୟୋଜନ ନେଇ ଉଚ୍ଚସ୍ତରୀୟ ବୈଠକ

# ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୨୨।୫ (ସମିସ): ଚଳିତ ବର୍ଷ ହେବାକୁ ଥିବା ସ୍ନାନଯାତ୍ରା, ରଥଯାତ୍ରା, ଆଡ଼ପମଣ୍ଡପ ବିଜେ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ଉତ୍ସବର ଶୃଙ୍ଖଳିତ ଆୟୋଜନ ଆମ ସମସ୍ତଙ୍କ ପାଇଁ ଆହ୍ୱାନ ଏବଂ ଏଥିପାଇଁ ପ୍ରତ୍ୟେକ ବିଭାଗ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ଦଇତାପତି ନିଯୋଗଠାରୁ ଆରମ୍ଭ କରି ସମସ୍ତ ସେବାୟତ, ନିଯୋଗ ଏବଂ ରାଜ୍ୟବାସୀଙ୍କ ଏକାନ୍ତ ସହଯୋଗର ଆବଶ୍ୟକତା ରହିଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।



ଶୁକ୍ରବାର ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚଳିତ ରଥଯାତ୍ରା ଓ ଅନ୍ୟାନ୍ୟ ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦେବା ସହ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ନେଇ ଆଲୋଚନା କରିଥିଲେ। ଶୃଙ୍ଖଳିତ ନୀତିକାନ୍ତି ସହ ନିର୍ଦ୍ଧାରିତ ସମୟରେ ପହଣ୍ଡି, ରଥଟଣା, ଆଡପ ମଣ୍ଡପ ବିଜେ, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ବ୍ୟବସ୍ଥା, ଭକ୍ତଙ୍କ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ନୀତିନିର୍ଘଣ୍ଟ ନେଇ ଆଗୁଆ ସୂଚନା, ଭିଡ ନିୟନ୍ତ୍ରଣ, ଆବଶ୍ୟକ ସ୍ଥଳେ ସ୍ୱତନ୍ତ୍ର ବାରିକେଡିଂ ବ୍ୟବସ୍ଥା, ସେବାୟତ, ନିଯୋଗ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ବାବଦରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶୃଙ୍ଖଳିତ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯେପରି ରଥକାଠ ଆୟୋଜନ, ରଥ ଦଉଡି, ରଥ କପଡ଼ା ସହ ନୀତିକାନ୍ତି ପାଇଁ ଆବଶ୍ୟକ ଝୁଣା, ଚନ୍ଦନକାଠ ଆଦି ସାମଗ୍ରୀ ଇତ୍ୟାଦିର ମହଜୁଦ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଦଇତାପତି ନିଯୋଗ ସଭାପତି ଗଣେଶ ଦାସ ମହାପାତ୍ର, ସାଧାରଣ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ସମେତ ଆଇନ ବିଭାଗ ଓ ପୁରୀ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ଦଇତାପତି ନିଯୋଗର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।